ବର୍ଷ-୨୪, ସଂଖ୍ୟା-୩୦୫
ଭୁବନେଶ୍ୱର
୦୯ ଡିସେମ୍ବର, ୨୦୨୪ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 305
Bhubaneswar
09 December, 2024 Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat


ଚର୍ଚ୍ଚାରେ ଜୁହିଙ୍କ ଝିଅ ଜାହ୍ନବୀ

# ଲୋକଙ୍କ ସରକାର, ଚାଷୀଙ୍କ ସରକାର : ମୁଖ୍ୟମନ୍ତ୍ରୀ



- ସୋହେଲାରେ ଚାଷୀ ସମାବେଶରେ ଚାଷୀଭାଇମାନେ ପାଇଲେ ୮୦୦ ଟଙ୍କା
- ଆଜି ୨୧,୫୦୦ ଚାଷୀ ପାଇଲେ ଇନପୁଟ୍ ସହାୟତା
- କୃଷି ଓ କୃଷକମାନଙ୍କ ପାଇଁ ଆଜିର ଦିନଟି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ

## ୬ ମାସ ମଧ୍ୟରେ ସବୁ ପ୍ରତିଶ୍ରୁତି ପୂରଣ କରାଗଲା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୮।୧୨(**ମହାଭାରତ**): ନୂଆ ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ସାଧାରଣ ଲୋକଙ୍କ ସମସ୍ୟା ଶୁଣି ଲୋକଙ୍କ ସରକାର ଆଖ୍ୟା ପାଇଥିଲେ। ମା ମାନଙ୍କୁ ସୁଭଦ୍ରା ଯୋଜନାରେ ସହାୟତା ଦେଇ ମା ମାନଙ୍କ ସରକାର ଭାବେ ମଧ୍ୟ ସୁନାମ କରିଥିଲେ। ଆଜି ଚାଷୀ ମାନଙ୍କୁ ଧାନ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ଇନପୁଟ ସବସିଡି ଦେଇ, ସରକାର ହୋଇଛନ୍ତି 'ଚାଷୀଙ୍କ ସରକାର'। ବରଗଡର ସୋହେଲାରେ ଉତ୍ସବର ସମାବେଶୟ ଚାଷୀ ଭାଇମାନଙ୍କ ମଧ୍ୟରେ ଆଜି ଖୁସିର ଲହର । ଲୋକଙ୍କ ସରକାର ଆଜି ଚାଷୀ ଭାଇ ମାନଙ୍କୁ ଦେଉଛନ୍ତି ସେମାନଙ୍କ ପରିଶ୍ରମର ମୂଲ୍ୟ।

ଚାଷୀମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଚାଷୀମାନଙ୍କୁ ଧାନର ସର୍ବନିମ୍ନ ମୂଲ୍ୟ ୨୩୦୦ ଟଙ୍କା ଉପରେ ଆଜି ଅତିରିକ୍ତ ୮୦୦ ଟଙ୍କା ଇନପୁଟ ସବସିଡି ପ୍ରଦାନର ଶୁଭାରମ୍ଭ କରିଛନ୍ତି। ଚାଷୀମାନେ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପାଇଲେ।

ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜୁନ୍ ୧୨ ତାରିଖରେ ଆମ ସରକାର ଗଠନ ହେବା ପରେ ପ୍ରଥମ କ୍ୟାବିନେଟରେ ଯେଉଁ ଚାରିଟି ପ୍ରମୁଖ ନିଷ୍ପତ୍ତି ନେଇଥିଲେ, ସେ ସବୁ ନିଷ୍ପତ୍ତି ୬ ମାସ ମଧ୍ୟରେ ପୂରଣ କରାଗଲା।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୪ଟି ନିଷ୍ପତ୍ତି ମଧ୍ୟରୁ ଧାନ କିଣା ବାବଦକୁ ୩୧୦୦ ଟଙ୍କା ପ୍ରଦାନ କରିବା ଏକ ମୁଖ୍ୟ ନିଷ୍ପତ୍ତି ଥିଲା। ବରଗଡର ଏହି ସୋହେଲା ମାଟିରେ, ଆପଣମାନଙ୍କୁ ଆମେ ଯେଉଁ ପ୍ରତିଶୃତି ଦେଇଥିଲୁ, ତାହା ପୁରଣ କଲୁ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ଭାଷାରେ, ମୋଦୀ କି ଗ୍ୟାରେଣ୍ଟି ମତଲବ, ଗ୍ୟାରେଣ୍ଟି ପୁରି ହୋନେ କି ଗ୍ୟାରେଣ୍ଟି। ଆଜି ଆମର ସେଇସବୁ ଗ୍ୟାରେଣ୍ଟି ପୁରଣ ହୋଇଛି। ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲା ହେବା ହେଉ କିମ୍ବା ଶ୍ରୀମନ୍ଦିର ଉନ୍ନତିକରଣ ପାଇଁ ୫୦୦ କୋଟି ଟଙ୍କାର କର୍ପସ ଫଣ୍ଡ ହେଉ; ସୁଭଦ୍ରା ଯୋଜନା ହେଉ କିମ୍ବା ଚାଷୀଭାଇମାନଙ୍କୁ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ହେଉ – ଆଜି ଆମ ସରକାର ଆପଣମାନଙ୍କୁ ଦେଇଥିବା ଚାରିଟି ଯାକ ପ୍ରତିଶୃତି, ଆଜି ପୂରଣ ହୋଇଛି ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ଦିନଟି ସାରା ଓଡିଶା ପାଇଁ ଏକ ଐତିହାସିକ ଦିନ। ବିଶେଷ କରି, କୃଷି ଓ କୃଷକମାନଙ୍କ ପାଇଁ ଆଜିର ଦିନଟି ନିଶ୍ଚିତ ଭାବରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ।ଆଜି ଆପଣମାନଙ୍କ ସରକାର, ଆପଣମାନଙ୍କୁ, ଓଡିଶାର ଲକ୍ଷ ଲକ୍ଷ ଚାଷୀ ଭାଇଭଉଣୀ ମାନଙ୍କୁ ସେମାନଙ୍କ କଠୋର ପରିଶ୍ରମର ପ୍ରକୃତ ମୂଲ୍ୟ ପ୍ରଦାନ କରିବାକୁ ଆଗେଇ ଆସିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବରଗଡ ଜିଲ୍ଲାର ସୋହେଲା ଠାରୁ ଆରମ୍ଭ କରିବାର ମୁଖ୍ୟତଃ ଦୁଇଟି ଉଦ୍ଦେଶ୍ୟ ରହିଛି। ପ୍ରଥମଟି ହେଉଛି, ଏଠାରେ ଆମର ଅନ୍ନଦାତା ଚାଷୀଙ୍କୁ ୨୦୧୬ ମସିହାରେ ପ୍ରତାରଣାର ପ୍ରତିଶୃତି ଦିଆଯାଇଥିଲା। କୁଇଣ୍ଟାଲ ପିଛା ଏକ ଶହ ଟଙ୍କା ଦେବା ପାଇଁ ମିଛ ପ୍ରତିଶୃତି ଦିଆଯାଇଥିଲା।

ସେ ମିଛ ପ୍ରତିଶୃତି ଓ ପ୍ରତାରଣାର ଉଚିତ ଜବାବ ସ୍ୱରୂପ ମୁଁ ଆପଣମାନଙ୍କ ପାଖକୁ ଆସି କୁଇଣ୍ଟାଲ ପିଛା ୮୦୦ ଟଙ୍କା ଅଧିକ ଇନପୁଟ ସବସିଡି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ହେଉଛି ଆମ ସରକାରର କଥା ଦେଇ କଥା ରଖିବାର ପ୍ରତିବଦ୍ଧତା।

ଦ୍ୱିତୀୟଟି ହେଉଛି, ବରଗଡ ଜିଲ୍ଲା ହେଉଛି ଓଡିଶାର ଭାତ ହାଣ୍ଡି। ଏ ଜିଲ୍ଲାର ଚାଷୀଭାଇ ଓ ଭଉଣୀମାନେ କଠିନ ପରିଶ୍ରମ କରି ସାରା ଓଡିଶାରେ ସବୁଠାରୁ ଅଧିକ ଧାନ ଉତ୍ପାଦନ କରିଥାନ୍ତି। ରାଜ୍ୟର ଖାଦ୍ୟ ସୁରକ୍ଷା ପାଇଁ ବରଗଡ ଜିଲ୍ଲାର ଅବଦାନ ମହତ୍ୱପୂର୍ଣ୍ଣ।

ଆମ ଚାଷୀଭାଇ ଓ ଭଉଣୀମାନେ ହେଉଛନ୍ତି ଦେଶର ଅନ୍ନଦାତା। ସେମାନଙ୍କ ପ୍ରଗତି ନ ହେଲେ, ଦେଶର ପ୍ରଗତି ଅସମ୍ଭବ। ଚାଷୀ ତାର ଉତ୍ପାଦର ଉଚିତ ମୂଲ୍ୟ ପାଇବା ନିତାନ୍ତ ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ନଭେମ୍ବର ୨୦ ତାରିଖ ଠାରୁ ଧାନସଂଗ୍ରହ ଆରମ୍ଭ କରାଯାଇଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ୨୧,୫୦୦ ଚାଷୀ ଇନପୁଟ ସହାୟତା ପାଇଲେ। ଆଜି ଠାରୁ ଧାନ ସଂଗ୍ରହର ୪୮ ଘଣ୍ଟା ମଧ୍ୟରେ ଆପଣମାନେ, କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଡିବିଟି ଜରିଆରେ ପାଇବେ ବୋଲି ସେ ସୂଚନା ଦେଇଥିଲେ।

କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ବରଗଡ ସାଂସଦ ପ୍ରଦୀପ ପୁରୋହିତ, ଭଟଲି ବିଧାୟକ ଇରାଶିସ ଆଚାର୍ଯ୍ୟ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ମହାନନ୍ଦ, ବିଜେପୁର ବିଧାୟକ ସନତ କୁମାର ଗର୍ତିଆ। ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ଅଭିଭାଷଣ ରଖିଥିଲେ। ପଦ୍ମଶ୍ରୀ ହଳଧର ନାଗ ଓ ପଦ୍ମଶ୍ରୀ ଭାଗବତ ପ୍ରଧାନ ମଧ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଓଡ଼ିଶାକୁ ୭ ଜାତୀୟ ପଞ୍ଚାୟତ ପୁରସ୍କାର

**ନୂଆଦିଲ୍ଲୀ/ଭୁବନେଶ୍ୱର,୮।୧୨(ପିଆଇବି):** ୨୦୨୪ ମସିହା ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ ସମାରୋହ ଆସନ୍ତା ୧୧ରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଅନୁଷ୍ଠିତ ହେବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୁରସ୍କାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିବେ। ଓଡ଼ିଶାକୁ ମିଳିବ ମୋଟ୍ ୭ ପୁରସ୍କାର ମିଳିବ ବୋଲି ଘୋଷଣା କରାଯାଇଛି। କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟ ମୂଲ୍ୟାଙ୍କନ ବର୍ଷ ୨୦୨୨-୨୦୨୩ ପାଇଁ ସମ୍ମାନଜନକ ଜାତୀୟ ପଞ୍ଚାୟତ ପୁରସ୍କାରର ବିଜେତାଙ୍କ ନାମ ଘୋଷଣା କରିଛି। ତୃଣମୂଳ ସ୍ତରରେ ସମାବେଶୀ ଏବଂ ନିରନ୍ତର ବିକାଶକୁ ଆଗେଇ ନେବାରେ ସାରା ଦେଶରେ ପଞ୍ଚାୟତି ରାଜ ଅନୁଷ୍ଠାନଗୁଡ଼ିକର ଉଲ୍ଲେଖନୀୟ ପ୍ରୟାସକୁ ସ୍ୱୀକୃତି ଦେଇ ଏହି ପୁରସ୍କାର ଉତ୍କର୍ଷତାର ଏକ ମାନଦଣ୍ଡ ଭାବରେ କାର୍ଯ୍ୟ କରେ।

ଜାତୀୟ ପଂଚାୟତ ପୁରସ୍କାରରେ ଓଡ଼ିଶା ମୋଟ୍ ୭ଟି ପୁରସ୍କାର ପାଇବାକୁ ମନୋନୀତ ହୋଇଛି । ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ୍ କେଲୁଆପଲ୍ଲିକୁ ସୁସ୍ଥ ପଂଚାୟତ ଭାବେ ଦୀନଦୟାଲ ଉପାଧ୍ୟାୟ ପଂଚାୟତ ସତତ ବିକାଶ ପୁରସ୍କାର ଦେବାକୁ ଚୟନ କରାଯାଇଛି । ସେହିପରି ଆତ୍ମନିର୍ଭରଶୀଳ ଭିତ୍ତିଭୂମି ନିର୍ମାଣ ପାଇଁ ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁର ସାହାପୁର ପଂଚାୟତକୁ ଏହି ବର୍ଗରେ ପୁରସ୍କୃତ କରାଯିବ। ଏହି ଜିଲ୍ଲାର ଛତ୍ରପୁରକୁ ଶ୍ରେଷ୍ଠ ବ୍ଲକ୍ ପଂଚାୟତ ରୂପେ ନାନାଜି ଦେଶମୁଖ ସର୍ବୋତ୍ତମ ପଂଚାୟତ ସତତ ବିକାଶ ପୁରସ୍କାର ପାଇଁ ମନୋନୀତ କରାଯାଇଛି । ସେହିପରି କୋରାପୁଟକୁ ଶ୍ରେଷ୍ଠ ଜିଲ୍ଲା ପଂଚାୟତ ରୂପେ ଏହି ବର୍ଗରେ ପୁରସ୍କୃତ କରାଯିବ । ସୁନ୍ଦରଗଡ଼ ଜିଲ୍ଲାର କୋଇଡ଼ା ବ୍ଲକ କାସିରା ପଂଚାୟତକୁ ଗ୍ରାମ ଉର୍ଜା ସ୍ୱରାଜ ବିଶେଷ ପଂଚାୟତ ପୁରସ୍କାର ଦିଆଯିବ। ଏହି ଜିଲ୍ଲାର ବଣାଇଗଡ଼ ବ୍ଲକ କେନ୍ଦ୍ରିକେଲା ପଂଚାୟତକୁ ଅଙ୍ଗାରକାମ୍ଳ ମୁକ୍ତ ବିଶେଷ ପଂଚାୟତ ପୁରସ୍କାର ପ୍ରଦାନ କରାଯିବ। ଓଡ଼ିଶାର ରାଜ୍ୟ ଗ୍ରାମୀଣ ବିକାଶ ଓ ପଂଚାୟତିରାଜ ପ୍ରତିଷ୍ଠାନକୁ ପଂଚାୟତ କ୍ଷମତା ନିର୍ମାଣ ସର୍ବୋତ୍ତମ ସଂସ୍ଥାନ ପୁରସ୍କାର ପ୍ରଦାନ କରିବା ଲାଗି ମନୋନୀତ କରାଯାଇଛି ।

## ପିଏସୟୁ ଅଧିକାରୀଙ୍କ ସମେତ ୩ ଗିରଫ

ଭୁବନେଶ୍ୱର,୮।୧୨(**ମହାଭାରତ**): ଗତକାଲି ଭୁବନେଶ୍ୱରରେ ଏକ ବିଳାସପୂର୍ଣ୍ଣ ଗାଡିରୁ ନଗଦ ଟଙ୍କା ଜବତ ଘଟଣାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ରବିବାର ତିନି ଜଣଙ୍କୁ ଗିରଫ କରିଛି। ସିବିଆଇ ଅଧିକାରୀମାନେ ବିଳାସପୂର୍ଣ୍ଣ (ମର୍ସିଡିଜ୍) ଓଡି-୦୫-ବିଭି-୯୯୯୯ ଗାଡିରୁ ପ୍ରାୟ ୧୦ ଲକ୍ଷ ଟଙ୍କା ଜବତ କରିଥିଲେ। ଟଙ୍କା ଜବତ ପରେ ପଚରାଉଚରା ପାଇଁ ସିବିଆଇ ଟିମ୍ କାରରେ ଥିବା ଲୋକଙ୍କୁ ଅଟକ ରଖିଥିଲା। ତେବେ ମାମଲାରେ ସିବିଆଇ ଆଜି ଭୁବନେଶ୍ୱରସ୍ଥିତ ପେଣ୍ଟା-ଏ ଷ୍ଟୁଡିଓର ନିର୍ଦ୍ଦେଶକ ସନ୍ତୋଷ ମହାରଣା, ସ୍ପେସିଆଲ କ୍ଲାସ କଣ୍ଟ୍ରାକ୍ଟର ଦେବଦତ୍ତ ମହାପାତ୍ର ଏବଂ କେନ୍ଦ୍ରୀୟ ସରକାରର ଏକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବ୍ରିଜ ଏବଂ ରୁଫ୍ କମ୍ପାନୀ (ଇଣ୍ଡିଆ) ଲିମିଟେଡର ଗ୍ରୁପ ଜେନେରାଲ ମ୍ୟାନେଜର (ଜିଜିଏମ) ଚଞ୍ଚଳ ମୁଖାର୍ଜୀଙ୍କୁ ଗିରଫ କରିଛି। ସୂତ୍ରାନୁସାରେ ଏହି ତିନିଜଣ ଟେଣ୍ଡର ଫିକ୍ସିଂ ଏବଂ ଅନିୟମିତତାରେ ସମ୍ପୃକ୍ତ ଥିଲେ। ଅଭିଯୁକ୍ତଙ୍କଠାରୁ ସମ୍ପୂର୍ଣ୍ଣ ଲାଞ୍ଚ ଟଙ୍କା ଉଦ୍ଧାର କରାଯାଇଛି। ଏହି ତିନି ଅଭିଯୁକ୍ତଙ୍କୁ ଏଠାରେ ଏକ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର କରାଯାଇଥିଲା। ଅଭିଯୁକ୍ତଙ୍କୁ ତିନି ଦିନ ପାଇଁ ରିମାଣ୍ଡରେ ନେବାକୁ କୋର୍ଟ ଅନୁମତି ଦେଇଛନ୍ତି।

ସିବିଆଇ ଅନୁଯାୟୀ ମୁଖାର୍ଜୀ ମହାପାତ୍ରଙ୍କଠାରୁ ଲାଞ୍ଚ ହିସାବରେ ୧୦ ଲକ୍ଷ ଟଙ୍କା ମାଗିଥିଲେ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବାବେଳେ ମୁଖାର୍ଜୀଙ୍କୁ ରେଡ୍ ହ୍ୟାଣ୍ଡେଡ ଧରିବା ପାଇଁ କେନ୍ଦ୍ରୀୟ ଏଜେନ୍ସି ଏକ ଜାଲ ବିଛାଇଥିଲା।ବିଜ୍ଞପ୍ତିରେ କୁହାଯାଇଛି ଯେ, ସିବିଆଇ ୭ ଡିସେମ୍ବର, ୨୦୨୪ ରେ ଏହି ମାମଲାରେ ଜିଜିଏମ୍, ଭୁବନେଶ୍ୱରର ଏକ ଘରୋଇ କମ୍ପାନୀର ନିର୍ଦ୍ଦେଶକ, ଅନ୍ୟ ଏକ ବ୍ୟକ୍ତି ଏବଂ ଅଜ୍ଞାତ ସରକାରୀ ଓ ଘରୋଇ ବ୍ୟକ୍ତିମାନେ ଲାଞ୍ଚଦାନ ଏବଂ ବିଲ୍ ମଂଜୁରୀ କରିବାକୁ ଦେଇ ଏହି ମାମଲା ଆରମ୍ଭ କରିଛି। ଅଭିଯୁକ୍ତ ଜିଜିଏମ୍ ୬ ଡିସେମ୍ବର, ୨୦୨୪ ରେ ଭୁବନେଶ୍ୱରର ତାଙ୍କର କାର୍ଯ୍ୟାଳୟରେ ଘରୋଇ କମ୍ପାନୀର ନିର୍ଦ୍ଦେଶକ ଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ଦାବି କରିଥିଲେ।

## ଲୁହ ବୁହା ଗ୍ୟାସ ପରେ ଚାଷୀଙ୍କ ଉପରକୁ ଫୁଲ ପକାଇଲା ପୁଲିସ୍



ନୂଆଦିଲ୍ଲୀ,୮।୧୨(**ମହାଭାରତ**): ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି) ଉପରେ ଆଇନଗତ ମାନ୍ୟତା ଦାବି କରି ଆଜି ପୁଣିଥରେ ପଞ୍ଜାବ-ହରିୟାଣା ବର୍ଡର ଶମ୍ଭୁ ଠାରୁ ୧୦୧ ଜଣ ଚାଷୀ ଆରମ୍ଭ କରିଥିବା ଦିଲ୍ଲୀ ଚଲୋ ଯାତ୍ରାକୁ ପୁଣି ଗୋଟିଏ ଦିନ ପାଇଁ ବନ୍ଦ କରି ଦିଆଯାଇଛି। ଆଜି ସେମାନେ ମଧ୍ୟାହ୍ନ ସମୟରେ ପଦଯାତ୍ରା ଆରମ୍ଭ କରିଥିଲେ।କିନ୍ତୁ ଶମ୍ଭୁ ସୀମାନ୍ତରେ ଲାଗିଥିବା ବ୍ୟାରିକେଡ ନିକଟରେ ପହଞ୍ଚିବା କ୍ଷଣି ପୁଲିସ୍ ସେମାନଙ୍କ ଉପରକୁ ଲୁହ ବୁହା ଗ୍ୟାସ ମାଡ଼ କରିଥିଲା। ବିକ୍ଷୋଭକାରୀମାନେ ବ୍ୟାରିକେଡ ଆଡ଼କୁ ମାଡ଼ି ଆସୁଥିବା ବେଳେ ସେମାନଙ୍କୁ ଘଉଡ଼ାଇବା ପାଇଁ ପୁଲିସ୍ ଟିୟର ଗ୍ୟାସ ସେଲ ମାଡ଼ କରିଥିଲା। ଏହାକୁ ନେଇ ଦୁଇ ପକ୍ଷ ମଧ୍ୟରେ ଧସ୍ତାଧସ୍ତି ସ୍ଥିତି ମଧ୍ୟ ଦେଖିବାକୁ ମିଳିଛି।

ପୁଲିସ୍ ପକ୍ଷରୁ ଚାଷୀମାନଙ୍କୁ ଦିଲ୍ଲୀ ଚଲୋ ଯାତ୍ରା ପାଇଁ ମିଳିଥିବା ଅନୁମତିପତ୍ର ଦେଖାଇବାକୁ କୁହାଯାଇଥିଲାୟ ଏହାକୁ ନେଇ ପ୍ରଥମେ ଯୁକ୍ତିତର୍କ ଓ ପରେ ଧସ୍ତାଧସ୍ତି ସ୍ଥିତି ସୃଷ୍ଟି ହୋଇଥିଲାୟ ବେଶ କିଛି ସମୟ ଉତ୍ତେଜନା ପରେ ଚାଷୀମାନେ ପୁଣି ବ୍ୟାରିକେଡ ଠାରୁ ପଛକୁ ଘୁଞ୍ଚି ରାସ୍ତାରେ ବିକ୍ଷୋଭ ଆରମ୍ଭ କରିଛନ୍ତି। ଏହି ସମୟରେ ପ୍ରଥମେ ଲୁହ ବୁହା ଗ୍ୟାସ ମାଡ଼ କରିଥିବା ପୁଲିସ୍ ସେମାନଙ୍କ ଉପରକୁ ଫୁଲ ପାଖୁଡ଼ା ପକାଇ ଆଶ୍ୱସନା ଦେବାକୁ ଚେଷ୍ଟା କରିଛି। ପୁଲିସ ଫୁଲ ପକାଉଥିବାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ଫୁଲ ପକାଇ ପୁଲିସ୍ ଚାଷୀମାନଙ୍କୁ ଶାନ୍ତି ଶୃଙ୍ଖଳା ବଜାୟୀ ରଖିବାକୁ ମଧ୍ୟ ନିବେଦନ କରିଛି।ତେବେ ପୁଲିସର ଲୁହ ବୁହା ଗ୍ୟାସ ମାଡ଼ ଯୋଗୁ ପୁଣିଥରେ କିଛି ଚାଷୀ ଆହତ ହୋଇଛନ୍ତି। ଏଥିପାଇଁ ଚାଷୀମାନେ ସେମାନଙ୍କ ଦିଲ୍ଲୀ ଚଲୋ ଯାତ୍ରାକୁ ଗୋଟିଏ ଦିନ ବନ୍ଦ ରଖିବାକୁ ନିଷ୍ପତ୍ତି। ଶମ୍ଭୁ ସୀମାନ୍ତଙ୍କୁ ବିକ୍ଷୋଭ ପ୍ରତ୍ୟାହାର ହେଉଥିବା ଚାଷୀ ନେତା ସରବନ ସିଂହ ପାନ୍ଧେର ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଆଜି ଆମେ ଦିଲ୍ଲୀ ଚଲୋ ଯାତ୍ରାକୁ ପ୍ରତ୍ୟାହାର କରୁଛୁ। କିନ୍ତୁ ଆଜି ବିକ୍ଷୋଭ ଜାରି ରହିବ। ଟିୟର ଗ୍ୟାସ ସେଲ ମାଡ଼ରେ ଜଣେ ଚାଷୀ ଗୁରୁତର ହୋଇ ପିଜିଆଇରେ ଭର୍ତ୍ତି ହୋଇଛନ୍ତି। ଆହୁରି ୮ରୁ ୯ ଜଣ ଆହତ ହୋଇଛନ୍ତି। ଆନ୍ଦୋଳନର ପରବର୍ତ୍ତୀ କାର୍ଯ୍ୟପନ୍ଥା ଆଗାମୀ ଦିନରେ ନିର୍ଦ୍ଧାରଣ କରାଯିବ ବୋଲି ସେ କହିଛନ୍ତି।ବିକ୍ଷୋଭ କରୁଥିବା ଜଣେ ଚାଷୀ କହିଛନ୍ତି, ପୁଲିସ୍ ଆମକୁ ପରିଚୟ ପତ୍ର ମାଗିଥିଲା। ହେଲେ ସେମାନେ ଆମକୁ ଦିଲ୍ଲୀ ଯିବାକୁ ଅନୁମତି ଦେବାକୁ ଗ୍ୟାରେଣ୍ଟୀ ଦେଇ ନଥିଲେ। ଦିଲ୍ଲୀ ଯିବାକୁ ଅନୁମତି ନଥିବା ସେମାନେ କହିଥିଲେ। ଏପରି ସ୍ଥିତିରେ ଆମେ କାହିଁକି ପରିଚୟପତ୍ର ଦେଖାଇବୁ ? ସେମାନେ ଯଦି ଦିଲ୍ଲୀ ଯିବାକୁ ଆମକୁ ଅନୁମତି ଦେବେ, ତା'ହେଲେ ଆମେ ସେମାନଙ୍କୁ ପରିଚୟପତ୍ର ଦେଖାଇବୁ।

### ଦିନକ ପାଇଁ ବନ୍ଦ ହେଲା ପଦଯାତ୍ରା

## ୧୬ରୁ ରତ୍ନଭଣ୍ଡାର ମରାମତି

**ପୁରୀ,୮।୧୨(ମହାଭାରତ):** ଶ୍ରୀମନ୍ଦିରର ରତ୍ନଭଣ୍ଡାର ମରାମତି ନେଇ ଏଏସଆଇ ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ୧୬ ତାରିଖଠାରୁ ଆରମ୍ଭ ହେବ ରତ୍ନଭଣ୍ଡାର ମରାମତି କାର୍ଯ୍ୟ। ଏନେଇ ଆସନ୍ତା ଦୁଇଦିନ ଭିତରେ ବୈଠକ ବସିବ ବୋଲି ସୂଚନା ମିଳିଛି। ମରାମତି କରିବା ପାଇଁ ଦିନକୁ ୫ଘଣ୍ଟାର ସମୟ ଆବଶ୍ୟକ। ଗତ ଜୁଲାଇ ମାସରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଯାଞ୍ଚ ପାଇଁ ଖୋଲାଯାଇଥିଲା । ସମସ୍ତ ଅଳଙ୍କାର ସିନ୍ଦୁକରେ ନେଇ ଶ୍ରୀମନ୍ଦିରରେ କରାଯାଇଥିବା ଅସ୍ଥାୟୀ ଷ୍ଟ୍ରଙ୍ଗ ରୁମରେ ରଖାଯାଇଛି। କିନ୍ତୁ ଏ ପର୍ଯ୍ୟନ୍ତ ରତ୍ନଭଣ୍ଡାରର ମରାମତି କାମ ଆରମ୍ଭ ହୋଇନାହିଁ। ପୂର୍ବରୁ କାର୍ତ୍ତିକ ମାସ ପରେ ରତ୍ନଭଣ୍ଡାର ମରାମତି କରାଯିବ ବୋଲି କୁହାଯାଇଥିଲା।

## ବଢିପାରେ ଶକ୍ତିକାନ୍ତ ଦାସଙ୍କ କାର୍ଯ୍ୟକାଳ

ନୂଆଦିଲ୍ଲୀ,୮।୧୨(**ମହାଭାରତ**): ରିଜର୍ଭ ବ୍ୟାଙ୍କର ବର୍ତ୍ତମାନର ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ କାର୍ଯ୍ୟକାଳ ଡିସେମ୍ବର ୧୦ ରେ ଶେଷ ହେବ। ଏହା ପରେ ନୂତନ ଗଭର୍ଣ୍ଣରଙ୍କୁ ନେଇ ଅନେକ କଳ୍ପନାଜଳ୍ପନା ଚାଲିଛି। ଏହାରି ଭିତରେ ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ସାକ୍ଷାତ କରିଛନ୍ତି ଶକ୍ତିକାନ୍ତ। ଆଉ ଏହି ଆଲୋଚନା ପରେ ଶକ୍ତିକାନ୍ତଙ୍କ କାର୍ଯ୍ୟକାଳ ପୁଣି ବଢିପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ଯଦି କାର୍ଯ୍ୟକାଳ ସମ୍ପ୍ରସାରଣ ହୁଏ, ତେବେ ୧୯୪୯ ରୁ ୧୯୫୭ ପର୍ଯ୍ୟନ୍ତ ସାଢେ ସାତ ବର୍ଷ ଧରି ଏହି ପଦବୀରେ ଅବସ୍ଥାପିତ ବେନେଗାଲ୍ ରାମା ରାଓଙ୍କ ପରେ ଶକ୍ତିକାନ୍ତ ଦାସ ଦୀର୍ଘତମ ସେବା କରୁଥିବା ଆରବିଆଇ ଗଭର୍ଣ୍ଣର ହେବେ। ଶକ୍ତିଦାସ ଦାସ ୬ ବର୍ଷ ଧରି ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ରହିଆସିଛନ୍ତି। ତେବେ ଡିସେମ୍ବର ୧୦ ପରେ କୌଣସି ସମ୍ଭାବ୍ୟ ସମ୍ପ୍ରସାରଣ ବିଷୟରେ ଏପର୍ଯ୍ୟନ୍ତ କୌଣସି ସୂଚନା ଆସିନାହିଁ ।

## ପ୍ରୟାଗରାଜ ମହାକୁମ୍ଭକୁ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ

ଭୁବନେଶ୍ୱର,୮।୧୨(ମହାଭାରତ): ଆସନ୍ତା ବର୍ଷ ପ୍ରୟାଗରାଜରେ ଅନୁଷ୍ଠିତ ହେବାକୁ ଯାଉଥିବା ମହାକୁମ୍ଭ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନିମନ୍ତ୍ରଣ ପଠାଇଛନ୍ତି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ।ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ସେଠାକାର ଶ୍ରମ ଓ ନିଯୋଜନ ମନ୍ତ୍ରୀ ଅନୀଲ ରାଜଭର ଏବଂ ଖାଦ୍ୟ ଓ ଯୋଗାଣ ରାଷ୍ଟ୍ର ମନ୍ତ୍ରୀ ସତୀଶ ଚନ୍ଦ୍ର ଶର୍ମା ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସଭବନରେ ଭେଟି ମହାକୁମ୍ଭରେ ଯୋଗ ଦେବା ପାଇଁ ନିମନ୍ତ୍ରଣ କରିଥିଲେ।ଉତ୍ତର ପ୍ରଦେଶର ଏହି ମନ୍ତ୍ରୀ ଦ୍ୱୟ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଗଙ୍ଗା ଜଳରେ ପୂର୍ଣ୍ଣ ଏକ ଶୁଭ କଳସ ଓ ମହାକୁମ୍ଭର ଏକ ଲୋଗୋ ପ୍ରଦାନ କରିଥିଲେ। ଏହି ସମୟରେ ରାଜ୍ୟ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚ



ଶିକ୍ଷା ତଥା କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ଥିଲେ। ୨୦୨୫ ଜାନୁଆରୀ ୧୩ ତାରିଖରୁ ଫେବ୍ରୁଆରୀ ୨୬ ତାରିଖ ପର୍ଯ୍ୟନ୍ତ ପ୍ରୟାଗରାଜରେ ଅନୁଷ୍ଠିତ ହେବ ମହାକୁମ୍ଭ।

## କେନ୍ଦ୍ରୀୟ ଡେପୁଟେସନରେ ଯିବେ ଡି.ଏସ୍ କୁଟ୍ଟେ

**ଭୁବନେଶ୍ୱର,୮।୧୨(ମହାଭାରତ):** ଭାରତୀୟ ପୋଲିସ ସେବାର ଅଧିକାରୀ ଡି.ଏସ୍ କୁଟ୍ଟେ କେନ୍ଦ୍ରୀୟ ଡେପୁଟେସନରେ ଯିବେ। ଶ୍ରୀ କୁଟ୍ଟେ ବିଏସ୍ଏଫ୍ ଆଇଜି ଭାବେ କାର୍ଯ୍ୟରେ ଯୋଗଦେବେ। ବର୍ତ୍ତମାନ ସେ ଗୃହ ବିଭାଗର ଓଏସଡି ଅଛନ୍ତି। ୨୦୨୮ରେ ଅବସର କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବିଏସ୍ଏଫ୍ ଆଇଜି ଭାବେ ଦାୟିତ୍ୱରେ ରହିବେ। ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ମୁଖ୍ୟ ସଚିବଙ୍କୁ ଚିଠି ଲେଖାଯାଇଥିବା ଜଣାପଡିଛି। ଏ ମର୍ମରେ କେନ୍ଦ୍ର ସରକାରଙ୍କ ଅଣ୍ଡର ସେକ୍ରେଟାରୀ ସଞ୍ଜୀବ କୁମାର ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ନିକଟକୁ ଏକ ପତ୍ର ଲେଖି ତୁରନ୍ତ ଶ୍ରୀ କୁଟ୍ଟେଙ୍କୁ ଭାରମୁକ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଜଣାଇଛନ୍ତି।

# ମଣ୍ଡେଇ ଉଦ୍‌ଯାପିତ : ନବରଙ୍ଗପୁର ଜିଲ୍ଲା ପାଇଁ ୪୬୦ କୋଟିର ପ୍ରକଳ୍ପ ଭେଟି

**ନବରଙ୍ଗପୁର,,୮।୧୨**(ମହାଭାରତ): ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟର ଗନ୍ତାଘର ନବରଙ୍ଗପୁର ଜିଲ୍ଲାର ଡଙ୍ଗର ପାହାଡ ଓ ଜଙ୍ଗଲର ଶାନ୍ତ ସବୁଜ ପରିବେଶକୁ ଦେଖିଲେ ସ୍ୱର୍ଗୀୟ ସୁଖ ଅନୁଭବ ହୋଇଥାଏ ଜନଜାତି ବହୁଳ ନବରଙ୍ଗପୁର ଜିଲ୍ଲାର ନିଜସ୍ୱ ସଂସ୍କୃତି ଓ ଜନଜାତି ଜୀବନଧାରା ଓଡିଶାର ସାଂସ୍କୃତିକ ଚିତ୍ରପଟ୍ଟକୁ ଗରିମାମୟ କରିଛି ଜନଜାତି ସଂପ୍ରଦାୟଙ୍କ କଳା, ସଂସ୍କୃତି ଓ ପରମ୍ପରା ଭିତରେ ଲୁଚି ରହିଥିବା ବାସ୍ତବତାକୁ ଲୋକଲୋଚନକୁ ଆଣୁଛି ଏହି ମହୋତ୍ସବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବରଙ୍ଗପୁର ଜିଲ୍ଲାର କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ଭାଇଚାରାର ଭବ୍ୟ ମହୋତ୍ସବ ମଣ୍ଡେଇ ୨୦୨୪ ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲାବାସୀଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବରଙ୍ଗପୁର ଜିଲ୍ଲାର ବିକାଶ ପାଇଁ ୪୬୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ୨୬୧ଟି ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ।

ନବରଙ୍ଗପୁର ହିର୍ଲି ମଣ୍ଡେଇ ପଡିଆରେ ତିନି ଦିନ ଧରି ଆୟୋଜିତ ହେଉଥିବା ମଣ୍ଡେଇ ୨୦୨୪ ଉଦ୍‌ଯାପନୀ ସମାରୋହରେ ଆଜି ମୁଖ୍ୟମନ୍ତ୍ରୀ ଯୋଗଦେଇ ଆହୁରି ମଧ୍ୟ କହିଥିଲେ ଯେ, ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ନବରଙ୍ଗପୁର ମାଟି ହେଉଛି ମହାନ ସ୍ୱାଧୀନତା ସଂଗ୍ରାମୀମାନଙ୍କର ବଳିଦାନର ପୀଠ। ନବରଙ୍ଗପୁରର ଐତିହ୍ୟ, ପର୍ଯ୍ୟଟନ ସ୍ଥଳୀ, ପ୍ରାକୃତିକ ଶୋଭାରାଜି, ଲୋକ ସଂସ୍କୃତି, ଲୋକକଳା, ହସ୍ତଶିଳ୍ପ ଓ ଜିଲ୍ଲାର ବିକାଶର ଚିତ୍ରକୁ ପ୍ରତିଫଳିତ କରିବା ପାଇଁ ଏହି ମହୋତ୍ସବ ଏକ ପ୍ରକୃଷ୍ଟ ମଞ୍ଚ ମଣ୍ଡେଇ ମହୋତ୍ସବ ପାଇଁ ନବରଙ୍ଗପୁର ଜିଲ୍ଲା ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ଜିଲ୍ଲା ପାଇଁ ଏହା ହେଉଛି ସାମାଜିକ ବନ୍ଧୁ ମିଳନ, ଭାବର ଆଦାନ ପ୍ରଦାନ ଓ ମାନବୀୟ ସଂସ୍କୃତିର ଏକ ବର୍ଣ୍ଣାଢ୍ୟ ଲୋକ ମହୋତ୍ସବ ଜିଲ୍ଲାର ଐତିହାସିକ ଦର୍ଶନୀୟ ସ୍ଥାନ ଗୁଡିକ ଜିଲ୍ଲାକୁ ପର୍ଯ୍ୟଟନ କ୍ଷେତ୍ରରେ ସମୃଦ୍ଧ କରିଛି ପର୍ଯ୍ୟଟନ ସ୍ଥଳୀ ଗୁଡିକର ବିକାଶ ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ଆମ ସରକାର ସ୍ୱତନ୍ତ୍ର ଭାବେ ଧ୍ୟାନ ଦେଉଛନ୍ତି।ସେ ପୁଣି କହିଥିଲେ ଯେ, ନବରଙ୍ଗପୁର ଜିଲ୍ଲାର ଅଧିକାଂଶ ଜୀବନଜୀବିକା କୃଷି କାର୍ଯ୍ୟ ଉପରେ ନିର୍ଭର କରିଥାଏ ଜିଲ୍ଲାର ଚାଷୀଭାଇମାନେ ଉନ୍ନତ ମାନର ମକା, ଧାନ, ମାଣ୍ଡିଆ ଏବଂ ପନିପରିବା ଆଦି ଚାଷ କରି ଅନ୍ୟ ଜିଲ୍ଲା ତଥା ରାଜ୍ୟ ପାଇଁ ଉଦାହରଣ ପାଲଟିଛନ୍ତି ରାଜ୍ୟରେ ଚାଷୀମାନଙ୍କ କଲ୍ୟାଣ ପାଇଁ ଆମ ନୂଆ ସରକାର ଆସିବା ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କା କରିବେ ବୋଲି ଆଜି ସେହି ପ୍ରତିଶ୍ରୁତି ପୂରଣ ହୋଇଛି ଏଣିକି ରାଜ୍ୟରେ ଚାଷୀଭାଇମାନେ ଧାନର କୁଇଣ୍ଟାଲ ପିଛା କ୍ରୟମୂଲ୍ୟ ୩୧୦୦ ଟଙ୍କା ପାଇବେ। ଜନଜାତି କଲ୍ୟାଣ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜନଜାତି ସଂପ୍ରଦାୟଙ୍କ ଉନ୍ନତିକୁ ଆମ ଡବଲ ଇଞ୍ଜିନ ସରକାର ପ୍ରାଧାନ୍ୟ ଦେଉଛନ୍ତି ନିକଟରେ ଭଗବାନ ବିର୍ସାମୁଣ୍ଡାଙ୍କ ୧୫୦ତମ ଜନ୍ମ ଦିବସ ଅବସରରେ ଆମ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଧର୍ତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଯୋଜନା ଅଧିନରେ ଅନେକ ଗୁଡିଏ କଲ୍ୟାଣକାରୀ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ଏହ ଯୋଜନାର ମୂଳ ଲକ୍ଷ୍ୟ ହେଉଛି ଜନଜାତି ସଂପ୍ରଦାୟଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବନଜୀବିକା ଓ ଭିତ୍ତିଭୂମି କ୍ଷେତ୍ରରେ ରହିଥିବା ତାରତମ୍ୟକୁ ଦୂର କରି ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଓଡିଶାର ୨୭ଟି ଜିଲ୍ଲାର ୭୬୬୭ ଗ୍ରାମକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି ଜନଜାତି ବର୍ଗଙ୍କୁ ଜଙ୍ଗଲ ଜମି ଅଧିକାର ପ୍ରଦାନ ବଳରେ ସଶକ୍ତ କରାଯାଇଛି ଏହି ଆଇନ ବଳରେ ନବରଙ୍ଗପୁର ଜିଲ୍ଲାରେ ଅଦ୍ୟାବଧି ୪୪,୫୯୨ ଟି ବ୍ୟକ୍ତିଗତ ଜଙ୍ଗଲ ଜମି ପଟ୍ଟା ଓ ୬୦ଟି ଗୋଷ୍ଠୀଗତ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଜରିଆରେ ଆଦିବାସୀ ବହୁଳ ଜିଲ୍ଲାମାନଙ୍କରେ ରୋଜଗାର ଓ ଜୀବିକାର ବ୍ୟାପକ ସୁଯୋଗ ସୃଷ୍ଟି କରାଯିବ।

ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ, ଆମ ମୁଖ୍ୟମନ୍ତ୍ରୀ ଓଡିଶାର ବିକାଶ ପାଇଁ ଦିନରାତି ଏକ କରିଦେଇଛନ୍ତି ଜଗନ୍ନାଥ ସଂସ୍କୃତି ହେଉଛି ଆମ ପରିଚୟ ଜଗନ୍ନାଥ ମନ୍ଦିରର ରକ୍ଷଣାବେକ୍ଷଣ ଓ ଓଡିଆ ଅସ୍ମିତାର ସୁରକ୍ଷା ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର କର୍ପସ ପାଣ୍ଠି ଗଠନ କରିଛନ୍ତି ମା ମାନଙ୍କୁ ସ୍ୱାବଲମ୍ବୀ ଓ ସଶକ୍ତ କରିବା ପାଇଁ ସୁଭଦ୍ରା ଯୋଜନା ମାଧ୍ୟମରେ ୮୦ ଲକ୍ଷ ମହିଳାଙ୍କୁ ସାମିଲ କରାଯାଇଛି ଆଗାମୀ ଦିନରେ ଏକ କୋଟିରୁ ଉର୍ଦ୍ଧ୍ୱ ମହିଳା ଏଥିରେ ସାମିଲ ହେବେ ଶିକ୍ଷାର ବିକାଶ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା କରିଛନ୍ତି ଦକ୍ଷିଣ ଓଡିଶାର ବିକାଶ କଥା ଆଜି ପର୍ଯ୍ୟନ୍ତ କେହି ଚିନ୍ତା କରିନଥିଲେ ମୁଖ୍ୟମନ୍ତ୍ରୀ ଦକ୍ଷିଣ ଓଡିଶା ବିକାଶ ପରିଷଦ ଗଠନ ପାଇଁ ଚିନ୍ତା କରିଛନ୍ତି।

କାର୍ଯ୍ୟକ୍ରମରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ରାଜ୍ୟସଭା ସାଂସଦ ମୁଜିବୁଲ୍ଲା ଖାନ, ଡାବୁଗାଁ ବିଧାୟକୀ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭତରା ଉପସ୍ଥିତ ରହି ନିଜ ନିଜର ଅଭିଭାଷଣ ରଖିଥିଲେ ଜିଲ୍ଲାପାଳ, ନବରଙ୍ଗପୁର ସ୍ୱାଗତ ଭାଷଣ ଦେଇଥିଲେ।

## ସିରିୟାରେ ଅସଦ ଶାସନ ଶେଷ

ଦମିସ୍କ,୮।୧୨(ମହାଭାରତ): – ସରିଆରେ ୨୪ ବର୍ଷ ଧରି ଚାଲିଥିବା ବସର ଅଲ ଅସଦ ଶାସନ ସମାପ୍ତ ହୋଇଛି । ରାଜଧାନୀ ଦମିସ୍କ ଉପରେ ବିଦ୍ରୋହୀମାନେ କବଜା କରିବା ସହ ସିରିୟାର ଆର୍ମି କମାଣ୍ଡର ଅସଦ ସରକାର ଶେଷ ହେବାର ଘୋଷଣା କରିଛନ୍ତି । ବିଦ୍ରୋହୀମାନେ ଦମିସ୍କକୁ ସ୍ୱାଧୀନ ଘୋଷଣା କରିଛନ୍ତି । ପୋଲିସ ମୁଖ୍ୟାଳୟରୁ ନେଇ ଟିଭି ନେଟୱର୍କ ସବୁଠୁ ବିଦ୍ରୋହୀମାନେ କବଜା କରିଛନ୍ତି । ସିରିଆଇ ବିଦ୍ରୋହୀ ରବିବାର ଦାବି କରିଛନ୍ତି ଯେ, ବସର ଅଲ ଅସଦ ରାଜଧାନୀରୁ ପଳାୟନ କରିଛନ୍ତି । ରାସ୍ତାରେ ସ୍ୱାଧୀନତାର ନାରା ଦେଇ ବିଦ୍ରୋହୀମାନେ ବୁଲୁଛନ୍ତି । ସିରିୟାର ପ୍ରମୁଖ ସହର ହୋମ୍ସ ଉପରେ କବଜା ପରେ ରାଜଧାନୀ ଦମିସ୍କ ଅଭିମୁଖେ ଆଗେଇଥିଲେ ବିଦ୍ରୋହୀ । ଏହାକୁ କବଜା କରିବା ସହ ଦେଶକୁ ସ୍ୱାଧୀନ ଘୋଷଣା କରିଛନ୍ତି। ଦମାସକସ ଅନ୍ତର୍ଜାତୀୟ ବିମାନବନ୍ଦରରେ ଭୟ ଓ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଛି ରାଷ୍ଟ୍ରପତି ବଶର ଅଲ-ଆସାଦ କ୍ଷମତାଚ୍ୟୁତ ଆଶଙ୍କା କରି ତାଙ୍କର ବିଶ୍ୱସ୍ତମାନେ ଦେଶ ଛାଡି ପଳାଇବାକୁ ଚେଷ୍ଟା କରୁଛନ୍ତି। ହାମା, ଆଲେପ୍ପୋ ଏବଂ ଦରାକୁ ଦଖଲ କରିବା ପରେ ହୋମ୍ସ ହେଉଛି।

# ଚୁଡ଼ା ଖିରୀ



ଆବଶ୍ୟକ ସାମଗ୍ରୀ: ଚୁଡ଼ା,କ୍ଷୀର,ଚିନି,ମିଲ୍କମେଡ଼,ନଡ଼ିଆ କୋରା,ଗୁଜୁରାତି,କାଜୁ-କିସମିସ ଓ ଘିଅ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚୁଡ଼ାକୁ ପାଣିରେ ଭଲ ଭାବେ ଧୋଇ ଚିପୁଡ଼ି ଏକ ମାତ୍ରରେ ରଖିଦିଅନ୍ତୁ। ବର୍ତ୍ତମାନ କଡ଼େଇରେ ଅଳ୍ପ ଘିଅ ଗରମ କରି ଏଥିରେ ଧୁଆ ଚୁଡ଼ାକୁ ପକାଇ ହାଲକା ଭାଜନ୍ତୁ। ଚୁଡ଼ା ଟିକେ ଭାଜି ହୋଇଗଲେ ଏହାକୁ ଏକ ପ୍ଲେଟକୁ କାଢି ଦିଅନ୍ତୁ।

ଏବେ କଡ଼େଇରେ ଆଉ ଟିକେ ଘିଅ ଗରମ କରି ଏଥିରେ କାଜ,କିସମିସ ପକାଇ ହାଲକା ଭାଜନ୍ତୁ ଓ କାଢି ରଖନ୍ତୁ। ଏହା ପରେ ଏକ ପାତ୍ରରେ କ୍ଷୀରରେ ଗୁଜୁରାତି ପକାଇ ଫୁଟାନ୍ତୁ। କ୍ଷୀର ଫୁଟି ମରିଗଲେ ସେଥିରେ ଚୁଡ଼ା ପକାନ୍ତୁ। ଚୁଡ଼ା ଟିକେ ଫୁଲି ଖୋଲି ଗଲା ପରେ ଏଥିରେ ଚିନି,ମିଲ୍କ ମେଡ଼,ନଡ଼ିଆ କୋରା ଓ ଭଜା କାଜୁ-କିସମିସ ପକାଇ ଫୁଟାନ୍ତୁ। କ୍ଷୀର ଓ ଚୁଡ଼ା ମିଶି ଖିରି ଭଳି ହୋଇଗଲେ ଏହାକୁ ଚୁଲିରୁ ଓହ୍ଲାଇଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ଚୁଡ଼ା ଖିରୀ' ।

ଖବର

# ମାସକୁ ୬ ଲକ୍ଷ ଟଙ୍କା ଭଡ଼ା ଦେଉଛନ୍ତି ଶ୍ରଦ୍ଧା



'ସ୍ତ୍ରୀ-୨' ସିନେମାକୁ ଅଭୂତପୂର୍ବ ସଫଳତା ମିଳିବା ପରେ ଏହାର ନାୟିକା ଶ୍ରଦ୍ଧା କପୁର ମୁମ୍ବାଇର ଜୁହୁ ଅଞ୍ଚଳରେ ଏକ ବିଳାସମୟ ଆପାର୍ଟମେଣ୍ଟରେ ଗୋଟିଏ ଫ୍ଲାଟ୍ ଭଡ଼ାରେ ନେଇଛନ୍ତି। ଯାହାର ମାସିକ ଦେୟ ୬ ଲକ୍ଷ ଟଙ୍କା।। 'ସ୍ତ୍ରୀ-୨' ସିନେମାକୁ ଅଭୂତପୂର୍ବ ସଫଳତା ମିଳିବା ପରେ ଏହାର ନାୟିକା ଶ୍ରଦ୍ଧା କପୁର ମୁମ୍ବାଇର ଜୁହୁ ଅ□ଳରେ ଏକ ବିଳାସମୟ ଆପାର୍ଟମେଣ୍ଟରେ ଗୋଟିଏ ଫ୍ଲାଟ୍ ଭଡ଼ାରେ ନେଇଛନ୍ତି। ଯାହାର ମାସିକ ଦେୟ ୬ ଲକ୍ଷ ଟଙ୍କା। ଏକ ବିଳାସମୟ ଆବାସିକ ଟାୱାର ତୃତୀୟ ମହଲାରେ ତାଙ୍କର ନୂଆ ଫ୍ଲାଟ୍ଟି ରହିଛି। ରିପୋର୍ଟରୁ ଜଣାପଡ଼ିଛି, ଶ୍ରଦ୍ଧା ଏହି ଫ୍ଲାଟ୍ ଭଡ଼ା ନେବା ଲାଗି ଷ୍ଟାମ୍ପ୍ ଡ୍ୟୁଟି ବାବଦକୁ ୩୬,୦୦୦ଟଙ୍କା ଦେଇଛନ୍ତି। ଫ୍ଲାଟ୍ ବ୍ୟତୀତ ଶ୍ରଦ୍ଧା ବିଲ୍ଡିଂରେ ଚରୋଟି ସ୍ୱତନ୍ତ୍ର ପାର୍କିଂ ସ୍ଥାନ ବି ଭଡ଼ାରେ ନେଇଛନ୍ତି।ଶ୍ରଦ୍ଧା କପୁରଙ୍କ ସଦ୍ୟତମ ଚଳଚ୍ଚିତ୍ର 'ସ୍ତ୍ରୀ-୨' ବକ୍ସ ଅଫିସ୍ ରେକର୍ଡ କରିବା ପରେ ତାଙ୍କ ଚାହିଦା ଏବେ ଢେର୍ ବିଯାଇଛ। ସିନେମାରେ ଶ୍ରଦ୍ଧା ମୁଖ୍ୟ ନାରୀ ଚରିତ୍ର ନିଭାଇଥିବା ବେଳେ ଅନ୍ୟ ପ୍ରମୁଖ ଭୂମିକାରେ ରାଜକୁମାର ରାଓ, ଅପାରଶକ୍ତି ଖୁରାନା, ପଙ୍କଜ ତ୍ରିପାଠୀ ଓ ଅଭିଷେକ ବାନାର୍ଜୀ ଅଭିନୟ କରିଛନ୍ତି। ୨୦୧୦ ମସିହାରେ 'ତିନ୍ ପତି' ଜରିଆରେ ବଲିଉଡ୍ ଡେବ୍ୟୁ କରିଥିଲେ ଶ୍ରଦ୍ଧା। ସିନେମାଟି ବେଶି ଆଦୃତ ହୋଇ ନଥିଲା। ୨୦୧୩ ମସିହାରେ 'ଆଶିକ୍-୨' ସିନେମାରେ ଆଦିତ୍ୟ ରାୟ କପୁରଙ୍କ ବିପକ୍ଷରେ ନାୟିକା ସାଜି ସେ ପାଲଟିଥିଲେ ନ୍ୟାସ୍ନାଲ୍ କ୍ରସ୍। ସେବେଠାରୁ ତାଙ୍କ ଅଭିନୟ ଯାତ୍ରା ଜାରି ରହିଛି।

# ଗଣେଶଙ୍କ ପୂଜାରେ କାହିଁ ଲଗାନ୍ତିନି ତୁଳସୀ

ରାମ-ସୀତା, ରାଧା-କୃଷ୍ଣ, ଶିବ-ପାର୍ବତୀ ଆଦି ଯୁଗଳ ନାମ ପରି ଅବଶ୍ୟ କେବେ ଦେଖିବାକୁ ମିଳିନାହିଁ ଗଣେଶ ଓ ତୁଳସୀଙ୍କ ନାମ। ମାତ୍ର ଗଣେଶଙ୍କୁ ତୁଳସୀ ଯେ ଏକତରଫା ଭାବେ ଭଲପାଇ ବସିଥିଲେ ତାହା ହୁଏତ ଆପଣ ଜାଣିଥିବେ। ଆଜି ଆମେ ଆଲୋଚନା କରିବା ସେହି ଅଭୁଲା ଏକତରଫା ପ୍ରେମ କାହାଣୀ ସଂପର୍କରେ। ଧର୍ମରାଜଙ୍କ ଝିଅ ତୁଳସୀ ବିଷ୍ଣୁଙ୍କର ପରମ ଭକ୍ତ ଥିଲେ। ସେ ଗଙ୍ଗାନଦୀ କୂଳରେ ଏକ ଗୃହରେ ରହି ବିଷ୍ଣୁଙ୍କ ପୂଜା କରୁଥିଲେ। ଦିନେ ଶିବଙ୍କ ପୁତ୍ର ଗଣେଶ ସେଇ ବାଟ ଦେଇ ଅତିକ୍ରମ କଲେ। ଗଣେଶଙ୍କୁ ଦେଖି ତୁଳସୀ ତାଙ୍କୁ ପ୍ରେମ କରି ବସିଲେ। ସେ ଗଣେଶଙ୍କୁ ଯାଇ ପ୍ରେମ ନିବେଦନ କରିବା ସହ ତାଙ୍କୁ ବିବାହ କରିବାକୁ ଚାହାନ୍ତି ବୋଲି କହିଲେ। ମାତ୍ର ଗଣେଷ ବିନମ୍ରର ସହ ତୁଳସୀଙ୍କ ପ୍ରସ୍ତାବକୁ ପତ୍ୟାଖ୍ୟାନ କରି ସେ ତାଙ୍କ ମାଆ ପାର୍ବତୀଙ୍କ ପରି ଜୀବନସାଥୀ ଚାହାନ୍ତି ବୋଲି କହିଲେ। ଗଣେଶଙ୍କର ଏପରି ସିଧାସଳଖ ପ୍ରାତ୍ୟାଖ୍ୟାନ ଟିକେ ତୁଳସୀଙ୍କୁ ଲଜ୍ଜିତ କଲା। ସେ ଗଣେଶଙ୍କୁ ଏକ ଅଭିଶାପ ଦେଲେ। କହିଲେ ଯେ ତୁମେ ତୁମ ଇଚ୍ଛା ବିରୋଧରେ ବିବାହ କରିବ। ଗଣେଶ ତୁଳସୀଙ୍କ ଅଭିଶାପ ଶୁଣି କ୍ଷୁବ୍ଧ ହୋଇଗଲେ। ସେ ତାଙ୍କୁ ଓଲଟା ଅଭିଶାପ ଦେଇ କହିଲେ, ତୁମେ ଜଣେ ଅସୁରକୁ ବିବାହ କରିବ। ତୁଳସୀ ଗଣେଶଙ୍କୁ ନିଜ ଅଭିଶାପ ପାଇଁ କ୍ଷମା ମାଗିବା ସହ ତାଙ୍କ ଅଭିଶାପ ଫେରାଇ ନେବାକୁ ପ୍ରାର୍ଥନା କଲେ। ଗଣେଶ କହିଲେ ଯେ କେବଳ ବିଷ୍ଣୁ ଚାହିଁଲେ ତୁମକୁ ଏହି ଅଭିଶାପରୁ ମୁକ୍ତ କରିପାରିବେ। ତୁମେ ତାଙ୍କ ପୂଜାରେ ଲାଗିବ, ଏକ ଗଛ ହୋଇ। ମାତ୍ର ମୋ ପୂଜାରେ ତୁମେ କେବେ ବି ଲାଗିବ ନାହିଁ। ସେବେଠାରୁ ତୁଳସୀ ଅନ୍ୟ ସମସ୍ତ ଠାକୁରଙ୍କ ଦେହରେ ଲାଗି ହେଉଥିବା ବେଳେ ଗଣେଶଙ୍କ ପାଖେ ହୋଇନଥାଏ।

# ହନୁମାନଙ୍କ ହୃଦୟରେ ସର୍ବଦା ଶ୍ରୀରାମ



ଆମ ବ୍ୟକ୍ତିତ୍ୱରେ ଯେଉଁ ଭଳି ଗୁଣ ପ୍ରତିଫଳିତ ହେଉଥିବ ଆମ ସହ ମିଳାମିଶା କରୁଥିବା ବ୍ୟକ୍ତିଙ୍କ ଉପରେ ତାହାର ପ୍ରଭାବ ନିଶ୍ଚେ ପଡ଼ିବ। ହନୁମାନଙ୍କ ଭିତରେ ଭକ୍ତି ରସ ଭରି ରହିଥିଲା। ତାଙ୍କ ଶରୀରର ପ୍ରତିଟି ଅଙ୍ଗରେ କେବଳ ଆଉ କେବଳ ରାମ ହିଁ ବାସ କରୁଥିଲେ। ଏହି କାରଣରୁ ହନୁମାନଙ୍କୁ ଯିଏ ଭେଟୁଥିଲା ତାକୁ ରାମଙ୍କ ସାନ୍ନିଧ ସୁଖ ମିଳୁଥିଲା। ତେଣୁ ତାଙ୍କର ଉପସ୍ଥିତି ହିଁ ନିଜ ଭିତରେ ଏକ ସୁରକ୍ଷା ଭାବ ସୃଷ୍ଟି କରିଥାଏ। ସୁନ୍ଦରକାଣ୍ଡରେ ହନୁମାନଙ୍କ ଲଙ୍କା ପ୍ରବେଶକୁ ନେଇ ହନୁମାନ ଏବଂ ଲଙ୍କନୀ ରାକ୍ଷସୀର ବାର୍ତ୍ତାଳାପକୁ ଗୋସ୍ୱାମୀ ତୁଳସୀଦାସ ଅତି ସୁନ୍ଦର ଭାବେ ବର୍ଣ୍ଣନା କରି ଲେଖିଛନ୍ତି। ସେ ହନୁମାନଙ୍କ ସହ ହୋଇଥିବା ଏହି ବାର୍ତ୍ତାଳପକୁ ସତ୍‌ସଙ୍ଗ ବୋଲି କହିଛନ୍ତି। ଯେଉଁଥିରେ ଆଗକୁ ଲଙ୍କା ପ୍ରବେଶ ପାଇଁ ହନୁମାନଙ୍କୁ ଏକ ପରାମର୍ଶ ଦେଇଛି ଲଙ୍କିନୀ। ଏହି ବିଚାରର ଚୌପାଇକୁ ତୁଳସୀଦାସ ଲଙ୍କନୀ ପରି ରାକ୍ଷସୀ ମୁହଁରେ କୁହାଇ କରିଛନ୍ତି, 'ପ୍ରବିଶି ନଗର କିଜେ ସବ କାଜା। ହୃଦୟ ରଖି କୋସଲପୁର ରାଜା।' ଅର୍ଥାତ୍ ଅଯୋଧ୍ୟାପୁରୀର ରାଜା ଶ୍ରୀରାମଙ୍କୁ ସ୍ମରଣ କରି ନଗର ମଧ୍ୟକୁ ପ୍ରବେଶ କରି ସବୁ କାର୍ଯ୍ୟ କର। ଶ୍ରୀରାମଚରିତମାନସର ଏହି ଚୌପାଇ ନିଜର ପ୍ରଭାବ କାରଣରୁ ହିଁ ମନ୍ତ୍ର ହୋଇଗଲା। ବିପଦକୁ ଛୋଟ ମଣିବା ହିଁ ତାହା ଉପରେ ବିଜୟ ହାସଲ କରିବାରେ ସହାୟତା କରିଥାଏ । ହନୁମାନଙ୍କ ହୃଦୟରେ ଶ୍ରୀରାମ ତ' ପୂର୍ବରୁ ଥିଲେ। କାରଣ ଲଙ୍କା ଅଭିଯାନ ପାଇଁ ବାହାରିବା ସମୟରେ ତାଙ୍କ ଉଦ୍ଦେଶ୍ୟରେ ଲେଖାଯାଇଛି, 'ଯହ କହି ନାଇ ସବହ୍ନି କହୁଁ ମାଥା। ଚଲେଉ ହରଷି ହିୟଂ ଧରି ରଘୁନାଥା।' ହନୁମାନ କେବଳ ଦୁଇଟି କାମ କରୁଥିଲେ। ପ୍ରଥମଟି ହେଉଛି ଶ୍ରୀରାମଙ୍କୁ ହୃଦୟରେ ରଖିଥିଲେ ଏବଂ ଅନ୍ୟଟି ଆନନ୍ଦରେ ରହୁଥିଲେ। ଏହି କାରଣରୁ ହନୁମାନଙ୍କ ଉପସ୍ଥିତି ମାତ୍ରକେ ହିଁ ଲଙ୍କିନୀର ମନୋଭାବ ଦିବ୍ୟ ହୋଇଯାଇଥିଲା । ସେ ରାବଣର ଗଡ଼ ଜଗୁଥିଲେ ମଧ୍ୟ ହନୁମାନଙ୍କ କାର୍ଯ୍ୟର ଉଦ୍ଦେଶ୍ୟ ବିଷୟରେ ଜାଣି ତାଙ୍କୁ ଲଙ୍କା ଭିତରକୁ ପ୍ରବେଶ କରିବା ଲାଗି ଅନୁମତି ଦେବା ସହ ତାଙ୍କୁ ଉତ୍ସାହିତ କରିଥିଲା। ତେଣୁ ଆମେ ନିଜ ହୃଦୟକୁ ଯେତେ ଉଜାଗର ରଖିବା ବାହାରର ବାତାବରଣ ସେତେ ହିଁ ଶୁଭ ହେବ। ନିଜ ବ୍ୟକ୍ତିତ୍ୱକୁ ଯେତେ ଦୃଢ଼ କରିବା ଅନ୍ୟମାନେ ସେଥିରେ ସେତେ ପ୍ରଭାବିତ ହେବେ। ସର୍ବଦା ମନକୁ ପବିତ୍ର କରି ରଖିବା ଉଚିତ୍।

# ବିଳମ୍ବିତ ରାତିରେ ଖାଉଥିଲେ ସାବଧାନ, ହୋଇପାରେ କ୍ୟାନ୍‌ସର



ବିଳମ୍ବିତ ରାତିରେ ଖାଦ୍ୟ ଖାଇବା ଅଧିକାଂଶ ଲୋକଙ୍କ ଅଭ୍ୟାସ ଥାଏ। ତେବେ ଏହି ଅଭ୍ୟାସ ଆଗକୁ ବିପଦ ରହିଛି। ଲୋକେ କ୍ୟାନସର ଭଳି ମାରାତ୍ମକ ରୋଗରେ ପୀଡିତ ହୋଇପାରନ୍ତି। ଇଣ୍ଟର ନ୍ୟାସନାଲ ଜର୍ଣ୍ଣାଲ ଅଫ କ୍ୟାନସରର ରିପୋର୍ଟ ଅନୁସାରେ ରାତ୍ରି ଭୋଜନ ଡେରିରେ କଲେ କ୍ୟାନସର ହୋଇପାରେ।

ରିସର୍ଚ୍ଚ ଅନୁସାରେ, ବିଳମ୍ବିତ ରାତିରେ ଭୋଜନ କରୁଥିବା ଲୋକଙ୍କୁ ବ୍ରେଷ୍ଟ ଏବଂ ପ୍ରୋଷ୍ଟେଟ କ୍ୟାନ୍‌ସର ଅଧିକ ବିପଦ ରହିଛି। ନିକଟରେ ଲୋକଙ୍କ ଖାଦ୍ୟ-ପେୟ ସହ ଜଡିତ ଅଭ୍ୟାସକୁ ନେଇ ଏକ ଗବେଷଣା କରାଯାଇଥିଲା। ଏହି ଅଧ୍ୟୟନରେ ୮୭୨ ପୁରୁଷ ଏବଂ ୧୩୨୧ ମହିଳା ସାମିଲ ହୋଇଥିଲେ। ଏଥିରୁ ଗବେଷକମାନେ ପ୍ରୋଷ୍ଟେଟ କ୍ୟାନସରର୬୨୧ଟି ମାମଲା ଏବଂ ସ୍ତନକର୍କଟ ରୋଗର ୧୨୦୫ଟି ମାମଲା ଦେଖିଥିଲେ।

ଏହି ପରୀକ୍ଷାରେ ସାମିଲ ହୋଇଥିବା ଲୋକଙ୍କୁ ସେମାନଙ୍କ ଖାଦ୍ୟ ଖାଇବା ଏବଂ ଶୋଇବା ସମୟ ପଚରାଯାଇଥିଲା। ପରେ, ଏହି ଲୋକମାନଙ୍କର ଶୋଇବା ଏବଂ ଖାଇବା ଅଭ୍ୟାସକୁ ସାଧାରଣ ଲୋକଙ୍କ ଅଭ୍ୟାସ ସହ ତୁଳନା କରାଯାଇଥିଲା। ପରୀକ୍ଷାରୁ ଜଣାପଡିଥିଲା ଯେ, ରାତିରେ ଖାଇବା ପରେ ସଙ୍ଗେ ସଙ୍ଗେ ଶୋଇ ପଡୁଥିବା ଲୋକଙ୍କୁ କ୍ୟାନସର ବିପଦ ଅଧିକ ରହିଥାଏ। ସେହିପରି ରାତିରେ ଖାଇବା ପରେ ଅତି କମ୍‌ରେ ୨ ଘଣ୍ଟା ବା ତା'ଠାରୁ ଅଧିକ ସମୟ ପର୍ଯ୍ୟନ୍ତ ନଶୋଇବା ଲୋକଙ୍କ ମଧ୍ୟରେ କ୍ୟାନସରର ବିପଦ ୨୦ ପ୍ରତିଶତ କମ ଦେଖାଦେଇଥାଏ। ସେହିପରି ରିସର୍ଚ୍ଚ କହୁଛି ଯେ, ରାତି ୯ଟା ପୂର୍ବରୁ ଭୋଜନ କରୁଥିବା ଲୋକଙ୍କ ମଧ୍ୟରେ କ୍ୟାନ୍‌ସର ବିପଦ ଖୁବ କମ୍ ରହିଛି। ରାତି ୧୦ଟା ପରେ ଡିନର କରୁଥିବା ଲୋକଙ୍କ ମଧ୍ୟରେ ୯ଟାରେ ଭୋଜନ କରୁଥିବା ଲୋକଙ୍କ ତୁଳନାରେ କ୍ୟାନସର ରୋଗର ବିପଦ ଅଧିକ ଥାଏ । କେବଳ ସେତିକି ନୁହେଁ ପ୍ରତିଦିନ ଆପଣ ଖାଉଛନ୍ତି ଏବଂ କେଉଁ ପ୍ରକାର ଖାଦ୍ୟ ଖାଉଛନ୍ତି, ଏହାଦ୍ୱାରା କ୍ୟାନସର ବିପଦ ରହିଛି ନା ନାହିଁ ସେ ନେଇ ମଧ୍ୟ ପରୀକ୍ଷା କରାଯାଇଛି। ଏଥିରୁ ଜଣାପଡିଛି ଯେ, ଖାଦ୍ୟ ଖାଇବା ଅଭ୍ୟାସ ବଦଳାଇଲେ କ୍ୟାନସର ରୋଗର ପ୍ରଭାବ ମଧ୍ୟ ଆମ ଶରୀର ଉପରେ କମ ଅଧିକା ରହିଥାଏ। ମେଡିକାଲ ନ୍ୟୁଜ ଟୁଡେ ରିପୋର୍ଟ ଅନୁଯାୟୀ, ଆପଣ ନିଜ ଡାଏଟରେ କେଉଁ ଖାଦ୍ୟ ଖାଉଛନ୍ତି, ଯେଉଁଥିପାଇଁ କ୍ୟାନସର ହେଉଛି ତାହା କହିବା କଷ୍ଟକର। କିନ୍ତୁ ଡାକ୍ତରମାନେ ଅଧିକ ତେଲ ଯୁକ୍ତ ଖାଦ୍ୟକୁ ଦାୟୀ କରୁଛନ୍ତି। ମିଠା ପାନୀୟ, କୋଲ୍ଡ ଡ୍ରିଙ୍କ୍ସ, ଲାଲ ମାଂସ, ଆଲକହଲ, ଧୂମପାନ, ରିଫାଇନରୀ ତେଲ ଅଲଟ୍ରା ପ୍ରୋସେସଡ ଫୁଡ ଏବଂ ହାଇପ୍ରୋଟିନ ଡାଏଟ ଯୋଗୁଁ ମଧ୍ୟ କ୍ୟାନସର ରୋଗ ସୃଷ୍ଟି ହୋଇପାରେ। ଶରୀରରେ ଚର୍ବି ଅଂଶ ଅତ୍ୟଧିକ ମାତ୍ରାରେ ବଢ଼ିବା ଦ୍ୱାରା କ୍ୟାନସର ବିପଦ ଉତ୍ପନ୍ନ ହୋଇଥାଏ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ତେଣୁ ଏସବୁ ଦିଗ ଉପରେ ଧ୍ୟାନ ରଖିଲେ କ୍ୟାନସର ଭଳି ମାରାତ୍ମକ ରୋଗର ବିପଦକୁ ଟାଳି ହେବ ବୋଲି ଏହି ଅଧ୍ୟୟନର ପ୍ରମୁଖ ଡାକ୍ତର ମନୋଲିସ କୋଜିଭିନାସ କହିଛନ୍ତି।

# ମାତାଙ୍କ ଆଦର୍ଶ

ସବୁକିଛି ନିଷ୍ଫଳ ସାବ୍ୟସ୍ତ ହେଲା । କୃଷ୍ଣ ନିରାଶ ହୋଇ କୁନ୍ତୀଙ୍କ ନିକଟକୁ ଗଲେ । ସବୁ କଥା ଶୁଣି କୁନ୍ତୀ ନିରୁତ୍ସାହିତ ହେଲେ ନାହିଁ । ସେ କୃଷ୍ଣଙ୍କୁ କହିଲେ, "ଯୁଧିଷ୍ଠିରକୁ କହିବ ସେ ନିଶ୍ଚୟ ଯୁଦ୍ଧ କରୁ ।



ଯୁଦ୍ଧ ଅବଶ୍ୟମ୍ଭାବୀ, ଏଣୁ ମୃତ୍ୟୁର ଚିନ୍ତା ନକରି ସେ ଅତ୍ୟାଚାରୀମାନଙ୍କୁ ଦଣ୍ଡ ଦେଉ । ଧର୍ମ ଏବଂ କର୍ତ୍ତବ୍ୟର ବେଦୀ ଉପରେ ଆତ୍ମ-ତ୍ୟାଗ କରିବାର ଦିନ ଆସି ପହଞ୍ଚିଯାଇଛି । ବିପତ୍ତି କାଳରେ ବୀର ପୁରୁଷମାନେ ଅଣ୍ଟା ଭିଡ଼ି ବିପଦର ମୁକାବିଲା କରିଥାନ୍ତି । ତା'କୁ କହିବ ଯେ ବିଦୁଲାର ପୁତ୍ର ଯେତେବେଳେ ଯୁଦ୍ଧରେ ପରାଜିତ ହୋଇ ନିଜ ମାତାଙ୍କ ନିକଟକୁ ମୁହଁ ଲୁଚାଇବାକୁ ଆସିଥିଲା, ମା' ତା'କୁ ପୁଣିଥରେ ଯୁଦ୍ଧ କରିବା ଲାଗି ପଠାଇଥିଲା। ସେ ଯୁଦ୍ଧରେ ଲଢ଼ି ବୀରଗତି ପ୍ରାପ୍ତ କରିବା ପରେ ମାତା ପରମସନ୍ତୋଷ ଲାଭ କରିଥିଲେ । ମୁଁ ମଧ୍ୟ ସେହିପ୍ରକାରେ ନିଜ ପୁତ୍ରମାନଙ୍କୁ ଅନ୍ୟାୟ ଏବଂ ଅତ୍ୟାଚାର ବିରୋଧରେ ଲଢ଼ି ମରୁଥିବା ଦେଖିବାକୁ ଅଧିକ ପସନ୍ଦ କରିବି । ଭୟଭୀତ ହୋଇ ସେମାନେ ବଞ୍ଚିଲେ ମୋତେ ଅଧିକ କଷ୍ଟ ହେବ"। କର୍ମଯୋଗୀ ଭଗବାନ କୃଷ୍ଣ କୁନ୍ତୀଙ୍କ ଏହି ବାଣୀକୁ ଗୀତାରେ କର୍ମଯୋଗର ଆଧାର କରିଥିଲେ । ରାଷ୍ଟ୍ରଭକ୍ତି ସବୁଠୁ ବଡ଼ ଧର୍ମ । ଏଥିପାଇଁ କିଛି ବି ବଳିଦାନ ଦିଆଯାଇପାରେ ।

# ବଦଳି ନିୟମ ନମାନିଲେ ଦରମା ବନ୍ଦ

**ଭୁବନେଶ୍ୱର,୮।୧୨ (ମହାଭାରତ):** ଗାଦି ଛାଡୁ ନଥିବା ଓଏଏସ୍ ଅଫିସରଙ୍କୁ ସରକାରଙ୍କ ଛାଟ। ବଦଳି ନିର୍ଦ୍ଦେଶ ପରେ ନୂଆ କାର୍ଯ୍ୟରେ ଯୋଗ ନଦେଲେ ବନ୍ଦ ହେବ ଦରମା। ଏନେଇ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛି ରାଜସ୍ୱ ବିଭାଗ। ବଦଳି ନିର୍ଦ୍ଦେଶ ମାନୁନଥିବା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଅନୁସାରେ ଅଗଷ୍ଟ ୧୬ ଏବଂ ସେପ୍ଟେମ୍ବର ୧୦ରେ ବଦଳି ନିର୍ଦ୍ଦେଶ ବାହାରିଥିଲେ ବି ଆଜି ଯାଏଁ ନିର୍ଦ୍ଦେଶନାମାକୁ ମାନୁ ନାହାନ୍ତି ଓଏଏସ୍ ଅଧିକାରୀ। ଏପର୍ଯ୍ୟନ୍ତ ଏହି ଅଧିକାରୀମାନେ ନୂଆ କାର୍ଯ୍ୟରେ ଯୋଗ ଦେଇନାହାନ୍ତି। ତେଣୁ ଏଭଳି ଅମାନିଆ ଅଧିକାରୀଙ୍କୁ ସାବାଡ଼ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ସରକାର। ବଦଳି ନିର୍ଦ୍ଦେଶ ପରେ ନୂଆ କାର୍ଯ୍ୟରେ ଯୋଗ ନଦେଲେ ସିଧା ସଳଖ ଦରମା ବନ୍ଦ କରିଦେବାକୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛି ରାଜସ୍ୱ ବିଭାଗ। ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ନିର୍ବାଚନ ପରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅନୁମତି ନେଇ ଯେଉଁ ଓଏଏସ୍ ଅଧିକାରୀମାନଙ୍କୁ ବଦଳି କରାଯାଇଛି, ସେମାନଙ୍କୁ ଆମେ ସରକାରଙ୍କ ତରଫରୁ ରିଲିଭ କରି ସାରିଛୁ। ଏବେ ସେମାନଙ୍କୁ ଜିଲ୍ଲାପାଳମାନେ ରିଲିଭ୍ କରିବେ। କିଛି ସ୍ଥାନରେ ଛୋଟ ବଡ଼ କାମ ବାକି ରହିଥିବାରୁ ସେଠାରେ ଜିଲ୍ଲାପାଳମାନେ ଏମାନଙ୍କୁ ରିଲିଭ୍ କରିନାହାନ୍ତି। ଅନ୍ୟ କିଛି ସ୍ଥାନରେ ଓଏଏସ୍ ଅଧିକାରୀମାନେ ବିଭିନ୍ନ ଚାପ ପ୍ରୟୋଗ କରି ପୁଣି ସେହି ସ୍ଥାନରେ ରହିବାକୁ ଉଦ୍ୟମ କରୁଥିବା ଖବର ମୋ ପାଖକୁ ଆସିଛି। ତେବେ ଯେଉଁମାନେ ରିଲିଭ୍ ହେବେ ନାହିଁ, ସେମାନଙ୍କୁ ନିଲମ୍ବିତ ବୋଲି ଧରିନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ମହାକୁମ୍ଭକୁ ମୋହନଙ୍କୁ ଯୋଗୀ ଆଦିତ୍ୟନାଥଙ୍କ ନିମନ୍ତ୍ରଣ

**ଭୁବନେଶ୍ୱର,୮।୧୨ (ମହାଭାରତ):** ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ ଆସନ୍ତା ବର୍ଷ ପ୍ରୟାଗରାଜରେ ଅନୁଷ୍ଠିତ ହେଉଥିବା ମହାକୁମ୍ଭ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନିମନ୍ତ୍ରଣ ଦେଇଛନ୍ତି। ଆଜି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଉତ୍ତର ପ୍ରଦେଶର ଶ୍ରମ ଓ ନିଯୋଜନ ମନ୍ତ୍ରୀ



ଅନୀଲ ରାଜଭର ଏବଂ ଖାଦ୍ୟ ଓ ଯୋଗାଣ ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଶର୍ମା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ତାଙ୍କ ଗୃହକାର୍ଯ୍ୟାଳୟରେ ଭେଟି ମହାକୁମ୍ଭରେ ଯୋଗଦେବା ପାଇଁ ନିମନ୍ତ୍ରଣ ଦେଇଥିଲେ। ମହାକୁମ୍ଭ ୨୦୨୫ ଜାନୁଆରୀ ୧୩ ତାରିଖରୁ ଫେବୃଆରୀ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ମନ୍ତ୍ରୀ ଦୁଇ ଜଣ ମୁଖ୍ୟମନ୍ତ୍ରୀଙ୍କୁ ଗଙ୍ଗା ଜଳରେ ପରିପୂର୍ଣ୍ଣ ଏକ ଶୁଭ କଳସ ଏବଂ ମହାକୁମ୍ଭର ଏକ ଲୋଗୋ ମଧ୍ୟ ପ୍ରଦାନ କରିଥିଲେ। ଏହି ନିମନ୍ତ୍ରଣ ସମୟରେ ରାଜ୍ୟ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚ ଶିକ୍ଷା ତଥା କ୍ରୀଡା ମନ୍ତ୍ରୀ ସୂରଜ୍ ସୂର୍ଯ୍ୟବଂଶୀ ଉପସ୍ଥିତ ଥିଲେ।

# ‘ମାର୍ଗଶୀରର ମହକ’ କାର୍ଯ୍ୟକ୍ରମ



**ଭୁବନେଶ୍ୱର,୮।୧୨ (ମହାଭାରତ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ (ଆଇଏଏସ୍)ର ସାମାଜିକ ଓ ସାଂସ୍କୃତିକ ଶାଖା ’କ୍ରିଏଟିଭୋ’ ପକ୍ଷରୁ ଅଭିନବ କାର୍ଯ୍ୟକ୍ରମ ମାର୍ଗଶିରର ମହକର ଦ୍ୱିତୀୟ ଭାଗ ଆରମ୍ଭ ହୋଇଛି। ଏକ ସପ୍ତାହ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା ତଥା ଓଡ଼ିଆ ସଂସ୍କୃତି ପରମ୍ପରା ଆଧାରିତ ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ମାର୍ଗଶିର ଝୋଟି ଓ ଓଡ଼ିଆ ବକ୍ତୃତା ଅନୁଷ୍ଠିତ ହେବ। ମାର୍ଗଶିର ମାସର ଶେଷ ଗୁରୁବାର ଦିନ ଅପରାହ୍ନରେ ଏହି କାର୍ଯ୍ୟକ୍ରମର ଅନ୍ତିମ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ପ୍ରଖ୍ୟାତ ଗାୟିକା ଗୀତା ଦାଶ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଓଡ଼ିଆ ସଂସ୍କୃତି, ପରମ୍ପରା, ପର୍ବପର୍ବାଣି ଓ କୃଷିକୁ ଜୀବିତ କରି ରଖିବା। ଏହି ପ୍ରତିଯୋଗିତାରେ ଆଇଏଏସ୍ ଓ ସୋଆ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ (ସ୍ନିଲ)ର ଛାତ୍ରଛାତ୍ରୀମାନେ ଭାଗ ନେଇଥିବା ବେଳେ ବିଚାରକ ଭାବେ ଆଇଏଏସ୍‌ର ପ୍ରଫେସର ବିବୁଧ ପରାଶର, ପ୍ରଫେସର ପ୍ରଭାତ କୁମାର ଷଡ଼ଙ୍ଗୀ, ଡକ୍ଟର ସତ୍ୟ ନାରାୟଣ ଶତପଥୀ ଓ ପ୍ରଫେସର ରୁଦ୍ରନାରାୟଣ ସାହୁ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ଓ ଅଧ୍ୟାପକଙ୍କ ମଧ୍ୟରେ ଓଡ଼ିଆ ପର୍ବପର୍ବାଣି ଓ କୃଷି ବିଜ୍ଞାନ ସମ୍ବନ୍ଧରେ ମଧ୍ୟ ଆଲୋଚନା ହୋଇଥିଲା। ଡକ୍ଟର ଭୁବନାନନ୍ଦ ଅଧିକାରୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଲୋପାମୁଦ୍ରା ମହାନ୍ତି, ଡକ୍ଟର ରାକେଶ ରୋସନ୍ ଶତପଥୀ, ଡକ୍ଟର ସୁବ୍ରତ ସେନାପତି, ଡକ୍ଟର ବିଦ୍ୱାନ ରନ ସାହୁ, ଡକ୍ଟର ମୁକେଶ କୁମାର ପାତ୍ର, ମାନସ ଦାସ, ବିଶ୍ୱଜିତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଆଶିଷ ପ୍ରତୀକ ବିଶ୍ୱାଳ, ସଲୋନି ଶ୍ରୀୟାଶ୍ରି ଜେନା ଓ ଆଦିତ୍ୟ ନାରାୟଣ ପରିଚାଳନା କରିଥିଲେ।

# ‘ଆବାସ’ ଅପେକ୍ଷାରେ ୬୪୧୮ ପରିବାର

**ଭୁବନେଶ୍ୱର,୮।୧୨ (ମହାଭାରତ):** ରାଜ୍ୟର ଗ୍ରାମାଞ୍ଚଳରେ ଥିବା ୬୪୧୮ ପରିବାର ଏବେ ବି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇବାପାଇଁ ଅପେକ୍ଷା କରି ରହିଛନ୍ତି। ସରଜମିନ ତଦନ୍ତ କରାଯାଇ ଏହି ଅପେକ୍ଷାରତ ପରିବାରଙ୍କ ମଧ୍ୟରୁ ଯୋଗ୍ୟ ପରିବାରଙ୍କୁ ଗୃହ ମଞ୍ଜୁର କରାଯିବ। ବିଜେପି ବିଧାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ। ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ଯେ ୨୦୧୪-୧୫ ରୁ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ୩୭,୪୮,୪୨୭ଟି ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ଗୃହ ପାଇବା ପାଇଁ ୬୪୧୮ ପରିବାର ସ୍ଥାୟୀ ପ୍ରତୀକ୍ଷା ତାଲିକାରେ ଅପେକ୍ଷାକରି ରହିଛନ୍ତି। ଅପେକ୍ଷାରତ ଏହି ତାଲିକାରେ ସର୍ବାଧିକ ୧୧୭୬ ପରିବାର ଭଦ୍ରକ ଜିଲ୍ଲାରେ ଥିବାବେଳେ ଗଞ୍ଜାମରେ ଦ୍ୱିତୀୟ ସର୍ବାଧିକ ୬୧୮ ପରିବାର ରହିଛନ୍ତି। ସେହିଭଳି ଗଜପତିରେ ୫୫୨, ରାୟଗଡାରେ ୪୭୯, ସୋନପୁରରେ ୩୯୪, ନବରଙ୍ଗପୁରରେ ୩୫୨, ମାଲକାନଗିରିରେ ୩୩୩, ବୌଦ୍ଧରେ ୩୦୮, କଳାହାଣ୍ଡିରେ ୨୯୩, ସୁନ୍ଦରଗଡରେ ୨୫୧, ଝାରସୁଗୁଡାରେ ୨୨୧ ପରିବାର ଅପେକ୍ଷା ତାଲିକାରେ ରହିଛନ୍ତି।

# ସମସ୍ୟା ସମାଧାନ ପର୍ଯ୍ୟନ୍ତ ପୋଲାଭରମ୍ ପ୍ରକଳ୍ପ ନିର୍ମାଣ ବନ୍ଦ ଦାବି

**ଭୁବନେଶ୍ୱର,୮।୧୨ (ମହାଭାରତ):** ପୋଲାଭରମ୍ ପ୍ରକଳ୍ପ ପଛୁଆ। ଜଳ ସମସ୍ୟା ଯୋଗୁଁ ଆଗାମୀ ଦିନରେ ମାଲକାନଗିରି ଜିଲାରେ ସୃଷ୍ଟି ହେବାକୁ ଥିବା ସମସ୍ୟାର ସମାଧାନ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ପାଇଁ ଦିଲ୍ଲୀରେ ବିଜେଡି ପ୍ରତିନିଧି ଦଳ ଦାବି କରିଛି। ଦିଲ୍ଲୀର ଇନ୍‌ଷ୍ଟିଚ୍ୟୁସନ କ୍ଲବଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ନେତାଗଣ ଦର୍ଶାଇଛନ୍ତି ଯେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି ଆର ପାଟିଲ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ, କେନ୍ଦ୍ର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ସଚିବ ଏବଂ କେନ୍ଦ୍ରୀୟ ଜଳ ଆୟୋଗ ଅଧ୍ୟକ୍ଷଙ୍କୁ ଭେଟି ପୋଲାଭରମ୍ ପ୍ରକଳ୍ପ ସମସ୍ୟା ନେଇ ରାଜ୍ୟବାସୀଙ୍କ ଚିନ୍ତା ବିଷୟରେ ଅବଗତ କରାଇଥିଲୁ। କିନ୍ତୁ କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ଆଲୋଚନା ସନ୍ତୋଷଜନକ ନଥିଲା। ପୋଲାଭରମ୍ ପ୍ରକଳ୍ପ ଯୋଗୁଁ ରାଜ୍ୟର କେଉଁ ଅଞ୍ଚଳରେ ବୁଡ଼ି ପରିସ୍ଥିତି ସୃଷ୍ଟି ହେବ ସେ ବିଷୟରେ ପ୍ରତିନିଧି ଦଳ କେନ୍ଦ୍ରୀୟ ଜଳ ଆୟୋଗଙ୍କଠାରୁ ତଥ୍ୟ ଲୋଡ଼ିଥିଲେ। କିନ୍ତୁ ଆୟୋଗ



ନିକଟରେ କୌଣସି ତଥ୍ୟ ଉପଲବ୍ଧ ନଥିଲା ବୋଲି ବିଜେଡି ନେତାମାନେ କହିଥିଲେ। ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଲାଗି ୨୦୨୬ ମାର୍ଚ୍ଚ ଲକ୍ଷ୍ୟ ରଖାଯାଇଛି। ଏହାପୂର୍ବରୁ ସମସ୍ୟାର ସମାଧାନ ହେବା ଜରୁରୀ। ପ୍ରକଳ୍ପ ଯୋଗୁଁ ଓଡ଼ିଶାର ସ୍ୱାର୍ଥ ବ୍ୟାହତ ହେଲେ ବରଦାସ୍ତ କରାଯିବ ନାହିଁ। ନ୍ୟାୟ ନମିଳିଲେ ଓଡ଼ିଶାବାସୀ ଆନ୍ଦୋଳନ ପାଇଁ ବାଧ୍ୟ ହେବେ। ଦିଲ୍ଲୀ ଗସ୍ତ ସମ୍ପର୍କିତ ରିପୋର୍ଟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଦିଆଯିବ ବୋଲି ପ୍ରତିନିଧି ଦଳ ସୂଚନା ଦେଇଛନ୍ତି। କେନ୍ଦ୍ରୀୟ ଜଳ ଆୟୋଗ ସହ ଆଲୋଚନା ବିଷୟରେ ବିଜେଡି ନେତାମାନେ କହିଛନ୍ତି ଯେ ପଡ଼ୋଶୀ ଓଡ଼ିଶା ଓ ଛତିଶଗଡ଼ରେ ପଛୁଆ। ଜଳ ସମସ୍ୟାର ପ୍ରଭାବ ବିଷୟରେ ଆକଳନ ନକରି ଆନ୍ଧ୍ର ପ୍ରଦେଶର ପୋଲାଭରମ୍ ପ୍ରକଳ୍ପରେ ୫୦ ଲକ୍ଷ କ୍ୟୁସେକ୍ ବନ୍ୟା ନିଷ୍କାସନ କ୍ଷମତାକୁ ମଞ୍ଜୁରି ମିଳିଛି।

# ୮୫୧୮ ମଧ୍ୟରୁ ୩୧ ଜଣ ଏଚ୍‌ଆଇଭି ପଜିଟିଭ୍ ଚିହ୍ନଟ



**ଭୁବନେଶ୍ୱର,୮।୧୨ (ମହାଭାରତ):** ଗତ ତିନିମାସ ମଧ୍ୟରେ, ଏମ୍ସ ଭୁବନେଶ୍ୱରର ଇଣ୍ଟିଗ୍ରେଟେଡ୍ କାଉନସେଲିଂ ଆଣ୍ଡ ଟେଷ୍ଟିଂ ସେଣ୍ଟର (ଆଇସିଟିସି) ୮୫୧୮ ଜଣ ବ୍ୟକ୍ତିଙ୍କର ଏଚ୍.ଆଇ.ଭି ପରୀକ୍ଷା କରାଯାଇଛି। ସେମାନଙ୍କ ମଧ୍ୟରୁ ୩୧ ଜଣ ଏଚ୍.ଆଇ.ଭି ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୨୭ ଜଣଙ୍କୁ ଆଣ୍ଟି-ରେଟ୍ରୋଭାଇରାଲ୍ ଥେରାପି (ଏଆର୍ଟି) କେନ୍ଦ୍ରକୁ ପଠାଯାଇଛି। ଏହି ସମୟ ଅବଧି ମଧ୍ୟରେ ୮୫୩୮ ଜଣଙ୍କୁ ମୁକ୍ତ ପରାମର୍ଶ ସେବା ପ୍ରଦାନ କରାଯାଇଛି। ଉପରୋକ୍ତ ପ୍ରକ୍ରିୟା ଏଚ୍.ଆଇ.ଭି. ଦ୍ୱାରା ପ୍ରଭାବିତ ବ୍ୟକ୍ତିବିଶେଷଙ୍କ ପ୍ରତିରୋଧ, ନିରାକରଣ ଏବଂ ଯତ୍ନ ପାଇଁ ଏମ୍ସ୍ ଭୁବନେଶ୍ୱରର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ ବୋଲି ଏହି ଜାତୀୟ ପ୍ରତିଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ପ୍ରକାଶ କରିଛନ୍ତି।

ବିଶ୍ୱ ଏଡସ୍ ଦିବସ ପାଳନ ଅବସରରେ, ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏମ୍ସ ଭୁବନେଶ୍ୱର ପକ୍ଷରୁ ଏକାଧିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କମ୍ୟୁନିଟି ମେଡିସିନ୍ ଏବଂ ଫ୍ୟାମିଲି ମେଡିସିନ୍ ଏବଂ ଟ୍ରାନ୍ସଫ୍ୟୁଜନ୍ ଏବଂ ବ୍ଲଡ ବ୍ୟାଙ୍କ ବିଭାଗ ଦ୍ୱାରା, ଓଡ଼ିଶା ରାଜ୍ୟ ଏଡସ୍ ସୋସାଇଟି ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ବିଶେଷଜ୍ଞ ଏଡ୍ସକୁ ନେଇ ଉପାଦେୟ ସୂଚନା ପ୍ରଦାନ କରିଥିଲେ।

ଏହି ଅବସରରେ ମାଗଣା ଏଚ୍.ଆଇ.ଭି ପରୀକ୍ଷା ଶିବିର ଏବଂ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମଧ୍ୟ ଅୟୋଜିତ ହୋଇଥିଲା। ଏହି ଶିବିରରେ ୪୫ ଜଣ ବ୍ୟକ୍ତି ଏଚ୍‌ଆଇଭି ପରୀକ୍ଷା କରାଇଥିଲେ।

ଭାରତରେ ଏଚ୍‌ଆଇଭି ସର୍ଭିଲାନ୍ସ ପାଇଁ ଆଠଟି ଆଞ୍ଚଳିକ ପ୍ରତିଷ୍ଠାନ ମଧ୍ୟରୁ ଏମ୍ସ ଭୁବନେଶ୍ୱର ଅନ୍ୟତମ। ଏହି ଜାତୀୟ ଅନୁଷ୍ଠାନର ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡ଼ ରାଜ୍ୟରେ ଏଡ୍ସ ସଂକ୍ରାନ୍ତୀୟ କାର୍ଯ୍ୟକ୍ରମର ନେତୃତ୍ୱ ନେଉଛି। ଆସନ୍ତା ବର୍ଷ ଜାନୁୟାରୀରେ ୧୯ତମ ରାଉଣ୍ଡ ଏଚ୍.ଆଇ.ଭି ସେଣ୍ଟିନେଲ ସର୍ଭିଲାନ୍ସ ଆୟୋଜନ ହେବ।

ଭାରତରେ ବିଶ୍ୱର ଦ୍ୱିତୀୟ ସର୍ବାଧିକ ଏଚ୍.ଆଇ.ଭି ମହାମାରୀ ଥିବାବେଳେ ପ୍ରାୟ ୨୪.୬୭ ଲକ୍ଷ ଲୋକ ଏଚ୍.ଆଇ.ଭି ରେ ବାସ କରୁଛନ୍ତି। ଦେଶ ଏଆର୍ଟି (୬୮ ପ୍ରତିଶତ)କଭରେଜରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି। ୫୨,୦୦୦ ପିଏଲ୍ ଏଚ୍‌ଆଇଭି ସହିତ ଓଡ଼ିଶାରେ ଏଚ୍.ଆଇ.ଭି ପ୍ରାଦୁର୍ଭାବ ହାର ୦.୧୪ ପ୍ରତିଶତ ରହିଛି। ଏଆର୍ଟି କଭରେଜ୍ ୪୯ ପ୍ରତିଶତ ରହିଛି। ଏହି ପରିସଂଖ୍ୟାନ ଏଚ୍.ଆଇ.ଭି ସଂକ୍ରମିତ ଲୋକଙ୍କ ନିରନ୍ତର ନିରାକରଣ, ଚିକିତ୍ସା ଏବଂ ଯତ୍ନ ନିଶ୍ଚିତ କରିବାକୁ ନିରନ୍ତର ପ୍ରୟାସର ଆବଶ୍ୟକତାକୁ ଦର୍ଶାଏ।

ଏହି କାର୍ଯ୍ୟକ୍ରମରେ ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡ. ବିନୋଦ କୁମାର ପାତ୍ରୋ, ଡ. ଅନୁପମ ଦେ, ଡ. ବିଜୟିନୀ ବେହେରା, ଡ. ବିନୋଦ କୁମାର ବେହେରା, ଡ. ଅରବିନ୍ଦ କୁମାର ସିଂ, ଡ. ଅଂଶୁମାନ ସାହୁ, ଡ. ଧ୍ରିତିମାନ ଏବଂ କେଏନପି ପ୍ଲସର ପ୍ରଭାସିନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଅଚ୍ୟୁତ ସାମନ୍ତଙ୍କୁ ୬୨ତମ ସମ୍ମାନସୂଚକ ଡକ୍ଟରେଟ୍



**ଭୁବନେଶ୍ୱର,୮।୧୨ (ମହାଭାରତ):** ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ରାଜସ୍ଥାନର ପୂର୍ଣ୍ଣିମା ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। ଆଜି ରାଜସ୍ଥାନସ୍ଥିତ ପୂର୍ଣ୍ଣିମା ବିଶ୍ୱବିଦ୍ୟାଳୟର ୧୧ତମ ସମାବର୍ତ୍ତନ ସମାରୋହ ଅବସରରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହା ହେଉଛି ଅଚ୍ୟୁତ ସାମନ୍ତଙ୍କ ୬୨ତମ ସମ୍ମାନସୂଚକ ଡକ୍ଟରେଟ୍। ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ଏହି ସମ୍ମାନ ଗ୍ରହଣ କରି ଶ୍ରୀ ସାମନ୍ତ କହିଛନ୍ତି, ବିଗତ ୩୩ବର୍ଷ ଧରି ମୁଁ ନିରନ୍ତର ସମାଜସେବା କରିଆସୁଛି। ଏହି ୬୨ତମ ସମ୍ମାନସୂଚକ ଡକ୍ଟରେଟ୍ ନିଶ୍ଚିତ ଭାବେ ସବୁଦିନ ପାଇଁ ସ୍ମୃତି ହୋଇ ରହିବ। ଏହା ପୂର୍ବରୁ ସମାଜସେବା ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ବିଶ୍ୱର ବିଭିନ୍ନ ଦେଶର ବହୁ ସମ୍ମାନଜନକ ବିଶ୍ୱବିଦ୍ୟାଳୟ ଓ ପ୍ରତିଷ୍ଠିତ ଅନୁଷ୍ଠାନ ପକ୍ଷରୁ ଶ୍ରୀ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡ଼ିଗ୍ରୀ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଭାଇସ୍ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଲ୍ୟୁଟ୍‌ନାଣ୍ଟ ଜେନେରାଲ୍ ଏନ୍ ଏସ୍ ରାଜା ସୁବ୍ରମଣି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଶ୍ୱବିଦ୍ୟାଳୟର କୁଳପତି ଡ. ସୁରେଶ ଚନ୍ଦ୍ର ପାଢ଼ିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## କଟକରୁ ବାଂଲାଦେଶୀ ନାବାଳିକା ଉଦ୍ଧାର ଘଟଣା

# ଆଉ ଜଣେ ଦଲାଲ ଗିରଫ

**କଟକ,୮।୧୨ (ମହାଭାରତ):** କଟକରୁ ବାଂଲାଦେଶୀ ନାବାଳିକା ଉଦ୍ଧାର ଘଟଣାରେ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି ପୋଲିସ। ବାରିପଦାରୁ ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ମହିଳା ଜଣକ ନାବାଳିକାଙ୍କୁ ଦେହ ବ୍ୟବସାୟ ପାଇଁ ବାଧ କରିଥିବାର ପ୍ରମାଣ ପାଇଛି ପୋଲିସ। ତେବେ ଏହି ମାମଲା ସମ୍ପର୍କିତ ଅଧିକ ପ୍ରମାଣ ଯୋଗାଡ଼ କରିବା ଲାଗି ଟିଆଇ ପରେଡ କରାଯିବ ବୋଲି କଟକ ଡିସିପି କହିଛନ୍ତି। ଆବଶ୍ୟକ ପଡିଲେ ଅଧିକ ତଦନ୍ତ ପାଇଁ କଲିକତା ପୋଲିସର ସହାୟତା ମଧ୍ୟ ନିଆଯିବ। କାରଣ ଗିରଫ ମହିଳାଙ୍କ ମୋବାଇଲରୁ ଅନେକ ଆପତ୍ତିଜନକ ତଥ୍ୟ ମିଳିଛି। ତେବେ ଏହି ଦେହ ବ୍ୟବସାୟ ନେଟୱାର୍କରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେମାନଙ୍କୁ ଗିରଫ କରିବା ଲାଗି ପୋଲିସ ଚେଷ୍ଟା ଜାରି ରଖିଛି। ପୀଡିତା ନାବାଳିକାଙ୍କ ପ୍ରତ୍ୟାର୍ପଣ ଲାଗି ମଧ୍ୟ ପଦକ୍ଷେପ



ନିଆଯାଉଛି। ସେଥିଲାଗି ବାଂଲାଦେଶ ହାଇକମିଶନରଙ୍କୁ ଚିଠି ଲେଖିଛି କମିସନରେଟ୍ ପୋଲିସ। ଏହି ଘଟଣାର ଅଧିକ ତଦନ୍ତ ଜାରି ରହିଛି। ଆଗକୁ ଆହୁରି କିଛି ଅଭିଯୁକ୍ତ ଗିରଫ ହେବାର ସମ୍ଭାବନା ମଧ୍ୟ ରହିଛି। ତେବେ ନଭେମ୍ବର ମାସ ୧୦ ତାରିଖ ଦିନ, କଟକ ମଧୁପଟଣା ଥାନା ଅଞ୍ଚଳରୁ ଜଣେ ବାଙ୍ଗଲାଦେଶୀ ନାବାଳିକାଙ୍କୁ ଉଦ୍ଧାର କରିଥିଲା ପୋଲିସ। ପୀଡ଼ିତାଙ୍କ ଅବସ୍ଥା ଏବଂ ତାଙ୍କ ବୟାନକୁ ଆଧାର କରି ପୋଲିସ ପ୍ରଥମେ ତନାଘନା ଆରମ୍ଭ କରିଥିଲା। ଏହି ମାମଲାରେ ଏକାଧିକ ବ୍ୟକ୍ତି ସମ୍ପୃକ୍ତ ଥିବା ଧିରେ ଧିରେ ସ୍ପଷ୍ଟ ହେବାରେ ଲାଗିଛି।

# ଶ୍ରୀଲିଙ୍ଗରାଜ ମନ୍ଦିର ମାସକରେ କିଣିଛି ୪୨ଲିଟର ଓମଫେଡ୍ ଘିଅ

**ଭୁବନେଶ୍ୱର,୮।୧୨ (ମହାଭାରତ):** ରାଜ୍ୟର ମନ୍ଦିରଗୁଡିକ ଶୁଦ୍ଧ ଘିଅ ବ୍ୟବହାର ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେବା ସହିତ ଓମଫେଡ୍ ଘିଅ କିଣିବାକୁ ପରାମର୍ଶ ଦେଇଛନ୍ତି। ତଦନୁଯାୟୀ ଦେବାଳୟଗୁଡିକ ଓମଫେଡ୍ ଘିଅ ଖରିଦ କରୁଛନ୍ତି। ଗତ ମାସକ ମଧ୍ୟରେ ଲିଙ୍ଗରାଜ ମନ୍ଦିର କର୍ତ୍ତୃପକ୍ଷ ୪୨ଲିଟର ଓମଫେଡ୍ ଖରିଦ କରିଥିବା ସୂଚନାଦେଇଛନ୍ତି ଆଇନ୍ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ଓଡିଶା ହିନ୍ଦୁ ଦେବୋତ୍ତର ବିଭାଗ ଅଧିନରେ ପରିଚାଳିତ ରାଜ୍ୟର ସମସ୍ତ ଧର୍ମାନୁଷ୍ଠାନରେ ଶୁଦ୍ଧ ଘିଅ ସହିତ ଉନ୍ନତମାସର ସାମଗ୍ରୀ ବ୍ୟବହାର ପାଇଁ ସମ୍ପୃକ୍ତ ଅନୁଷ୍ଠାନର ପରିଚାଳକ ଆୟ ଅନୁଯାୟୀ ବ୍ୟବସ୍ଥା କରିଥାନ୍ତି। ଶୁଦ୍ଧ ଘିଅ ବ୍ୟବହାର ପାଇଁ ସେମାନଙ୍କୁ କୁହାଯାଉଛି। ଆବଶ୍ୟକସ୍ଥଳେ ଟ୍ରଷ୍ଟବୋର୍ଡ ଶୁଦ୍ଧ ଘିଅ ବ୍ୟବହାର ପାଇଁ ନିଷ୍ପତ୍ତି ନେଇଥାନ୍ତି। ଏହାବାଦ୍ ଭୋଗ ଏବଂ ଦୀପ ନିଲାମଧାରୀମାନଙ୍କୁ ଶୁଦ୍ଧ ଘିଅ ବ୍ୟବହାର କରିବା ନିମନ୍ତେ ଚୁକ୍ତିପତ୍ରରେ ସର୍ତ୍ତାରୋପ କରାଯାଇଥାଏ। ମନ୍ତ୍ରୀ ସୂଚନା ଦେଇଛନ୍ତି ଯେ ଗତ ଏକମାସ ମଧ୍ୟରେ ଲିଙ୍ଗରାଜ ମନ୍ଦିର ପାଇଁ ୪୨ଲିଟର ଓମଫେଡ୍ ଘିଅ କିଣାଯାଇଥିବାବେଳେ ଘଟଗାଁ ତାରିଣୀ ମନ୍ଦିରରେ ୩୦କେଜି, କ୍ଷୀରଚୋରା ଗୋପୀନାଥ ମନ୍ଦିରରେ ୨୨.୫୩ କେଜି, କାକଟପୁରର ମା ମଙ୍ଗଳା ମନ୍ଦିରରେ ୧୫ କେଜି, ନୟାଗଡର ଶ୍ରୀଜଗନ୍ନାଥଜୀଉ ମନ୍ଦିରରେ ୩ କେଜି, ଶରଣକୁଳର ଲଡୁକେଶ ମନ୍ଦିରରେ ୨୫କେଜି ଓ ଓଡଗାଁର ରଘୁନାଥ ଜୀଉ ମନ୍ଦିରରେ ୨୧ କେଜି ଓମଫେଡ୍ ଘିଅ ଖରିଦ କରାଯାଇଛି।

# ଏକବିଂଶ ଶତାବ୍ଦୀର ସମାଜ ଜ୍ଞାନ ଦ୍ୱାରା ପରିଚାଳିତ ସମାଜ ହେବ : ରାଜ୍ୟପାଳ




**ଭୁବନେଶ୍ୱର,୭।୧୨,୮।୧୨ (ମହାଭାରତ):** ଏକବିଂଶ ଶତାବ୍ଦୀର ସମାଜ ଜ୍ଞାନ ଦ୍ୱାରା ପରିଚାଳିତ ଏକ ସମାଜ ହେବ। ଚଳିତ ଡ଼ିସେମ୍ବର ୭ ତାରିଖ ଦିନ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବକୁ ଉଦ୍‌ଘାଟନ କରି ରାଜ୍ୟପାଳ ରଘୁବର ଦାସ ଏହା କହିଛନ୍ତି। ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଯେଉଁ ରାଷ୍ଟ୍ରରେ ଜ୍ଞାନର ପ୍ରି ଅଛି ସେହି ରାଷ୍ଟ୍ର ଅଗ୍ରଗତି କରିବାକୁ ସେତିକି ସମର୍ଥ। ଏଣୁ ଛାତ୍ରଛାତ୍ରୀମାନେ କଠିନ ଅଧ୍ୟବ୍ୟସାୟ କରି ଜ୍ଞାନର ପରିସର ବିସ୍ତାରିତ କରିବା ସହିତ ନିଜ ନିଜ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିବାକୁ ଆହ୍ୱାନ ଜଣାଇଥିଲେ। ସମାବର୍ତ୍ତନ ଉତ୍ସବ ଛାତ୍ରଛତ୍ରୀମାନଙ୍କ ଜୀବନରେ ଏକ ନୂତନ ଅଧ୍ୟାୟ ଆରମ୍ଭର ଅବସର ଆଣେ। ସ୍ନାତକମାନେ ମନରେ ନିଜ ପାଇଁ ଏକ ଭବିଷ୍ୟତ ଆଙ୍କି ସାରିଥିବେ। ତେଣୁ ଆଜି କେବଳ ସଫଳତାର ଦିନ ନୁହେଁ ବରଂ ଆକାଂକ୍ଷାର ଦିନ ମଧ୍ୟ। ଏକ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ଦିଗ ଯୁବ ଶକ୍ତିର ଆକାଂକ୍ଷା ଉପରେ ସ୍ଥିର ହେବାକୁ ଯାଉଛି ବୋଲି ରାଜ୍ୟପାଳ କହିଥିଲେ। ଏତଦ୍‌ବ୍ୟତୀତ ଯୁବ ସଶକ୍ତିକରଣ ପାଇଁ ବୈଷୟିକ ଶିକ୍ଷାର ବହୁଳ ପ୍ରୟୋଗ ସହିତ ଦକ୍ଷତା ବିକାଶ ଉପରେ ରାଜ୍ୟପାଳ ଶ୍ରୀ ଦାସ ଗୁରୁତ୍ୱ ଆରୋପ କରିଥିଲେ। ସୁପ୍ରିମକୋର୍ଟର ମାନ୍ୟବର ନ୍ୟାୟାଧୀଶ ଜଷ୍ଟିସ୍ ସନ୍ଦୀପ ମେହେଟ୍ଟା ଏହି ସମାରୋହରେ ଉଦ୍‌ବୋଧନ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଇଣ୍ଡିଆନ୍ ସ୍ପେସ୍ ରିସର୍ଚ ଅର୍ଗାନାଇଜେନର ଚେୟାରମ୍ୟାନ ଡ଼. ଶ୍ରୀଧର ପାନିକର ସୋମନାଥ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର ଭାଇସ୍-ଚ୍ୟାନସେଲର ଡ଼. ସୁପ୍ରିୟା ପଟ୍ଟନାୟକ ବିବରଣୀ ଉପସ୍ଥାପନ କରିଥିଲେ। ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ଡ଼. ମୁକ୍ତିକା’ ମିଶ୍ର, ଉପସଭାପତି ପ୍ରଫେସର ଡ଼.ଏନ୍ ରାଓ, ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ଼. ଅନୀତା ପାତ୍ର ପ୍ରମୁଖ ମଂଚାସୀନ ହୋଇଥିଲେ। ଏହି ଅବସରରେ ବିଭିନ୍ନ ବିଷୟରେ ଉତ୍କର୍ଷତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରଯାଇଥିଲା।

# ନୋବେଲ ବିଜେତା ଡ଼ ମାଇକେଲ କ୍ରେମରଙ୍କ କୃଷି ଭବନ ପରିଦର୍ଶନ

**ଭୁବନେଶ୍ୱର,୮।୧୨ (ମହାଭାରତ):** ୨୦୧୯ରେ ଅର୍ଥନୀତି ବିଜ୍ଞାନରେ ନୋବେଲ ପୁରସ୍କାରପ୍ରାପ୍ତ ଚିକାଗୋ ୟୁନିଭରସିଟି ପ୍ରଫେସର ଡ଼ ମାଇକେଲ କ୍ରେମର ଆଜି ଭୁବନେଶ୍ୱରସ୍ଥିତ କୃଷି ଭବନ ପରିଦର୍ଶନରେ ଆସି ଓଡ଼ିଶା କୃଷି କ୍ଷେତ୍ରର ଅଗ୍ରଗତି ବିଷୟରେ ଅବଗତ ହୋଇଥିଲେ।

ଡ଼ କ୍ରେମର ବିଶ୍ୱରେ ଦାରିଦ୍ର୍ୟ ହ୍ରାସ ଦିଗରେ କାର୍ଯ୍ୟ କରିଆସୁଛନ୍ତି ଓ ଏଥିପାଇଁ ସେ ୨୦୧୯ ରେ ସମ୍ମାନଜନକ ନୋବେଲ ପୁରସ୍କାର ପ୍ରାପ୍ତ ହୋଇଛନ୍ତି। ବର୍ତ୍ତମାନ ସେ ଚିକାଗୋ ୟୁନିଭରସିଟିରେ ବରିଷ୍ଠ ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି। ଓଡ଼ିଶାର କୃଷି କ୍ଷେତ୍ରରେ ଚଳିତ ବର୍ଷ ବାତ୍ୟା ଦାନା ଯୋଗୁଁ ଉତ୍ପାଦନ ପ୍ରଭାବିତ ହେବା ସତ୍ତ୍ୱେ ଫସଲ ଉତ୍ପାଦନ ବଢିଥିବା ଦେଖି ଡ଼ କ୍ରେମର ଖୁସିବ୍ୟକ୍ତ କରିଛନ୍ତି। ଏହାସହ କୃଷି ବିଭାଗ ଦ୍ୱାରା ନିୟମିତ ବ୍ୟବଧାନରେ କୃଷି ସମୃଦ୍ଧି ପୋର୍ଟାଲ ମାଧ୍ୟମରେ ଚଷୀଙ୍କୁ ପାଣିପାଗ ଜନିତ ସୂଚନା ପ୍ରଦାନକୁ ମଧ୍ୟ ଭୂୟସୀ ପ୍ରଶଂସା କରିଥିଲେ। ଏହାପରେ କୃଷି ସମୀକ୍ଷା କେନ୍ଦ୍ରର ପରିଦର୍ଶନ ସହ ଏହାର କାର୍ଯ୍ୟ ପ୍ରଣାଳୀ ବାବଦରେ ଅବଗତ ହୋଇଥିଲେ। ପୂର୍ବରୁ ମଧ୍ୟ ଡ଼ କ୍ରେମର ଏବଂ ତାଙ୍କ ଟିମ୍ ଓଡ଼ିଶା ସହ ସହଭାଗୀ ହୋଇ କାର୍ଯ୍ୟ କରିଛନ୍ତି। ଏବଂ ଏହି ସହଭାଗିତା ଆଗକୁ ମଧ୍ୟ ଜାରି ରହିବ ବୋଲି ଡ଼ କ୍ରେମର ମତବ୍ୟକ୍ତ କରିଥିଲେ। ଡ଼ ମାଇକେଲ




କ୍ରେମରଙ୍କ କୃଷି ଭବନ ପରିଦର୍ଶନବେଳେ ସାଙ୍ଗରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢୀ, କୃଷି ନିର୍ଦ୍ଦେଶକ ଶ୍ରୀ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଳ ପଵନ କଲ୍ୟାଣଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

# ମୌଲବାଦୀଙ୍କ କବଜା

ଆଫଗାନିସ୍ତାନବାସୀଙ୍କୁ ସେମାନଙ୍କ ଭାଗ୍ୟ ଉପରେ ଛାଡ଼ି ଦେଇଥିଲେ। ଆମେରିକା ସେନା କାବୁଲ ଛାଡ଼ିବା ପରେ ପରେ ତାଲିବାନ ଏହାକୁ ଦଖଲ କରିନେଇଥିଲା ଏବଂ ଆଫଗାନିସ୍ତାନରେ ପୁଣି ତାଲିବାନୀ ଶାସନ ଆରମ୍ଭ ହୋଇଗଲା। ଦେଶରେ ଗଣତନ୍ତ୍ରକୁ ହତ୍ୟା କରାଗଲା। ଅରାଜକତା ସୃଷ୍ଟି ହେଲା। ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଲେ। ଭାରତ ସମେତ ଅନ୍ୟ ଯେଉଁ ଦେଶର ନାଗରିକମାନେ ଆଫଗାନିସ୍ତାନରେ ରହୁଥିଲେ ସେମାନେ ଦେଶ ଛାଡ଼ିବାକୁ ବାଧ୍ୟ ହେଲେ। ବାଇଡେନଙ୍କ ଏହି ନିଷ୍ପତ୍ତିକୁ ବିଶ୍ୱବ୍ୟାପୀ ନିନ୍ଦା କରାଗଲା। କିନ୍ତୁ ବାଇଡେନ ସେଥିରେ ଅବିଚଳିତ ଥିଲେ। ଆମେରିକାର ସ୍ୱାର୍ଥରକ୍ଷାକୁ ସ ପ୍ରାଥମିକତା ଦେଇଥିଲେ। ତାଙ୍କ ୪ ବର୍ଷର ଶାସନ କାଳରେ ସେ ଏଭଳି ଅନେକ ନିଷ୍ପତ୍ତି ନେଇଛନ୍ତି ଯାହା କେବଳ ଆମେରିକାର ସ୍ୱାର୍ଥରକ୍ଷା ପାଇଁ ଉଦ୍ଦିଷ୍ଟ। କିନ୍ତୁ ଏବେ ତାଙ୍କ ବିରୋଧରେ ଏଭଳି ଏକ ଅଭିଯୋଗ ଉଠିଛି ଯାହା ସତ୍ୟ ହୋଇଥିଲେ ସାଂଘାତିକ। ଅଭିଯୋଗ ହେଉଛି ଯେ, ଆମେରିକା ରାଷ୍ଟ୍ରପତି ପଦ ଛାଡ଼ିବା ପୂର୍ବରୁ ବାଇଡେନ ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ କରିଦେବେ। ଏହା ବିଶ୍ୱାସଯୋଗ୍ୟ ନହେଲେ ମଧ୍ୟ ଅସମ୍ଭବ ନୁହେଁ। ବର୍ତ୍ତମାନ ବିଶ୍ୱ ରାଜନୈତିକ ପରିସ୍ଥିତି ଯାହା ସେଥିରେ ଏକ ବଡ଼ ଯୁଦ୍ଧ ଲାଗିବା ଆଶଙ୍କାକୁ ଏଡ଼ାଇ ଦେଇହେବ ନାହିଁ। ଗୋଟିଏ ପଟେ ୟୁକ୍ରେନ-ରଷିଆ ଯୁଦ୍ଧ ଅଢ଼େଇ ବର୍ଷରୁ ଅଧିକ କାଳ ଚାଲିଲାଣି। ଯୁଦ୍ଧ ବିରତି ନିମନ୍ତେ ସବୁ ଆଲୋଚନା ବିଫଳ ହୋଇଛି। ଆମେରିକା ଓ ଅନ୍ୟ ପାଶ୍ଚାତ୍ୟ ରାଷ୍ଟ୍ରର ସହଯୋଗରେ ୟୁକ୍ରେନ ଆଜି ପର୍ଯ୍ୟନ୍ତ ରଷିଆ ବିରୋଧରେ ଲଢ଼େଇ ଜାରି ରଖିଛି। ଆଜି ପର୍ଯ୍ୟନ୍ତ ରଷିଆ ସଂଯମତା ଅବଲମ୍ବନ କରିଆସିଛଇ ଏଶବଂ ୟୁକ୍ରେନ ବିରୋଧରେ ପରମାଣୁ ଅସ୍ତ୍ର ବା ଅନ୍ୟ ମାରାତ୍ମକ ଅସ୍ତ୍ର ବ୍ୟବହାର କରି ନାହିଁ। ପୁଟିନଙ୍କୁ ଏଥିପାଇଁ ଧନ୍ୟବାଦ ଦେବାକୁ ପଡ଼ିବ। ନଚେତ ରଷିଆର ସାମରିକ ଶକ୍ତି ଯାହା ସେଥିରେ ୟୁକ୍ରେନ କେବେଠାରୁ ଧ୍ୱଂସ ହୋଇସାରନ୍ତାଣି। ସେପଟେ ଇସ୍ରାଏଲ ଏବଂ ଏହାର ଚାରିପଟେ ଥିବା ଥିବା ରାଷ୍ଟ୍ରମାନଙ୍କ ମଧ୍ୟରେ ଯୁଦ୍ଧ ଜାରି ରହିଛି। ପ୍ରଥମେ ଇସ୍ରାଏଲ ଏବଂ ହମାସ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା। ଏବେ ଲେବାନନର ହେଜବୁଲ୍ଲା ଏବଂ ଇରାନ ସହ ଇସ୍ରାଏଲର ଲଢ଼େଇ ଚାଲିଛି। ଏହା ସହିତ ୟେମେନ ଏବଂ ସିରିଆ ମଧ୍ୟ ଇସ୍ରାଏଲ ବିରୋଧରେ ଅସ୍ତ୍ର ଉତ୍ତୋଳନ କରିଛନ୍ତି। ଯାହା ଜଣାପଡୁଛି ଇସ୍ରାଏଲ ବିରୋଧରେ ସବୁ ଇସଲାମିକ ରାଷ୍ଟ୍ର ଏକାଠି ହେଉଛନ୍ତି। ଏହା ଏକ ବିଶ୍ୱଯୁଦ୍ଧରେ ପରିଣତ ହେବାର ଆଶଙ୍କାକୁ ଏଡ଼ାଇ ଦେଇହେବ ନାହିଁ। ଇସ୍ରାଏଲ ଏବଂ ପାଲେଷ୍ଟାଇନ ମଧ୍ୟରେ ବିବାଦ ବହୁ ବର୍ଷ ପୁରୁଣା। ଏହାକୁ କେନ୍ଦ୍ର କରି ଅଧିକାଂଶ ଇସଲାମିକ ରାଷ୍ଟ୍ର ଏକତ୍ରିତ ହୋଇ ଇସ୍ରାଏଲକୁ ଆକ୍ରମଣ କରିବାର ସମ୍ଭାବନା ରହିଛି। ଆମେରିକା ହେଉଛି ଇସ୍ରାଏଲର ସମର୍ଥକ। ତେଣୁ ଯଦି ଇସ୍ରାଏଲ ବିରୋଧରେ ସବୁ ଇସଲାମିକ ରାଷ୍ଟ୍ର ଏକାଠି ହୋଇ ଯୁଦ୍ଧ କରିବେ ତେବେ ଆମେରିକା ନିଜ ବନ୍ଧୁ ରାଷ୍ଟ୍ରର ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିବ ଏବଂ ଏହା ଏକ ବିଶ୍ୱଯୁଦ୍ଧରେ ପରିଣତ ହେବାର ଆଶଙ୍କାକୁ ବୃଦ୍ଧି କରିବ। ତେବେ ଏହା ଦ୍ୱାରା ବାଇଡେନଙ୍କର ବା ଆମେରିକାର କ'ଣ ଲାଭ ହେବ? ସମ୍ଭବତଃ ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଅଡୁଆରେ ପକାଇବା ପାଇଁ ବାଇଡେନ ଏଭଳି ଯୋଜନା କରୁଥାଇପାରନ୍ତି। ଟ୍ରମ୍ପଙ୍କୁ ସହଜରେ ଶାସନ କ୍ଷମତା ହସ୍ତାନ୍ତର କରିବାକୁ ବାଇଡେନ ଚାହୁଁନଥାଇପାରନ୍ତି। ବିଶ୍ୱଯୁଦ୍ଧ ଆଳରେ ସେ ଏଭଳି ଏକ ସାମ୍ବିଧାନିକ ସଙ୍କଟ ସୃଷ୍ଟିକରିପାରନ୍ତି ।

# ଓଡ଼ିଶାର ବରପୁତ୍ର ରାମଚନ୍ଦ୍ର ମର୍ଦ୍ଦରାଜ


॥ ଡ. ବାୟାମନୁ ଚର୍ଚ୍ଚି ॥


> *୧୯୩୧ ମସିହାରେ ଓଡ଼ିଶା ସୀମା ନିର୍ଦ୍ଧାରଣ ପାଇଁ ସାର୍ ସାମୁଏଲ୍ ଓଡ଼ନେଲଙ୍କ ଅଧକ୍ଷତାରେ ଏକ କମିଟି ନିଯୁକ୍ତ ହୋଇଥିଲେ । ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ତା.୭.୧୨.୧୯୩୨ରେ ଲଣ୍ଡନରେ ଅନୁଷ୍ଠିତ ତୃତୀୟ ଗୋଲଟେବୁଲ୍ ବୈଠକରେ ଯୋଗଦାନ କରି ଓଡ଼ନେଲ୍ କମିଟି ସୁପାରିଶ ଅସମୀଚୀନ ଓ ଅଟଲି ସବ୍ କମିଟିର ସୁପାରିଶ ଯଥାର୍ଥ ବୋଲି ଯୁକ୍ତି ଉପସ୍ଥାପନ ପୂର୍ବକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେଉ ବୋଲି ଦାବି କରିଥିଲେ । ସେକ୍ରେଟାରୀ ଅଫ୍ ଷ୍ଟେଟସ୍ ସାର୍ ସାମୁଏଲ୍ ହୋର୍‌ଙ୍କୁ ନିଜ ପରିକଳ୍ପିତ ଓଡ଼ିଶା ପ୍ରଦେଶ ସଂପର୍କରେ ସେ ଅବଗତ କରାଇଥିଲେ ।*

ପ୍ରକୃତିର ନୈସର୍ଗିକ ଶୋଭା ସଂପଦ ବିମଣ୍ଡିତ ଖଲ୍ଲିକୋଟ ରାଜପ୍ରାସାଦରେ ୧୯୦୦ ମସିହା ଜାନୁଆରୀ ୧୩ ତାରିଖ ଦିନ ଜନ୍ମ ନିଅନ୍ତି ରାଜା ରାମଚନ୍ଦ୍ର ମର୍ଦ୍ଦରାଜ । ପିତା ହରିହର ମର୍ଦ୍ଦରାଜ, ମାତା ମୟୂରଭଂଜ ଛୋଟରାୟ ବୃନ୍ଦାବନ ଭଂଜଙ୍କ ଦ୍ୱିତୀୟ କନ୍ୟା, ରାଜା ରାମଚନ୍ଦ୍ର ଭଂଜଙ୍କ ଭଗ୍ନୀ କନକମଞ୍ଜରୀ । ପ୍ରକାଶଯୋଗ୍ୟ ଯେ, ହରିହର ମର୍ଦ୍ଦରାଜ (ଜନ୍ମ: ୧୮୭୧ ଜୁଲାଇ ୧୦, ତିରୋଧାନ: ୧୯୦୯) ଥିଲେ ଜଣେ ପ୍ରଜାହିତୈଷୀ ରାଜା । ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା, ପ୍ରଚାର ଓ ପ୍ରସାର, ୧୯୦୧ ଜୁନ୍ ୫ ତାରିଖରେ ମର୍ଦ୍ଦରାଜ ପ୍ରେସ୍ ସ୍ଥାପନ ଓ ୧୯୦୨ ଜୁନ୍ ୫ ତାରିଖରେ ସାପ୍ତାହିକ ପତ୍ରିକା ନୀଳମଣି ବିଦ୍ୟାରତ୍ନଙ୍କ ସମ୍ପାଦନରେ ପ୍ରକାଶନ, ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ, ବ୍ରହ୍ମପୁର ଡାଇମଣ୍ଡ ଜୁବୁଲି ଟାଉନହଲ୍ ନିର୍ମାଣ ତଥା ବିଭିନ୍ନ ଜନହିତକର କାର୍ଯ୍ୟ ପାଇଁ ତାଙ୍କର ଅବଦାନ ଅବିସ୍ମରଣୀୟ ।

ଓଡ଼ିଆ ଭାଷା ଓ ସାହିତ୍ୟର ବିପନ୍ନ କାଳରେ କାଟିଙ୍ଗା ରାଜା ଭେଙ୍କେଟେଶ ଦେବଙ୍କ ନେତୃତ୍ୱରେ ୧୮୭୦ ମସିହାରେ ରସଲକୋଣ୍ଡା (ଭଂଜନଗର) ଠାରେ ପ୍ରାକୃତିକ ଓଡ଼ିଶାର ପ୍ରତିନିଧିମାନଙ୍କୁ ନେଇ ଅନୁଷ୍ଠିତ ଓଡ଼ିଆ ସମ୍ମିଳନୀରେ ଓଡ଼ିଆ ଭାଷା ପ୍ରତି ମାରଣନୀତି ବିରୁଦ୍ଧରେ ତୀବ୍ର ସ୍ୱର ଉତ୍ତୋଳନ କରାଯାଇଥିଲା । ଏହା ଓଡ଼ିଶାର ସର୍ବପ୍ରଥମ ଭାଷା ସୁରକ୍ଷା ଆନ୍ଦୋଳନ । ଏହାର ପ୍ରେରଣାରେ ରାଜା ହରିହର ମର୍ଦ୍ଦରାଜ ୧୯୦୨ ମସିହାରେ ଗଂଜାମ ଜାତୀୟ ସମିତି ଜାତୀୟବାଦୀ ମଂଚ ଗଠନ କରିଥିଲେ ଏବଂ ରମ୍ଭା ରାଜପ୍ରାସାଦରେ ପୁତ୍ର ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଦ୍ୱିତୀୟ ଜନ୍ମବାର୍ଷିକୀ ଉତ୍ସବ ପାଳନ ଅବସରରେ ଏକ ମହାସମ୍ମିଳନୀ ଆୟୋଜିତ ହୋଇଥିଲା । ଏହି ଜାତୀୟ ଯଜ୍ଞରେ ପୁରୋଧା ଥିଲେ ରାଜା ହରିହର ଏବଂ ଉଦ୍‌ଗାତା ଥିଲେ କୁଳବୃଦ୍ଧ ମଧୁସୂଦନ । ଏହି ସଭାରେ ସମଗ୍ର ଓଡ଼ିଶର ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦାନ କରିଥିଲେ । ଓଡ଼ିଆମାନଙ୍କ ଦୁଃଖ ଦୁର୍ଦ୍ଦଶା କିପରି ଦୂର ହେବ ଏବଂ ଓଡ଼ିଆ ଭାଷା କିପରି ବଂଚିରହିବ ସେ ସଂପର୍କରେ ଆଲୋଚନା ହୋଇଥିଲା । ଏହି ରମ୍ଭା ପ୍ରାସାଦର ଜାତୀୟ ସଭାରୁ ଗଂଜାମ ସମ୍ମିଳନୀ ଏବଂ ଗଂଜାମ ସମ୍ମିଳନୀରୁ ଜନ୍ମ ନେଲା ଉତ୍କଳ ସମ୍ମିଳନୀ ।

ଦୁଃଖର କଥା ମାତ୍ର ୯ ବର୍ଷ ବୟସରେ ରାମଚନ୍ଦ୍ର ପିତାଙ୍କୁ ହରାଇଲେ । ରାଜା ହରିହରଙ୍କ ଦେହାନ୍ତ ଥିଲା ଓଡ଼ିଆ ଜାତି ପାଇଁ ଏକ ଶକ୍ତ ଧକ୍କା । ୧୯୧୧ ମସିହା ମେ ମାସ ୧୦ ତାରିଖ ଦିନ ରାମଚନ୍ଦ୍ରଙ୍କ ବ୍ରତୋପନୟନ ଓ ଅଭିଷେକ ହୋଇଥିଲା । ୧୯୧୮ ମସିହାରେ ସେ ମାନ୍ଦ୍ରାଜ କଲେଜ୍ ସଭାପତି ଦାୟିତ୍ୱ ନେଇଥିଲେ । ମାନ୍ଦ୍ରାଜରୁ ପାଠପଢ଼ା ଶେଷ କରି ୧୯୨୧ ମସିହାରେ ଖଲ୍ଲିକୋଟ ପ୍ରତ୍ୟାବର୍ତ୍ତନ କଲେ ଏବଂ ରାଜ୍ୟଭାର ଗ୍ରହଣ କଲେ ।

୧୯୨୨ ମସିହାରେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ଗଂଜାମ ଜିଲ୍ଲା ବୋର୍ଡ଼ ସଭାପତି ଭାବେ ମନୋନୀତ ହେଲେ । ୧୯୨୩ରେ ମାନ୍ଦ୍ରାଜ ଲୋକସଭାର ସଦସ୍ୟ ହେଲେ ଏବଂ ଅବହେଳିତ ଉତ୍କଳୀୟଙ୍କ ଉନ୍ନତିମୂଳକ କାର୍ଯ୍ୟ ସଂପାଦନ ପାଇଁ ସଂକଳ୍ପ ନେଲେ , ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ମନପ୍ରାଣ ଢ଼ାଳିଲେ । ପ୍ରକାଶଯୋଗ୍ୟ ଯେ, ଏତିକିବେଳେ ଅଣଓଡ଼ିଆମାନେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇ ବିଭିନ୍ନ ଷଡ଼ଯନ୍ତ୍ର କରିବା ହେତୁ ଓଡ଼ିଆମାନେ ବହୁ ଦୁଃଖ ଓ ନିର୍ଯ୍ୟାତନା ଭୋଗ କରୁଥିଲେ । ବ୍ରିଟିଶ୍ ସରକାରଙ୍କ ପ୍ରଶାସନିକ କର୍ତ୍ତୃପକ୍ଷ ସେମାନଙ୍କ ଦ୍ୱାରା ପ୍ରଭାବିତ ହେଉଥିଲେ । ଓଡ଼ିଶାରୁ ବିଚ୍ଛିନ୍ନ ହୋଇଥିବା ଓଡ଼ିଆମାନେ ପ୍ରକୃତରେ ଓଡ଼ିଶାରେ ରହିବାକୁ ଚାହୁଁଛନ୍ତି କି ନାହିଁ, ସେ ସଂପର୍କରେ ତଦନ୍ତ ତଥା ଦେଶ ମିଶ୍ରଣର ଶେଷ ନିଷ୍ପତ୍ତି ପାଇଁ ଗଭର୍ଣ୍ଣର ଜେନେରାଲ୍ ସି.ଏଲ୍. ଫିଲିପ୍ ଓ ମାନ୍ଦ୍ରାଜ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ଏ.ସି.ଡଫ୍. ନିଯୁକ୍ତ ହୋଇଥିଲେ । ଏହି ଫିଲିଫ୍-ଡଫ୍ କମିଶନ ୭.୧୨.୧୯୨୪ ଠାରୁ ୨୧.୧୨.୧୯୨୪ ଯାଏଁ ତଦନ୍ତ ବେଳେ ଖଲ୍ଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ନିଜ ପିତା ସ୍ୱର୍ଗତ ହରିହର ମର୍ଦ୍ଦରାଜଙ୍କ ଦେଶ ମିଶ୍ରଣ ପାଇଁ ମହନୀୟ ଚେଷ୍ଟା ତଥା ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣର ଆବଶ୍ୟକତା, ଓଡ଼ିଆମାନଙ୍କ ଇଚ୍ଛା ଓ ଅଭୀପ୍ସା ସଂପର୍କରେ ଯୁକ୍ତିଯୁକ୍ତ ଲିଖିତ ଦାବି ଉପସ୍ଥାପନ କରିଥିଲେ । ତାଙ୍କୁ ଏହି ତଦନ୍ତ କାର୍ଯ୍ୟରେ ସର୍ବଶ୍ରୀ ନିରଞ୍ଜନ ପଟ୍ଟନାୟକ, ହରିହର ପଣ୍ଡା, ମଧୁସୂଦନ ପାଣିଗ୍ରାହୀ, ଶରତ ଚନ୍ଦ୍ର ମହାନ୍ତି ପ୍ରମୁଖ ସହାୟତା କରିଥିଲେ । ଦାବି ଯୁକ୍ତିଯୁକ୍ତ ବୋଲି କମିଶନ ସ୍ୱୀକାର କରିଥିବା ତାଙ୍କ ରିପୋର୍ଟରୁ ଜଣାଯାଏ ।

୧୯୩୧ ମସିହାରେ ଓଡ଼ିଶା ସୀମା ନିର୍ଦ୍ଧାରଣ ପାଇଁ ସାର୍ ସାମୁଏଲ୍ ଓଡ଼ନେଲଙ୍କ ଅଧକ୍ଷତାରେ ଏକ କମିଟି ନିଯୁକ୍ତ ହୋଇଥିଲେ । ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ତା.୭.୧୨.୧୯୩୨ରେ ଲଣ୍ଡନରେ ଅନୁଷ୍ଠିତ ତୃତୀୟ ଗୋଲଟେବୁଲ୍ ବୈଠକରେ ଯୋଗଦାନ କରି ଓଡ଼ନେଲ୍ କମିଟି ସୁପାରିଶ ଅସମୀଚୀନ ଓ ଅଟଲି ସବ୍ କମିଟିର ସୁପାରିଶ ଯଥାର୍ଥ ବୋଲି ଯୁକ୍ତି ଉପସ୍ଥାପନ ପୂର୍ବକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେଉ ବୋଲି ଦାବି କରିଥିଲେ । ସେକ୍ରେଟାରୀ ଅଫ୍ ଷ୍ଟେଟସ୍ ସାର୍ ସାମୁଏଲ୍ ହୋର୍‌ଙ୍କୁ ନିଜ ପରିକଳ୍ପିତ ଓଡ଼ିଶା ପ୍ରଦେଶ ସଂପର୍କରେ ସେ ଅବଗତ କରାଇଥିଲେ ।

ଭାରତ ସରକାର ଓ ବିଲାତ ସରକାର ଏକମତ ହୋଇ ତା.୨୪.୧୨.୧୯୩୨ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେବାଲାଗି ସ୍ଥିର ହେଲା । ଏହି ଦିବସଟି ଆମ ଓଡ଼ିଆମାନଙ୍କ ପାଇଁ ଏକ ସ୍ମରଣୀୟ ଦିବସ । ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଏ ଖବର ପାଇ ରାଜା ରାମଚନ୍ଦ୍ରଙ୍କ ନିକଟକୁ ପ୍ରଶଂସା କରି ବାର୍ତ୍ତା ପଠାଇଥିଲେ ।

୧୯୩୩ ମସିହାରେ ଜଏଣ୍ଟ୍ ପାର୍ଲାମେଣ୍ଟାରୀ କମିଟି ଆଗରେ ସାକ୍ଷ୍ୟ ପ୍ରଦାନ କରିଥିଲେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ । ତା.୧୭.୩.୧୯୩୩ରେ ଗୋଲଟେବୁଲ୍ ବୈଠକରେ ପ୍ରକାଶିତ ଶ୍ୱେତପତ୍ରରେ ପାରଳାଖେମୁଣ୍ଡି ଓ ଜୟପୁରକୁ ବାଦ୍ ଦିଆଯାଇଥିଲା । ତା. ୬.୧୧.୧୯୩୩ରେ ପାରଳା ରାଜା କୃଷ୍ଣଚନ୍ଦ୍ର ଗଜପତି ଏବଂ ଖଲ୍ଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ମିଳିତ ଉଦ୍ୟମରେ ପାର୍ଲାମେଣ୍ଟ୍ କମିଟି ଓଡ଼ନେଲ କମିଟି ସାକ୍ଷାତ୍ କରାଇ ଓଡ଼ିଶାରେ ଜୟପୁରକୁ ସାମିଲ କରାଗଲା । ମହାରାଜା କୃଷ୍ଣଚନ୍ଦ୍ରଙ୍କ ମତାମତକୁ ସମ୍ମାନ ଦେଇ ପାରଳା ରାଜ୍ୟ ପରିବର୍ତ୍ତେ ପାରଳାର ଉତ୍ତରାଞ୍ଚଳକୁ ପ୍ରସ୍ତାବିତ ପ୍ରଦେଶରେ ମିଶ୍ରଣ ଲାଗି ନିଷ୍ପତ୍ତି ହେଲା । ଭାରତ ଶାସନ ସଂସ୍କାର (୧୯୩୫)ରେ ଓଡ଼ିଶା ପ୍ରଦେଶ ଜନ୍ମ ନେଲା ଏବଂ ଆନୁଷ୍ଠାନିକ ଭାବେ ଏପ୍ରିଲ ୧, ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେଲା ।

୧୯୩୭ ମସିହାରେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଅପ୍ରତିଦ୍ୱନ୍ଦ୍ୱୀ ଓଡ଼ିଶା ବିଧାନ ସଭା ସଦସ୍ୟ ହେବା ସହ 'ରାଜାବାହାଦୂର' ଉପାଧିପ୍ରାପ୍ତ ହେଲେ । ୧୯୪୫ ମସିହା ପର୍ଯ୍ୟନ୍ତ ସେ ବିଧାନସଭା ସଦସ୍ୟ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ୧୯୪୫ ମସିହାରେ କେନ୍ଦ୍ର ବ୍ୟବସ୍ଥାପକ ସଭାରେ ସଭ୍ୟ ରୂପେ ନିର୍ବାଚିତ ହୋଇ 'ସାର୍' ଉପାଧି ପାଇଥିଲେ । ୧୯୫୨ ମସିହାରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଓଡ଼ିଶା ବ୍ୟବସ୍ଥାପକ ସଭାକୁ ନିର୍ବାଚିତ ହୋଇଥିଲେ । ୧୯୫୫ ମସିହାରେ ବ୍ରହ୍ମପୁରରେ ଅନୁଷ୍ଠିତ ଭାରତୀୟ ଜାତୀୟ କଂଗ୍ରେସ ଅଧିବେଶନର ସେ ମୁଖ୍ୟ ସଂଗଠକ ଓ ପୃଷ୍ଠପୋଷକ ଥିଲେ । ୧୯୫୭ ମସିହାରେ ବିଧାନସଭା ସଭ୍ୟ ଭାବେ ନିର୍ବାଚିତ ହୋଇ ନଦୀ ଉପତ୍ୟକା, ଉନ୍ନୟନ ଓ ଦୁର୍ନୀତି ନିବାରଣ ମନ୍ତ୍ରୀ ପଦରେ ଅଧିଷ୍ଠିତ ହୋଇଥିଲେ । ୧୯୬୧ ମସିହାରୁ ୧୯୬୩ ମସିହା ପର୍ଯ୍ୟନ୍ତ ବିଧାନସଭା ସଦସ୍ୟ ଓ ରାଜ୍ୟ ସମବାୟ ବ୍ୟାଙ୍କର ସଭାପତି ଥିଲେ । ୧୯୬୩ ମସିହାରେ କଂଗ୍ରେସ ପ୍ରାର୍ଥୀ ଭାବେ ବିଧାନସଭା ସଦସ୍ୟ ରୂପେ ନିର୍ବାଚିତ ହୋଇଥିଲେ ।

ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ରାଜ୍ୟ ଶାସନ, ରାଜନୈତିକ ଜୀବନ, ଜନସଂପର୍କକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ସେ ଓଡ଼ିଆ ଜାତି ପାଇଁ ଶ୍ରଦ୍ଧାଶୀଳ ଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ୧୯୬୩ ମସିହା ଜାନୁଆରୀ ୨୩ ତାରିଖ ଦିନ ସେ ଇହଲୀଳା ସମ୍ବରଣ କଲେ । ସେ ଓଡ଼ିଶାର ବରପୁତ୍ର ଏବଂ ଜନକଲ୍ୟାଣ ପାଇଁ ସଦା ସ୍ମରଣୀୟ ହୋଇ ରହିବେ ।

ଭାରତୀୟ ସମ୍ବାଦ ସେବା (ଭାସ୍)

# ବିଶ୍ୱ ମାତୃଭାଷା ଦିବସ


॥ ଡ଼ଃ.ଅରୁନ୍ଧତୀ ଦେବୀ ॥


ମା' ଓ ମାଟିର ଭାଷା ହିଁ ମାତୃଭାଷା। ଏହା ସଂସ୍କୃତିର ବାହକ ଓ ସଂହତିର ଉତ୍ସ। ଏହା ଅଗଣିତ ମଣିଷକୁ ଯୋଡ଼ିଦିଏ ଏକ ସୂତ୍ରରେ। ଉନ୍ମାଦାତ୍ରୀ ମାଆ ଓ ମାତୃଭୂମି ସହିତ ତା'ର ଆତ୍ମିକ ସମ୍ପର୍କକୁ ଅନୁଭବ କରି ଭକ୍ତକବି ମଧୁସୂଦନ ରାଓ ଗାଇଛନ୍ତି – ମାତୃଭୂମି, ମାତୃଭାଷା ଉଭୟେ ଜନନୀ, ସେବ ତାଙ୍କୁ ଭକ୍ତିଭରେ ଦିବସ ରଜନୀ। ମାତୃଭାଷାର ସମ୍ମାନ ହିଁ ଜାତିର ସମ୍ମାନ। ସେଥିପାଇଁ ଆପଣା ଭାଷାକୁ ନେଇ ଗର୍ବ ଅନୁଭବ କରେ ବିଶ୍ୱର ପ୍ରାୟ ପ୍ରତ୍ୟେକ ଜାତି। ମାତ୍ର ଜାତୀୟ ସ୍ୱାଭିମାନୀ ଯେଉଁଠି ଖର୍ବୀକୃତ, ସେଠାରେ ଦୁର୍ବଳ ହୁଏ ଭାଷାର ବ୍ୟବହାରିକ ଦିଗ। ସେହି ସ୍ୱାଭିମାନର ସଂକଟ ଯୋଗୁ ଓଡ଼ିଆ ଭାଷା ଆଜି ନାନା ବିରୋଧାଭାସ ଓ ବେଦନାବୋଧର ସମ୍ମୁଖୀନ। ପାଣିପବନରେ ବଢ଼ନ୍ତି କିନ୍ତୁ ଘରେ, ବାହାରେ ଓ ସାଧାରଣରେ ଯଥେଷ୍ଟ ଇଂଲିଶ ଭାଷା ବ୍ୟବହାର କରି ପ୍ରଦର୍ଶନ କରନ୍ତି ଆପଣା ପାଣ୍ଡିତ୍ୟ। କାର୍ଯ୍ୟାଳୟରେ ନଥିପତ୍ର ଇଂଲିଶରେ ଲେଖି ଉଲ୍ଲଂଘନ କରନ୍ତି ଭାଷା ଆଇନ। ଏମାନଙ୍କ ଦୃଷ୍ଟିରେ ଓଡ଼ିଆ ଭାଷା ଜ୍ଞାନବିଜ୍ଞାନର ଭାଷା ନୁହେଁ କି ବିକାଶର ମାଧ୍ୟମ ନୁହେଁ।

ଏହା କେବଳ ହଳିଆ, ମୂଲିଆ ଓ ଅପାଠୁଆଙ୍କ କଥିତ ଭାଷା। ଏହି ଭ୍ରାନ୍ତ ଭାବନା ନେଇ ଏମାନେ ଓଡ଼ିଆରେ ଲେଖାପଢ଼ା ନକରିପାରିବାକୁ ଗୌରବ ବୋଲି ଭାବନ୍ତି ଏବଂ ନିଜ ପିଲାମାନଙ୍କୁ ପଢ଼ାନ୍ତି ଇଂଲିଶ ମାଧ୍ୟମ ବିଦ୍ୟାଳୟରେ। ମାତୃଭାଷା ଗୋଟିଏ ଜାତିର ଜୀବନଚର୍ଯ୍ୟାର ବାହକ। ମାତ୍ର ଓଡ଼ିଆ ଭାଷାର ସେ ବ୍ୟବହାରିକ ଉପଯୋଗିତା ଓ ସାର୍ବଭୌମ ମର୍ଯ୍ୟାଦାକୁ ଉଜୁଡ଼ିଯିବା ଅବସ୍ଥାକୁ ଟାଣିନେଲାଣି ଆମ ଇଂଲିଶ ମନସ୍କତା। ସ୍କୁଲ, କଲେଜ, କଚେରୀ, ରାସ୍ତାଘାଟ ଓ ବ୍ୟବସାୟ ପ୍ରତିଷ୍ଠାନର ବିଜ୍ଞାପନ ଫଳକ ତଥା ନିମନ୍ତ୍ରଣ ପତ୍ର ଆଦି ସବୁଠି ଇଂଲିଶ ଭାଷାର ପ୍ରାଧାନ୍ୟ। ସଂସ୍କୃତିର ରକ୍ଷକ କୁହାଯାଉଥିବା ଗଣମାଧ୍ୟମ ଆଉ ବହନ କରୁନି ଭାଷା ସୁରକ୍ଷାର ଗୁରୁଦାୟିତ୍ୱ। ଲେଖାକୁ ଓଜନଦାର କରିବା ପ୍ରୟାସରେ ଗଣମାଧ୍ୟମ ବହୁଳ ମାତ୍ରାରେ ବ୍ୟବହାର କରୁଛି ଇଂଲିଶ ଶବ୍ଦ। ଶିକ୍ଷା କ୍ଷେତ୍ରରୁ ବି ତାର ଅପସାରଣ ପାଇଁ ଚାଲିଛି ରୀତିମତ ଷଡ଼ଯନ୍ତ୍ର। ଯେଉଁ ରାଜ୍ୟରେ ଅର୍ଦ୍ଧେକ ଛାତ୍ରଛାତ୍ରୀ ଇଂଲିଶ ମାଧ୍ୟମରେ ପଢ଼ନ୍ତି ଏବଂ ବାକି ଅର୍ଦ୍ଧେକ ପଢୁଥିବା ସ୍କୁଲଗୁଡ଼ିକରେ ଓଡ଼ିଆ ଶିକ୍ଷକ ନଥାନ୍ତି, ସେ ରାଜ୍ୟରେ ଓଡ଼ିଆ ଭାଷାର ଭବିଷ୍ୟତ ଅନ୍ଧାରରେ ଜର୍ଜରିତ ହେବା ସ୍ୱାଭାବିକ।

ଉଚ୍ଚ ହେବା ପାଇଁ କର ଯେବେ ଆଶା, ଉଚ୍ଚ କର ଆଗେ ନିଜ ମାତୃଭାଷା। ଭକ୍ତ କବି ମଧୁସୂଦନଙ୍କ ପଂକ୍ତି ବୋଧହୁଏ ମିଳିତ ଜାତିସଂଘ ପ୍ରତିନିଧିମାନେ ଶୁଣିଥାଇ ନପାରନ୍ତି, କିନ୍ତୁ ଏହାର ସାରମର୍ମକୁ ସେମାନେ ଠିକ୍ ଭାବେ ବୁଝିସାରିଛନ୍ତି। ଅର୍ଥାତ୍ ମଣିଷ ଜାତି ଏବଂ କୌଣସି ଏକ ସମ୍ପ୍ରଦାୟର ଉନ୍ନତି ଲାଗି ଏହାର ଭାଷା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହା ଅନୁଭବ କରି ମାତୃଭାଷା ଲାଗି ଦିନଟିଏ ଉତ୍ସର୍ଗ କରିଛି ବିଶ୍ୱ ସମୁଦାୟ। ବିଶ୍ୱର କୋଣଅନୁକୋଣରେ ପ୍ରଚଳିତ ଲକ୍ଷ ଲକ୍ଷ ଭାଷାର ସୁରକ୍ଷା ତଥା ପ୍ରଚାର ଏବଂ ପ୍ରସାର ଲାଗି ମିଳିତ ଜାତିସଂଘ ପକ୍ଷରୁ ପ୍ରତିବର୍ଷ ଫେବୃଆରୀ ୨୧ରେ ପାଳିତ ହେଉଛି ଅନ୍ତର୍ଜାତୀୟ ମାତୃଭାଷା ଦିବସ। ମାତୃଭାଷା ଓ ସାଂସ୍କୃତିକ ବିବିଧତା ତଥା ବହୁ ଭାଷାବାଦକୁ ପ୍ରୋତ୍ସାହିତ କରିବା ଏହାର ପ୍ରମୁଖ ଉଦ୍ଦେଶ୍ୟ। ଏହି ଦିବସର ପାଳନ ଲାଗି ୧୭ ନଭେମ୍ବର ୧୯୯୯ରେ ମିଳିତ ଜାତିସଂଘର ଶିକ୍ଷା, ବିଜ୍ଞାନ ଏବଂ ସଂସ୍କୃତି ସଙ୍ଗଠନ ପକ୍ଷରୁ ପ୍ରଥମେ ଘୋଷଣା କରାଯାଇଥିଲା। ୨୦୦୦ ମସିହାରୁ ବିଧିବଦ୍ଧ ଭାବେ ଏହାର ପାଳନ ହୋଇଆସୁଛି। ଏପରିକି ୨୦୦୮ରେ ଜାତିସଂଘର ସାଧାରଣ ବୈଠକରେ ଏକ ପ୍ରସ୍ତାବ ଗୃହୀତ ହୋଇ ସେହି ବର୍ଷକୁ ଅନ୍ତର୍ଜାତୀୟ ମାତୃଭାଷା ବର୍ଷ ଭାବେ ପାଳନ କରାଯାଇଥିଲା। ଏହି ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରିବା ପଛରେ ମଧ ରହିଛି ଏକ ପ୍ରମୁଖ କାରଣ। ୧୯୫୨ ଫେବୃଆରୀ ୨୧ରେ ବାଙ୍ଗଲାଦେଶର ରକ୍ତାକ୍ତ ଭାଷା ଆନ୍ଦୋଳନର ସ୍ମରଣ ଉଦ୍ଦେଶ୍ୟରେ ଏହି ଦିନକୁ ଚୟନ କରାଯାଇଥିଲା। ବଙ୍ଗଳା ଭାଷାକୁ ପୂର୍ବ ପାକିସ୍ତାନର ଅନ୍ୟତମ ଜାତୀୟ ଭାଷା ମଧ୍ୟରେ ସ୍ଥାନିତ କରିବା ଲାଗି ୧୯୫୨ ଢ଼ାକାରେ ବଡ଼ଧରଣର ଛାତ୍ର ଆନ୍ଦୋଳନ ଦେଖାଦେଇଥିଲା। ଢ଼ାକା ବିଶ୍ୱବିଦ୍ୟାଳୟ ଜଗନ୍ନାଥ କଲେଜ ଏବଂ ଢ଼ାକା ମେଡ଼ିକାଲ କଲେଜର ହଜାର ହଜାର ସଂଖ୍ୟାରେ ଛାତ୍ରୀଛାତ୍ର ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ପାକିସ୍ତାନ ସରକାର ଏହି ଆନ୍ଦୋଳନକୁ ପୋଲିସ ଲଗାଇ ଦମନ କରିଥିଲେ।

ପୋଲିସ ଗୁଳିରେ ବହୁ ସଂଖ୍ୟକ ଆନ୍ଦୋଳନକାରୀ ଛାତ୍ର ପ୍ରାଣ ହରାଇଥିଲେ। ସେମାନଙ୍କ ବଳିଦାନକୁ ସ୍ମରଣ କରିବା ଉଦ୍ଦେଶ୍ୟରେ କାନାଡ଼ାରେ ରହୁଥିବା ରଫିକୁଲ୍ ଇସ୍‌ଲାମ ନାମକ ଜଣେ ବ୍ୟକ୍ତି ୧୯୯୮ରେ ଜାତିସଂଘର ତତ୍କାଳୀନ ମହାସଚିବ କୁଫି ଆନ୍ନନ୍‌ଙ୍କ ନିକଟରେ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ବିଶ୍ୱର କୋଣ ଅନୁକୋଣରେ ପ୍ରଚଳିତ ଅନେକ ଭାଷାକୁ ବିଲୁପ୍ତ ମୁହଁରୁ ରକ୍ଷା କରିବା ଲାଗି ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରିବାକୁ ରଫିକୁଲ୍ ନିବେଦନ କରିଥିଲେ। ତାଙ୍କ ଆବେଦନକୁ ଗ୍ରହଣ କରି ଆନ୍ନନ୍ ଏ ଦିଗରେ ପଦକ୍ଷେପ ଆରମ୍ଭ କରିଥିଲେ। ପରିଣାମ ସ୍ୱରୂପ ୧୯୯୯ ନଭେମ୍ବରରେ ୟୁନେସ୍କୋର ସାଧାରଣ ସମ୍ମିଳନୀରେ ଏହାକୁ ଗ୍ରହଣ କରାଯାଇଥିଲା। ଏହାପରେ ୨୦୦୮କୁ ଅନ୍ତର୍ଜାତୀୟ ଭାଷା ବର୍ଷ ଭାବେ ପାଳନ କରାଯିବା ସହ ଜାତିସଂଘର ସମସ୍ତ ରାଷ୍ଟ୍ର ମାତୃଭାଷାର ପ୍ରଚାର ପ୍ରସାର ଲାଗି ନିଜ ନିଜ ସ୍ତରରେ ଅଭିଯାନ ଚଳାଇବେ ବୋଲି ୨୦୦୯ ମେ ୧୬ ବୈଠକରେ ଜାତିସଂଘ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଏହା ପରଠାରୁ ଫ୍ରାନସ୍ ପ୍ୟାରିସ୍‌ରେ ଥିବା ୟୁନେସ୍କୋ ମୁଖ୍ୟାଳୟ ଠାରୁ ଆରମ୍ଭ କରି ବିଶ୍ୱର ପ୍ରତିଟି ଦେଶରେ ଏହି ଦିବସ ପାଳନ କରାଯାଇଛି। ବିଶ୍ୱବାସୀଙ୍କ ପାଇଁ ଶିକ୍ଷା ଏବଂ ଶିକ୍ଷା ଜରିଆରେ ସମସ୍ତଙ୍କ ଭବିଷ୍ୟତ ସୁରକ୍ଷିତ କରିବା ମଧ ଏ ବର୍ଷ ମାତୃଭାଷା ଦିବସର ଏକ ପ୍ରମୁଖ ଉଦ୍ଦେଶ୍ୟ ରହିଛି।


ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦


# ମମ ଭୂତ ମହେଶ୍ୱରମ୍


॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥


୧୩୨୧ ସାଲ ୧୯୧୪ ମସିହା ଭାବାବେଶରେ ମତୁଆଲା ହୋଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଯେତେବେଳେ କୀର୍ତ୍ତନ କରୁଥିଲେ ସେ ସମୟରେ ସେ ନୃତ୍ୟର ଦୈବୀ ବିଭଙ୍ଗ ଯେପରି ଅନିର୍ବଚନୀୟ ତାହା ଏକ ଅମାନବୀୟ ପ୍ରତିଭାର ନିଦର୍ଶନ। ସଙ୍ଗରେ ଥାଆନ୍ତି ପଞ୍ଚସଖା – ଅନନ୍ତ, କିଶୋରୀ, ଗୋସାଇଁ, କୃଷ୍ଣପ୍ରସନ୍ନ, ସୁଶୀଳଚନ୍ଦ୍ର, ଏତଦ୍‌ବ୍ୟତୀତ କୀର୍ତ୍ତନ ପ୍ରେମୀ ଖୋକନ, ତରଣୀ, ନପଂର ଘୋଷ... ଇତ୍ୟାଦି। ସେ ଏକ ଅପୂର୍ବ ଅନିର୍ବଚନୀୟ ଅଭୂତପୂର୍ବ ଦୃଶ୍ୟ – ଯାହା ଅବ୍ୟକ୍ତ, କୀର୍ତ୍ତନର ଭାବାବସ୍ଥା। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କେତେବେଳେ ଦୁଇ ବାହୁ ଟେକି ନାଚି କୁଦି ସମସ୍ତଙ୍କୁ ପ୍ରେମ ବିହ୍ୱଳ କରି ଦେଉଥିଲେ ତ କେତେବେଳେ ଉତ୍ତାଳ ଭାବର ଆତିଶଯ୍ୟରେ ପ୍ରେମାଲିଙ୍ଗନରେ ସମସ୍ତଙ୍କୁ ବୁକୁରେ ଜାବୁଡ଼ି ଧରୁଥିଲେ ତ ପୁଣି କାହାକୁ କାନ୍ଧରେ ବସାଉ ଥିଲେ। କେତେବେଳେ ବା କାହା କାନ୍ଧ ଉପରକୁ ଚଢ଼ି ଯାଉଥିଲେ। କେତେବେଳେ ବା ନିବିଡ଼ ଭାବରେ ବୁକୁରେ ଜାବୁଡ଼ି ଧରି ପ୍ରେମାଲିଙ୍ଗନ ପୂର୍ବକ ଚୁମା ଖାଉଥିଲେ। ସେ ଭାବ ରାଜ୍ୟର ଦୃଶ୍ୟ ମର୍ତ୍ତ୍ୟରେ ସମ୍ଭବ ନୁହେଁ, ସ୍ୱର୍ଗରେ। ଜୀବନରେ ଶ୍ରୀ ଶ୍ରୀ ଠାକୁର ନିଜେ କୌଣସି ଆସନର ଅଭ୍ୟାସ ନକରି ଥିବା ସ୍ଥଳେ କୀର୍ତ୍ତନାବସ୍ଥାରେ ଏତାଦୃଶ୍ୟ ସମସ୍ତଙ୍କ ମାନସ ରାଜ୍ୟରେ ଏକ ଦୁର୍ଭେଦ୍ୟ, ବିସ୍ମୟ ଅମୀମାଂସିତ ରହସ୍ୟ ହୋଇ ରହିଯାଇଛି – ଅଦ୍ୟାବଧି। ଗୀତାରେ ସେହି ମହାନ ବାଣୀ, – 'ଅବ ଜାନନ୍ତି ମାଂ ମୂଢ଼ା ମାନୁଷୀଂ ତନୁମାଶ୍ରିତମ୍, ପରଂ ଭାବ ମଜାନନ୍ତୋ ମମ ଭୂତ ମହେଶ୍ୱରମ୍।।'

ଯେ ନିଜର ହୃଦୟ କ୍ଷେତରେ ପ୍ରେମର ଫସଲ ଉପୁଜାଏ ସେ ହିଁ ପ୍ରକୃତ ଖ୍ରୀଷ୍ଟିୟାନ୍, ଶିଖ, ହିନ୍ଦୁ ବା ମୁସଲମାନ। ବସ୍ତୁତଃ ଯିଏ ହୃଦୟରେ ପ୍ରେମଭାବ ପୋଷଣା କରେ ସେ ହିଁ ପ୍ରକୃତ ମାନବ। ପ୍ରେମ ମଣିଷର ପ୍ରାଣବାୟୁ ଅଟେ। ପ୍ରେମ ହିଁ ସକଳ ଜୀବ ମଧ୍ୟରେ ଦିବ୍ୟ ଚେତନା। ପ୍ରେମ ହିଁ ଜୀବନର ଲକ୍ଷ୍ୟ। ମାନବ ଜୀବନ ପ୍ରେମ ଦ୍ୱାରା ରସମୟ ହୋଇଥାଏ। ଏହି ନିତ୍ୟ ଶୁଦ୍ଧ ପ୍ରେମତତ୍ତ୍ୱକୁ ବୁଝି ନପାରି ମଣିଷ ନାନାବିଧ ଦୈହିକ ତଥା ସାଂସାରିକ ଅଶାନ୍ତି ଓ ଉଦ୍‌ବେଗରେ ହନ୍ତସନ୍ତ ହେଉଛି। ଆଜିକାଲି ଲୋକମାନଙ୍କ ମଧ୍ୟରେ ପ୍ରେମଭାବ କମିଯିବାର ଦେଖାଯାଉଛି। ପ୍ରେମଶୂନ୍ୟ ମାନବ ଦାନବ ସହ ସମାନ। ଦାନବ ପ୍ରବୃତ୍ତିଯୁକ୍ତ ମଣିଷ ଆଜି ପଶୁ ଭଳି ବ୍ୟବହାର କରୁଛି। ଭଗବାନ ଜୀବମାନଙ୍କୁ ଭୂତ, ପ୍ରେତ ବା ପିଶାଚ କରି ସୃଷ୍ଟି କରି ନଥାନ୍ତି। ଏଗୁଡ଼ିକ ମଣିଷର ସୃଷ୍ଟି। ପ୍ରତ୍ୟେକଙ୍କୁ ନାମ ଓ ପ୍ରେମ ପ୍ରଚାର ପାଇଁ ଗଠନ କର। ପ୍ରେମ ହିଁ ସ୍ୱର୍ଗ ଓ ସ୍ୱର୍ଗ ହିଁ ପ୍ରେମ – ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପବିତ୍ର ପୁଣ୍ୟପୋଥିରେ ଅମୃତ ପାବନ ଉଦ୍‌ଘୋଷଣ ଦେଇ ସତ୍‌ସଙ୍ଗୀମାନଙ୍କୁ ଆଶୀର୍ବଚନ କରି କହିଛନ୍ତି – 'ନିଃସ୍ୱାର୍ଥପର ଭାବରେ ଭଲ ପାଇ ଦେଖ। ଭଲପାଇ ଦେଖ। ଭଲ ପାଇବା ପାଇଁ ମନ ଭିତରେ କୌଣସି ପ୍ରକାର ଗୋଳମାଳ ରଖ ନାହିଁ। ଦେଖ, ମନ ହିଁ ସବୁ କରେ।' 'ପ୍ରାଣ ଧରିବାକୁ ଗଲେ ପ୍ରେମ ହିଁ ଔଷଧ। ଜଗତରେ ଯେତେ ବେଶୀ ଲୋକଙ୍କୁ ଭଲପାଇ ପାରିବୁ ଜଡ଼ ଚେତନକୁ ଯେତେ ଭଲପାଇ ପାରିବୁ, – ଈଶ୍ୱରଙ୍କୁ ସେତେ ଭଲ ପାଇପାରିବୁ। ଯଦି ମୋତେ ପାଇବାକୁ ଚାହଁ, ଭଲପାଅ। ସମସ୍ତ ଜୀବକୁ ଭଲପାଅ। ଭଲପାଅ, ପ୍ରାଣକୁ ଭଲପାଅ, ଜଗତକୁ ଭଲପାଅ, ତା'ହେଲେ ମୋତେ ପାଇବ।'

ନିଜ ହୃଦୟରେ ପ୍ରେମଭାବ ପରିପୁଷ୍ଟ କରୁଥିବା ବ୍ୟକ୍ତି ହିଁ ଜଣେ ପ୍ରକୃତ ଖ୍ରୀଷ୍ଟିୟାନ, ଶିଖ୍, ହିନ୍ଦୁ ବା ମୁସ୍‌ଲମାନ ହୋଇପାରେ। ଦୁର୍ଭାଗ୍ୟବଶତଃ ଆଜି କେହି ହେଲେ ସେମାନଙ୍କର ହୃଦୟ କ୍ଷେତରେ ପ୍ରେମର ବୀଜ ବପନ କରୁ ନାହାନ୍ତି। ତେବେ ତୁମେ ପ୍ରେମର ଶସ୍ୟ ଅମଳ କରିବ ବୋଲି କିପରି ଭାବୁଛ? ଯାହା ମଧ୍ୟରେ ପ୍ରେମଭାବ ନାହିଁ ସେ ମଣିଷ ହେବ କିପରି? ଶ୍ରୀ ଶ୍ରୀ ଠାକୁର ଆହୁରି ମଧ୍ୟ କହିଛନ୍ତି – 'ଭଗବାନଙ୍କୁ ଭଲପାଏ କି ନା ଠିକ୍ କରିବାକୁ ହେଲେ ଆଗେ ଦେଖିବାକୁ ହୁଏ ମୁଁ ଜଗତକୁ ଭଲ ପାଏ କି ନାହିଁ। ଦେଖ, ଯଦି ଜଗତର ପ୍ରତ୍ୟେକ ଜୀବକୁ ଭଲପାଉ, ପ୍ରତ୍ୟେକ ବସ୍ତୁକୁ ଭଲପାଉ ସେତେବେଳେ ବୁଝିବୁ ମୁଁ ଭଗବାନଙ୍କୁ ଭଲପାଏ, ଏହିପରି ଭାବିବା ହିଁ ଭଲ।' ଭଲପାଇବାଟା ହିଁ ସ୍ୱର୍ଗ। ଭଲପାଇବା ହିଁ ନରକରେ ସ୍ୱର୍ଗ ସ୍ଥାପନ କରିଥାଏ। ଦେଖ, ଅନ୍ତରରେ ଭଲପାଇବା ନଥିଲେ ମଧ୍ୟ ବାହାରେ ଭଲ ପାଇବାକୁ ହୁଏ। ଦେଖ, ଜଣେ କୁଷ୍ଠ ରୋଗୀ ଯଦି ରାସ୍ତାରେ ବସି 'ଗୋଟାଏ ପଇସା ଦିଅ, ଗୋଟାଏ ପଇସା ଦିଅ' କହେ, ତୁ ସେତେବେଳେ ମନକୁ ପଚାରିବୁ 'ମନ! ତୁ ଏହାକୁ ଭଲପାଇ ପାରିବୁ?' ମନ ଯଦି ଅସ୍ୱୀକାର କରିବ, ତେବେ ମନ ବିପକ୍ଷରେ ଛିଡ଼ା ହେବୁ.... 'ଦେଖ, ପାରିବୁ ନାହିଁ ବୋଲି କହୁଛୁ କାହିଁକି?' ଏଇ ପରପାଇଁ ଯେତେବେଳେ ତୁ ତୋର ଗଳାଟା କାଟି ଦେଇ ପାରିବୁ, ସେତେବେଳେ ଜାଣିବୁ ତୁହିଁ ଭଗବାନଙ୍କୁ ଭଲ ପାଉଛୁ। ପ୍ରକୃତ ହିନ୍ଦୁ, ମୁସଲମାନ ବା ଖ୍ରୀଷ୍ଟିୟାନ ପ୍ରେମସ୍ୱରୂପ ହେବା ଆବଶ୍ୟକ। ମୁସଲମାନମାନେ ପ୍ରାର୍ଥନା କରିଥାନ୍ତି, 'ଆଲ୍ଲା ହୋ ଆକବର୍' ଅର୍ଥାତ୍ ଈଶ୍ୱର ହିଁ ମହାନ୍। ଇସ୍‌ଲାମର ଅର୍ଥ ହେଲା ଶାନ୍ତି। ତେଣୁ ଯିଏ ଶାନ୍ତିପୂର୍ଣ୍ଣ ଜୀବନ ଯାପନ କରେ ସେ ପ୍ରକୃତ ମୁସଲମାନ। ଏକ ପ୍ରେମପୂର୍ଣ୍ଣ ହୃଦୟରୁ ଶାନ୍ତି ବିକଶିତ ହୁଏ। ପ୍ରେମ ବିନା ଜଣେ ଶାନ୍ତି ପାଇ ପାରେନା, ତେଣୁ ଯେ କୌଣସି ଜାତି, ଧର୍ମ ବା ମତବାଦ ପାଇଁ ମୂଳ ହେଲା ପ୍ରେମ। ପ୍ରେମ ହିଁ ଶିବ, ପ୍ରେମ ହିଁ ମଙ୍ଗଳ, ପ୍ରେମ କାହାକୁ କଷ୍ଟ ଦିଏନା। ଯାହା କଷ୍ଟ ଦିଏନା ତାହା ହିଁ ଶିବ। ପ୍ରେମଶୂନ୍ୟ ମାନବକୁ ଶବ, ପ୍ରେମଯୁକ୍ତ ମାନବକୁ ଶିବ କହିବା ଠିକ୍ ହେବ।


ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

## ଏକମାତ୍ର କନ୍ୟା ସନ୍ତାନର ଜନ୍ମଦିନ ପାଳିଲେ ସମାଜସେବୀ ବାଚୁ ବୋଷ



ଯୋଡ଼ା : (ମହାଭାରତ) କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଯୋଡ଼ା ପୈରପାଳିକା ର ୧୩ ନମ୍ବର ୱାର୍ଡ ସରଗି ତଳିଆ ଠାରେ ଆଜି ସକାଳ ୧୨ ଟାରେ ବେଳେ ଜନ୍ମଦିନ ପାଳିଲେ ଅନିଶା ବୋଷ । କେହି କେହି ଘରେ ଖିରି ପୁରୀ ତିଆରି କରି କେକ କାଟି ସାହି ପଡିସା ଓ ବନ୍ଧୁପରିଜନଙ୍କ ମେଳରେ ବେଶ ଆଡମ୍ବର ସହକାରେ ପାଳନ କରିଥାଏ ତ ଆଉ କେହି ମନ୍ଦିର ମାନଙ୍କରେ ପାଳନ କରିଥାନ୍ତି । କିନ୍ତୁ ସମାଜରେ ଏମିତି କିଛି ବ୍ୟକ୍ତି ଅଛନ୍ତି ଦୁଖୀ ଦରିଦ୍ର ମାନଙ୍କ ସହିତ ଜନ୍ମ ଦିନର ଖୁସି ବାଣ୍ଟିଥାନ୍ତି । ଏଭଳି ଏକ ସୁନ୍ଦର ଚିନ୍ତାଧାରା ନେଇ ଯୋଡ଼ା ଆଯାଦବସ୍ତିର ବାସିନ୍ଦା ତଥା ବରିଷ୍ଠ ସମାଜସେବୀ ବାଚୁ ବୋଷ ଓ କାକୁଲି ବୋଷ ତାଙ୍କର ଏକମାତ୍ର କନ୍ୟା ଅନିଶା ବୋଷଙ୍କ ଜନ୍ମଦିନ ଯୋଡ଼ା ପୌରପାଳିକା ଅନ୍ତର୍ଗତ ୧୩ ନମ୍ବର ୱାର୍ଡ ସର୍ଗିତଳିଆ ଗ୍ରାମରେ ବସବାସ କରୁଥିବା ନିରୀହ ନିଷ୍ପାପ ଆଦିବାସୀ ମାନଙ୍କ ଗହଣରେ ପାଳନ କରିଥିବା ଦେଖିବାକୁ ମିଳିଛି । ଆଜି ସକାଳୁ ସମାଜସେବୀ ଶ୍ରୀ ବୋଷ ଧର୍ମପତ୍ନୀ କାକୁଲିଙ୍କୁ ଧରି ସର୍ଗିତଳିଆ ଗ୍ରାମରେ ପହଂଚି ଥିଲେ ।ସେଠାକାର ବାସିନ୍ଦା ମାନଙ୍କୁ ଶୀତବସ୍ତ୍ର , କୁନି କୁନି ପିଲାମାନଙ୍କ ପାଇଁ ଜୋତା , ପ୍ୟା□, ସାର୍ଟ ଇତ୍ୟାଦି ପ୍ରଦାନ କରି ଝିଅ ଅନିଶା ପାଇଁ ଆଶ୍ରିବାଦ ଭିକ୍ଷା କରିଥିଲେ । ଏଥିସହିତ ବିଭିନ୍ନ ପ୍ରକାର ରନ୍ଧା ଖାଦ୍ୟ ପରସିଥିବା ଦେଖିବାକୁ ମିଳିଛି। ଆଧୁନିକତାକୁ ପଛରେ ପକାଇ ଶ୍ରୀ ବୋଷଙ୍କର ଏଭଳି ଚିନ୍ତାଧାରାକୁ ସାଧାରଣରେ ପ୍ରଶଂସା କରାଯାଇଛି । ଶ୍ରୀ ବୋଷ ଓ ଶ୍ରୀମତୀ ବୋଷ,୧୩ ନମ୍ବର କାଉନସିଲର ଦିପିତି ରଞ୍ଜନ ବେହେରା , ସମାଜ ସେବୀ ଚର୍ଚ୍ଚିଲ୍ ମହାକୁଡ଼, ବୁର୍ଲା ମହାନ୍ତି, କହନ୍ତି ନିଷ୍ପାପ ମଣିଷ ମୁହଁରେ ଟିକିଏ ହସ ଆମ ପାଇଁ ଗର୍ବ ଆଉ ଗୌରବ ଆଣିଦେଇଛି,ଆମେ ଜାଣିନୁ ଜୀବନରେ କେବେ ସୁଯୋଗ ମିଳିବ ନିରୀହ ଆଦିବାସୀଙ୍କ ସେବା କରିବାକୁ । ସେ ଆହୁରି ମଧ୍ୟ କହନ୍ତି ଆଜିର ଦିନଟି ଆମ ପାଇଁ ଚିର ସ୍ମରଣୀୟ ହୋଇ ରହିବ , ଆଗାମୀ ଦିନରେ ଆମେ ଚେଷ୍ଟା କରିବୁ ଅଧିକରୁ ଅଧିକ ଲୋକଙ୍କ ସେବା କରିବାକୁ ।

## ଆଦିବାସୀ ଭାଷା କେନ୍ଦ୍ରରେ ନୀଳାଚଳ ଇସ୍ପାତ ନିଗମ ଓ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ପକ୍ଷରୁ ଆଦିବାସୀ ପିଲାଙ୍କୁ ଚିତ୍ରାଙ୍କନ ସାମଗ୍ରୀ ବଣ୍ଟନ

କଳିଙ୍ଗନଗର,(ମହାଭାରତ): ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍ଆଇଏନ୍ଏଲ୍) ଓ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍ଏଫ୍) ଟିମ୍ ଦ୍ୱାରା ଶାଳୀଜଙ୍ଗା ପଂଚାୟତ ବଜରପଲି ଗ୍ରାମର ଟିଏସ୍ଏଫ୍ ଆଦିବାସୀ ଭାଷା କେନ୍ଦ୍ରରେ ଶନିବାର ଏକ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଆଦିବାସୀ ଭାଷା ଓ ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଏହି କାର୍ଯ୍ୟକ୍ରମ ଗୁରୁତ୍ୱାରୋପ କରିଥିଲା। ଏନ୍ଆଇଏନ୍ଏଲ୍ ର ସ୍ୱେଚ୍ଛାସେବୀମାନେ ଆଦିବାସୀ ଭାଷା କ୍ଲାସର ପିଲାମାନଙ୍କ ସହିତ ଓଲଚିକି ଏବଂ ବାରଙ୍ଗ ଚିଟି ଭାଷା ବିଷୟରେ ଆଲୋଚନା କରିଥିଲେ। ସୃଜନଶୀଳତାକୁ ପ୍ରୋତ୍ସାହିତ କରିବା ପାଇଁ ପିଲାମାନଙ୍କୁ ଚିତ୍ରାଙ୍କନ ଖାତା ଏବଂ ବିଭିନ୍ନ ରଙ୍ଗର ପ୍ରୋ ନେସିଲ ପ୍ରଦାନ କରି ସୌରା ଚିତ୍ରକଳା ତିଆରି କରିବାକୁ ଉତ୍ସାହିତ କରିଥିଲେ।ଏହାବ୍ୟତୀତ ପିଲାମାନଙ୍କୁ ନୋଟ୍ ବୁକ୍ ଓ ଜଳଖିଆ ଆଦି ପ୍ରଦାନ କରାଯାଇଥିଲା। ପିଲାମାନେ ବେଶ୍ ଉତ୍ସାହିତ ହୋଇ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ମହାପୁରୁଷ ବନମାଳୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ନୂତନ ଗୃହର ଶୁଭ ଶିଳାନ୍ୟାସ



:ବଡ଼ଚଣା (ମହାଭାରତ) ଅନ୍ତର୍ଗତ ଶାଳପଡା ପଞ୍ଚାୟତ ସାଇଲିପଡ଼ା ଗ୍ରାମରେ ଥିବା ମହାପୁରୁଷ ବନମାଳୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ -୨୦୨୪/୨୫ ଓ ନୂତନ ଗୃହର ଶୁଭ ଶିଳାନ୍ୟାସ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଚି□ରଞ୍ଜନ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଯୋଗଦେଇ ଗ୍ରାମ୍ୟ ଉନ୍ନୟନ ବିଭାଗ, ଓଡିଶା ସରକାରଙ୍କ ତରଫରୁ ନିର୍ମାଣ ହେବାକୁ ଥିବା ନୂତନ ଗୃହର ଶୁଭ ଶିଳାନ୍ୟାସ କରିବା ସହ ବିଦ୍ୟାଳୟର ଶିକ୍ଷା,କ୍ରୀଡା ଆଦି ବିଭିନ୍ନ କ୍ଷେତ୍ରରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଡାକ୍ତର କୃଷ୍ଣ ଚନ୍ଦ୍ର ରାୟ,ଶାଳପଡା ପଞ୍ଚାୟତ ସରପ□ ନମିତା ରାଉତ,ସମିତିସଭ୍ୟା ରିତାଞ୍ଜଳୀ ମହାନ୍ତି ଓ ବରିଷ୍ଠ ଶିକ୍ଷାବିତ ବସନ୍ତ ରାଉତ ପ୍ରମୁଖଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ନିଜର ଅଭିଭାଷଣ ପ୍ରଦାନ କରିଥିଲେ ।ଅଧ୍ୟାପକ ସତ୍ୟବ୍ରତ ଆଚାର୍ଯ୍ୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିବ ପ୍ରସାଦ ଓତା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଅଧ୍ୟାପକ ଦିଲ୍ଲୀପ କୁମାର ନାୟକ,ଆଶୁତୋଷ ପୃଷ୍ଟି,ଅଶୋକ କୁମାର ସାହୁ,ଅଭିମନ୍ୟୁ ବରାଳ, ମଳୟ ରଞ୍ଜନ ପ୍ରଧାନ ଓ ଅଧ୍ୟାପିକା ଅନୁପମା ନାୟକଙ୍କ ସହ ଛାତ୍ର ଛାତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ଶେଷରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଘରୋଇ ବସ ର ବଢୁଛି ମନମାନି, ଯାତ୍ରୀ ଭୋଗୁଛନ୍ତି ଅସହ୍ୟ ଯନ୍ତ୍ରଣା

କାକଟପୁର,(ମହାଭାରତ): ମହାଭାରତ - ଯାତ୍ରୀ ମାନଙ୍କ ସୁବିଧା ଗମନାଗମନ ପାଇଁ ରାଜ୍ୟ ସରକାର ଆଣିଛନ୍ତି ଲକ୍ଷ୍ମୀବସ ସେବା, ତା ସତେ ଦୂର ସ୍ଥାନକୁ ଯିବା ପାଇଁ ଘରୋଇ ବସ ର ସେବା, ଯେଉଁ ସେବା ରେ ଯାତ୍ରୀ ଙ୍କୁ କରାଯାଉଛି ଶୋଷଣ, ସକାଳୁ ଅସ୍ତରଙ୍ଗ ଆସୁଛନ୍ତି ଅସ୍ତରଙ୍ଗ ରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଟିକେଟ କଟାଯାଉଛି । ଲୋକ ମାନଙ୍କୁ ଭୁବନେଶ୍ୱର ମଧ୍ୟ ନିଆଯାଉଛି କିନ୍ତୁ ଦୁର୍ଭାଗ୍ୟ ର କଥା ଯେତେବେଳେ ଭୁବନେଶ୍ୱର ରୁ ଅସ୍ତରଙ୍ଗ ଆସୁଛନ୍ତି ଗାଡି ଆଗରେ ଅସ୍ତରଙ୍ଗ ବୋର୍ଡ ମାରୁଛନ୍ତି ଆଉ ଅସ୍ତରଙ୍ଗ ଯିବା ପାଇଁ ଯାତ୍ରୀ ଙ୍କୁ କୁହାଯାଉଛି କିନ୍ତୁ କାକଟପୁର ବସ ଷ୍ଟାଣ୍ଡ ରେ ଯାତ୍ରୀ ଙ୍କୁ ଛାଡି ଦିଆଯାଉଛି। କାକଟପୁର ମଙ୍ଗଳା ମନ୍ଦିର ନିକଟରେ ପୁରୁଣା ବସ ଷ୍ଟାଣ୍ଡ ରୁ ଲୋକ ମାନଙ୍କୁ ନିଆଯାଉଛି କିନ୍ତୁ ଫେରିଲା ବେଳକୁ ୨ କିଲୋମିଟର ଦୂର ରେ ନୂଆ ବସ ଷ୍ଟାଣ୍ଡ ରେ ଛଡା ଯାଉଛି। ଯାହାକୁ ନେଇ ଯାତ୍ରୀ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି, ଯଦି ଅସ୍ତରଙ୍ଗ ଓ କାକଟପୁର ପୁରୁଣା ବସ ଷ୍ଟାଣ୍ଡ ରୁ ଯାତ୍ରୀ ଙ୍କୁ ନିଆଯାଉଛି ତାହେଲେ ଫେରିଲା ବେଳେ କାହିଁ ଛଡା ଯାଉନି ବୋଲି ସାଧାରଣ ରେ



ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ମହିଳା ମାନେ ଏହି ରାତିରେ ଫେରିବା ବେଳେ ବେଶୀ ଅସୁରକ୍ଷିତ ମନେ କରୁଛନ୍ତି, ମଦ୍ୟପ ଙ୍କ ରାତ୍ରି ରେ ଉନ୍ମତ କାଣ୍ଡ, ନିଶାଡୀ ଙ୍କ ବେପରୁଆ ଗାଡି ଚାଳନା ରାତିରେ ବୃଦ୍ଧି ପାଉଥିବା ବେଳେ ଅନେକ ସମୟ ରେ କିଛି ମହିଳା, ଶିଶୁ ମାନଙ୍କୁ ବସ ରୁ ଓହ୍ଲାଇ ୨ କିଲୋମିଟର ପର୍ଯ୍ୟନ୍ତ ଚାଲି ଚାଲି ଯାଉଛନ୍ତି। ଯେଉଁମାନେ ଅସ୍ତରଙ୍ଗ ଯାଉଛନ୍ତି ସେମାନେ ରାତିରେ ଅଟୋ ରିଜର୍ଭ କରି ସେ ବାବଦରେ ୩୦୦ ଟଙ୍କା ମଧ୍ୟ ଦେଉଛନ୍ତି। ମୋଟାମୋଟୀ ଭାବେ କହିବାକୁ ଗଲେ ଘରୋଇ ବସ କର୍ମଚାରୀ ଙ୍କ ଦୌରାତ୍ମ୍ୟ କାକଟପୁର ରେ ବୃଦ୍ଧି ପାଉଛି, ଯାତ୍ରୀ ଙ୍କ ଠୁ ଅସ୍ତରଙ୍ଗ ପଇସା ନିଆଯାଇ କାକଟପୁର ରେ କଣ ପାଇଁ ଛଡା ଯାଉଛି ତାହାକୁ ନେଇ ବୁଦ୍ଧିଜୀବୀ ମହଲ ରେ ନିନ୍ଦା କରାଯାଇଛି, ଗତ କିଛି ମାସ ତଳେ କାକଟପୁର ପୋଲିସ ଏହା ଉପରେ ନଜର ରଖି ଉକ୍ତ ବସ ମାନଙ୍କ ଠୁ ଫାଇନ ଆଦାୟ କରିଥିଲା କିନ୍ତୁ ତାହା ପରେ ବି କିଛି ଫରକ ପଡୁନି ଉକ୍ତ ବସ ମାନଙ୍କ ଉପରେ । ଏହି ଘଟଣା କୁ ନେଇ ସମାଜସେବି ବିଶ୍ୱଜିତ ବିଶ୍ୱାଳ ଅଭିଯୋଗ ଉଠାଇଛନ୍ତି, ଯଦି ଉକ୍ତ ଗାଡି ଗୁଡିକ ରାତିରେ ଯାତ୍ରୀ ମାନଂକୁ ସୁରକ୍ଷିତ ଭାବେ ଅସ୍ତରଙ୍ଗ ରେ ନଛାଡିବେ ତାହେଲେ ଆଗାମୀ ଦିନ ରେ ପୁରୀ ଜିଲ୍ଲା ଆରଟିଓ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ।

## ପାରାଦୀପ ବନ୍ଦର ପକ୍ଷରୁ ଆୟୋଜିତ ସପ୍ତାହ ବ୍ୟାପି ଭିଜିଲାନ୍ସ ସଚେତନତା କାର୍ଯ୍ୟକ୍ରମ ଉଦଯାପିତ




ପାରାଦୀପ(ମହାଭାରତ): ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ପକ୍ଷରୁ ଆୟୋଜିତ ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ କାର୍ଯ୍ୟକ୍ରମ ଡିସେମ୍ବର ୬ ତାରିଖ ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ସଦନ ପରିସରରେ ଉଦଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ବନ୍ଦର ଭିଜିଲାନ୍ସ ବିଭାଗର ଉପ ମୁଖ୍ୟ ଅଧିକାରୀ ସ୍ମୃତି ରଞ୍ଜନ ବେଉରା ସମସ୍ତ ଅତିଥି ମାନଙ୍କୁ ସ୍ୱାଗତ କରିବା ସହିତ ସପ୍ତାହ ବ୍ୟାପି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିଜିଲାନ୍ସ ବିଭାଗ ଯେକୌଣସି ସଂସ୍ଥା ର ଏକ ମୁଖ୍ୟ ଅଙ୍ଗ ବୋଲି କହିଥିଲେ। ବୁଦ୍ଧି ଏବଂ ଅଖଣ୍ଡତା ସାମାଜିକ ପୁଞ୍ଜିର ଗୁରୁତ୍ୱପୂର୍ଣ୍ଣ ଅଂଶ, ଯାହା ସାମଗ୍ରିକ ଅର୍ଥନୈତିକ ବିକାଶରେ ସହାୟକ ହୋଇଥାଏ । ଯଦି ଆମେ ଗଣତନ୍ତ୍ରର ସୁଫଳ ଉପଭୋଗ କରିବାକୁ ଚାହୁଁ, ତେବେ ଆମକୁ ଦୁର୍ନୀତିକୁ ରୋକିବାକୁ ହେବ ଦୁର୍ନୀତି ମାମଲାରେ ପ୍ରକ୍ରିୟା ଏକ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ ହେବା ଆବଶ୍ୟକ ଏବଂ ଡିଜିଟାଲାଇଜେସନ୍ ସହିତ ସ୍ୱଚ୍ଛତା ଆହୁରି ମଜବୁତ ହୋଇପାରିବ ବୋଲି ବନ୍ଦରାଧ୍ୟକ୍ଷ ଶ୍ରୀ ହରନାଦ ଉଲ୍ଲେଖ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ସମ୍ମାନିତ ଅତିଥି ଏବଂ ଅନ୍ୟ ଅଧିକାରୀ ମାନେ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବନ୍ଦରର ବହୁ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବନ୍ଦର ଅଧିକାରୀ,କର୍ମଚାରୀ, ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ପାରାଦୀପ ବନ୍ଦର ଭିଜିଲାନ୍ସ ବିଭାଗ ଅଧିକାରୀ ଏସ.କେ. ଧରୁଆ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଚଇତି ମଞ୍ଚରେ ଉନ୍ମୋଚନ ହେଲା ଚଇତି ଗୀତ ୨୦୨୪

ରାୟଗଡ଼ା(ମହାଭାରତ) :- ରାୟଗଡା ଜିଲ୍ଲା ପଦ୍ମପୁର ବ୍ଲକ ଠାରେ ଲୋକ ମହୋତ୍ସବ ଚଇତି ମହୋତ୍ସବ ୨୦୨୪ ବର୍ଷର ଶୁଭାରମ୍ଭ ହୋଇଯାଇଛି ଏହି ପରିପ୍ରେକ୍ଷୀରେ ରୀତିନୀତି ଅନୁସାରେ ପୂଜା କଳସ ଯାତ୍ରା ପରେ ସ୍ଥାନୀୟ ବି ଏନ୍ ହାଇସ୍କୁଲ ପଡିଆ ଏକ ସଭା ଅନୁଷ୍ଠିତ ହୋଇଥିଲା ଏଥିରେ ରାୟଗଡ଼ା ଚଇତି ଗୀତର ଶୁଭ ଉନ୍ମୋଚନ ହୋଇଥିଲା ଯାହାକୁ ଆଞ୍ଚଳିକ ଦିବ୍ୟାଙ୍ଗ କଳାକାର ପଦ୍ମପୁର ବ୍ଲକ୍ ଖିଲାପଦର ପଞ୍ଚାୟତର ଲକ୍ଷ୍ମଣ ଶବର ଏବଂ ଗୁଡ଼ାରୀ ବ୍ଲକ୍ କଦମା ପଞ୍ଚାୟତ ଟଙ୍ଗରମା ଗ୍ରାମର ଫାବେନା ପାଲକା କଣ୍ଠଦାନ କରିଛନ୍ତି। ଏହି ଗୀତକୁ ଜଣାଶୁଣା କଳାକାର ସୁପ୍ରିତ ସନ୍ତୋଷ ବଚ୍ଛା ଗୀତ ଲେଖିବା ସହ ସ୍ୱର ସଂଯୋଜନା କରିଥିବା ବେଳେ ବିରୁ ହିଆଲ ସଙ୍ଗୀତ ପରିଚାଳନା କରିଛନ୍ତି ଏବଂ ଏହା ରାଜଲକ୍ଷ୍ମୀ ଷ୍ଟୁଡ଼ିଓ ରେ ଗୀତ ରେକୋର୍ଡିଂ ହୋଇଅଛି। ଏହି ଗୀତର ଶୁଭ ଉନ୍ମୋଚନ ସମୟରେ ରାୟଗଡ଼ା ବିଧାୟକ ଶ୍ରୀ ଆପଲସ୍ୱାମୀ କାଡ୍ରାକା ଗୁଣପୁର ବିଧାୟକ ଶ୍ରୀ ସତ୍ୟଜିତ ଗମାଙ୍ଗ, ବିଷମକଟକ ବିଧାୟକ ଶ୍ରୀ ନୀଳମାଧବ ହିକକା, ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଗିରିଧର ଗମାଙ୍ଗ, ବିଜେପି ଜିଲ୍ଲା ସଭାପତି ଶ୍ରୀ ଶିବ ପଟ୍ଟନାୟକ, ଗୁଣପୁର ମ୍ୟୁନିସିପାଲଟି ଉପାଧ୍ୟକ୍ଷ ଶ୍ରୀ ସାନ ଗୌଡ଼, ରାୟଗଡ଼ା ଭିଉକ୍ଷମ ମହାସଂଘର ସମ୍ପାଦକ ଶ୍ରୀ ଅମରେନ୍ଦ୍ର ନାଥ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ରହିଥିଲେ । ପ୍ରଥମ ଥର ଦିବ୍ୟାଙ୍ଗ କଳାକାର ମାନେ ରାୟଗଡ଼ା ଚଇତି ଗୀତ କୁ ଗାଇ ବେଶ୍ ଖୁସି ବ୍ୟକ୍ତ କରିଥିବା ବେଳେ ଏହି ଗୀତ ଚଇତି ଶୁଭାରମ୍ଭ ମଞ୍ଚରେ ଉନ୍ମୋଚନ ହୋଇଥିବାରୁ ଭିଉକ୍ଷମ ମହାସଂଘର ସଭାପତି, ସମ୍ପାଦକ ଏବଂ ସମସ୍ତ କର୍ମକର୍ତ୍ତା। ରାୟଗଡ଼ା ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି।

## ଶିମିଳିପାଳ ରୁ ଦୁଇ ବାରହା ଶିକାରୀ ଗିରଫ

କରଞ୍ଜିଆ,(ମହାଭାରତ) ଗତକାଲି ୭ ତାରିଖ ରାତିରେ ଦୁଇ ଜଣ ବାରହା ଶିକାରୀ ଗିରଫ ହୋଇଥିବାର ଜଣାଯାଇଛି। ଶିମିଳିପାଳ ଜଙ୍ଗଲ ଭିତରେ ବନ୍ୟ ପ୍ରାଣୀ ଶିକାରୀ ମାନେ ସକ୍ରିୟ ଥିବାର ଖବର ପାଇ କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକ ଙ୍କ ନିର୍ଦ୍ଦେଶ କ୍ରମେ ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ କିଶୋର କୁମାର ପାଣିଗ୍ରାହୀ ଙ୍କ ପରାମର୍ଶ ଅନୁସାରେ ଠାକୁରମୁଣ୍ଡା ଉପ ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା ଙ୍କ ନେତୃତ୍ୱ ରେ ବନ କର୍ମଚାରୀ ମାନେ ଶିକାରୀ ଧରପଗଡ଼ କରିବାକୁ ଅହୋ ରାତ୍ର ପେଟ୍ରୋଲିଙ୍ଗ ଜାରୀ ରଖିଥିଲେ। ଏହି ପରିପ୍ରେକ୍ଷୀ ରେ ଗତକାଲି ୮ ତାରିଖ ରାତି ରେ ଧାରପଗଡ଼ କରି ଦୁଇ ଜଣ ବାରହା ଶିକାରୀ ଙ୍କୁ ଗିରଫ କରିବା ସହିତ ସେମାନଙ୍କ ପାଖରୁ ବାରହା ମାଂସ ସହିତ ଶିକାର ରେ ବେବହୃତ ମାରଣାସ୍ତ୍ର ମାନ ଜବତ କରିଥିବାର ଜଣାଯାଇଛି। କେଶଡିହା ଫୋରେଷ୍ଟର ସିଂରାୟ ପୂର୍ତ୍ତି, ଠାକୁରମୁଣ୍ଡା ଫୋରେଷ୍ଟର ବିଦ୍ୟାଧର ମହାନ୍ତ, ବନରକ୍ଷୀ ସଲମା ହେମ୍ବ୍ରମ, ପ୍ରମୋଦ ମହାନ୍ତ ଏବଂ ଅନ୍ୟ ବନ ସୁରକ୍ଷା ସହକାରୀ ମାନଙ୍କ ସହଯୋଗ ରେ ଏହି ଧାରପଗଡ଼ ହୋଇ ଥିଲା। ଶିମିଳିପାଳ ପାଦ ଦେଶ ରେ ଥିବା କେଶଡିହା ଅଞ୍ଚଳ, କଦଳିବାଡି ଗ୍ରାମ ର ଇନ୍ଦ୍ର ବଗଲ ଙ୍କ ପୁଅ ସନାତନ ବଗଲ (୧୮) ଓ ସେହି ଗ୍ରାମର ଚୂଲୁକା ହେମ୍ବ୍ରମ ଙ୍କ ପୁଅ ଟୁରି ହେମ୍ବ୍ରମ (୨୫) ଶିମିଳିପାଳ ଆଭ୍ୟନ୍ତରୀଣ ଜଙ୍ଗଲ ରୁ ଏକ ବାରହା ଶିକାର କରି ଫେରୁଥିବାବେଳେ ବନ କର୍ମଚାରୀ ଙ୍କ ହାତରେ ଧରାପଡି ଥିବାର ବିଭାଗୀୟ ସୂତ୍ର ରୁ ଜଣାପଡିଛି । ଏହି ଶିକାରୀ ମାନଙ୍କ ଠାରୁ ବାରହା ମାଂସ ସହିତ ଶିକାର ରେ ବେବହୃତ ମାରଣାସ୍ତ୍ର ମାନ ଜବତ କରାଯିବା ସହିତ ଏହି ଅଭିଯୁକ୍ତ ମାନଙ୍କୁ କେଶ ନମ୍ବର ୯୯ଟି /୨୪ ଏବଂ ବନ୍ୟପ୍ରାଣୀ ଆଇନ ର ବିଭିନ୍ନ ଦଫା ମୂଳେ ବାରିପଦା ସିଜେଏମ କୋର୍ଟ କୁ ଚାଲାଣ କରାଯାଇଥିବାର ଜଣାଯାଇଛି । ତେବେ କୋର୍ଟ ଏହି ଶିକାରୀ ମାନଙ୍କୁ ଜେଲ ହାଜତ କୁ ପଠାଇଦେଇ ଥିବାର ପ୍ରକାଶ।

## ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ,ଶାନ୍ତି ଓ ମଙ୍ଗଳ କାମନା ପାଇଁ ଶ୍ରଦ୍ଧାଳୁ ଦେଲେ ଆହୁତି



ଯୋଡା,(ମହାଭାରତ)ଅଖିଳ ବିଶ୍ ଗାୟତ୍ରୀ ପରିବାର ର ପ୍ରତିଷ୍ଠାତା ବେଦମୂର୍ତ୍ତି ତପୋନିଷ୍ଠ ପଣ୍ଡିତ ଜୀରୟମ ଶର୍ମା ଆଚାର୍ଯ୍ୟ ଓ ଶକ୍ତି ସ୍ୱରୂପା ବନ୍ଦନୀୟ ମାତା ଭଗବତୀ ଦେବୀ ଶର୍ମା ଙ୍କ ବିଚାର କୁ ଲୋକ ଙ୍କ ପାଖରେ ପହଞ୍ଚାଇବା,ବିଚାର କ୍ରାନ୍ତି ଅଭିଯାନ କୁ ସଫଳ କରାଇବା,ତଥା ଯୋଡା ୯ ନଂ ୱାର୍ଡ ରେ ପଡୁଥିବା ବିପତ୍ତି ର ନିରାକରଣ ସହିତ ଯୋଡା ସହର ବାସୀ ଙ୍କ କଲ୍ୟାଣ ନିମି□ କେନ୍ଦୁଝର ଜିଲ୍ଲା ଯୋଡା ସହର ସ୍ଥିତ ୯ ନଂ ୱାର୍ଡ ଗୋପ ମହାନ୍ତି ହଟିଙ୍ଗ ନିକଟ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ଏକ ପଞ୍ଚକୁଣ୍ଡି। ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି ଯଯୋଡା ଉପନଗରପାଳ ସନ୍ଧ୍ୟା ପାତ୍ର,ପାତ୍ର ତନ୍ତୀ କଲ୍ୟାଣ ସମିତି ସମ୍ପାଦକ ମାୟାଧର ପାତ୍ର,ତପନ ପାତ୍ର ପ୍ରମୁଖ ଙ୍କ ସହଯୋଗ ରେ ଆୟୋଜିତ ଏହି ଏକ ଦିବସୀୟ ମହାଯଜ୍ଞ ରେ ୯ନଂ ୱାର୍ଡ ସମେତ ସହର ର ବିଭିନ୍ନ ୱାର୍ଡ ବାସୀ ସାମିଲ ହୋଇ ବିଶ୍ ଶାନ୍ତି ଏବଂ ସହରବାସୀ ଙ୍କ ମଧ୍ୟରେ ସଦଭାବନା ପାଇଁ ଯଜ୍ଞ କୁଣ୍ଡରେ ଆହୂତି ଦେବା ସହ ପରମପୂଜ୍ୟ ଗୁରୁଦେବ ଏବଂ ମାତା ଭଗବତୀ ଦେବୀ ଙ୍କ ବିଚାର କୁ ଅନୁସରଣ ପୂର୍ବକ ଯୁଗ ପରିବର୍ତ୍ତନ ପାଇଁ ସମର୍ପିତ ହେବା ପାଇଁ ଆହ୍ୱାନ କରିଥିଲେ ।ଏହି ମହା ଯଜ୍ଞ ପୂର୍ବରୁ ନିକଟସ୍ତ ମା ମଙ୍ଗଳ ମନ୍ଦିର ରୁ ଏକ ମଙ୍ଗଳ କଳସ ଯାତ୍ରା ବାହାରି ଜଳ ପୂର୍ଣ୍ଣ କଳସ ବିଧିବିଧାନ ସହିତ ପୂଜା ଅର୍ଚ୍ଚନା ପରେ ଯଜ୍ଞ ମଣ୍ଡପ ପର୍ଯ୍ୟନ୍ତ ପହଞ୍ଚିଥିଲା। ଯଜ୍ଞ ମଣ୍ଡପ ରେ ବ୍ୟାସ ଆସନରେ ଅଧିଷ୍ଠିତ ବରିଷ୍ଠ ଗାୟତ୍ରୀ ସାଧକ ରବିନାରାୟଣ ଦାସ ,ଚନ୍ଦ୍ର ଭାଇ ଏବଂ ସୋନୁ ଭାଇ ଦେବ ଆବାହନ,ଯଜ୍ଞ,ଯୁଗ ସଙ୍ଗୀତ,ଓ ପ୍ରବଚନ ମାଧ୍ୟମରେ ଗୁରୁଦେବ ଙ୍କ ବିଚାର କୁ ଲୋକଙ୍କ ପାଖରେ ପହ□ାଇ ଥିଲେ ।ଏହି ମହା ଯଜ୍ଞ କୁ ସମ୍ପୂର୍ଣ୍ଣ କରିବାରେ ଯୋଡା ଗାୟତ୍ରୀ ପରିବାର ର ସଦସ୍ୟ ଶୁକଦେବ ବେହେରା,ରାମ ମୁଣ୍ଡା,ସନାତନ ମୁଣ୍ଡା,ଟି ପାତ୍ର, ମିନା ଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଙ୍କ ସହଯୋଗ ରହିଥିଲା ।

## ମୋରମ ଗାଡ଼ି ପାଇଁ ଫସିଲେ ଯୁବକ

ଦାନାଗଦୀ(ମହାଭାରତ) : ଆଜି ଯଖପୁରା ଥାନା ଅନ୍ତର୍ଗତ ମାନତୀରା ଗାଁ ଛକରେ ଏକ ଅଭବାନିୟ ଘଟଣା ଘଟିଛି, ନ୍ୟୁ - ଭୀଷ୍ମା କାରଖାନା ର ରେଳ ସାଇଡଙ୍ଗରୁ ଏକ ମୋରମ ବୋଝେଇ ହାଓ୍ୱା ଗାଡି ନମ୍ବର ଓଡି - ୩୫ ଏ - ୭୩୯୮ ମାଲିକ କେନ୍ଦ୍ରାପଡ଼ା ଅଞ୍ଚଳ ର ରତିକାନ୍ତ ସାମନ୍ତରାୟ ଙ୍କର ହୋଇଥିବା ବେଳେ ଗାଡିଟି ମୋରମ ବୋଝେଇ କରି ଯାଉଥିଲା, ଯିବା ବାଟରେ ମାନତୀରା ଛକରେ କିଛି ଯୁବକ ଅଟକାଇ ଥିଲେ, ମୋରମ ଚୋରାରେ ଯାଉଥିବା ଜାଣିଲା ପରେ ପୋଲିସ ସହ ଯୋଗାଯୋଗ କରିଥିଲେ,ପୋଲିସ ଆସିବାର ବିଳମ୍ବ ହେବାରୁ ଯୁବକ ମାନେ ଚୋରା ମୋରମ ବୋଝେଇ ଗାଡିଟିକୁ ନେଇ ଯଖପୁରା ଥାନାରେ ଜିମା ଦେଇଥିଲେ, ଗାଡି ନେଇ ଯାଇଥିବା ସୋଭାଗ୍ୟ ଘଡେଇ ଙ୍କୁ ପୋଲିସ ଅଟକ ରଖି କୋର୍ଟ ଚାଲାଣ କଲେ, ଦୁଃଖ ଦୁର୍ଭାଗ୍ୟର କଥା କଳିଙ୍ଗନଗର ଅଞ୍ଚଳରେ ଚୋରା ମୋରମ ଦିନ ରାତି ଚାଲିଥିବା ବେଳେ ମୋରମ ମାଫିଆଙ୍କୁ ଛାଡି ଖବର ଦେଉଥିବା ଲୋକଙ୍କୁ ଧରୁଛି ଯଖପୁରା ପୋଲିସ, ମାଫିଆଙ୍କୁ ସୁରକ୍ଷା ଦେଇ ସାଧାରଣ ଲୋକଙ୍କୁ ପୋଲିସ ତମେ କିଏ ଗାଡି ଧରିବାକୁ କହି ଗିରଫ କରିବା କୁ ସାଧାରଣରେ ନା ପସନ୍ଦ କରା ଯାଉଛି,ପୋଲିସ ସହ ମୋରମ ମାଫିଆଙ୍କର ମଧୁ ଚନ୍ଦ୍ରିକା ଥିବା ସାଧାରଣ ରେ ଚର୍ଚ୍ଚା ହେଉଛି, ଆଜିର ଘଟଣାରୁ ପୋଲିସ କାହାକୁ ଧରୁଛି କାହାକୁ ଛାଡୁଚି ତାହା ସାଧାରଣ ରେ ଚର୍ଚ୍ଚା ହେଉଛି।

## ପାଣି ରେ ବୁଡି ବ୍ୟକ୍ତିଙ୍କ ମୃତ୍ୟୁ

ପାଟଣା:-(ମହାଭରତ)କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ଯମୁନାପଶି ଗ୍ରାମର ଜଣେ ବ୍ୟକ୍ତି ପୋଖରୀ ରେ ବୁଡି ମୃତ୍ୟୁ ଘଟିଛି । ମୃତ ବ୍ୟକ୍ତି ଜଣକ ବୁଧଦେ ନାଏକ ବୋଲି ଜଣାପଡି ଛି। ସୂଚନା ରୁ ପ୍ରକାଶ ଆଜି ସକାଳୁ ନିକଟସ୍ଥ ବିଲ କୁ ଶୌଚ କରିବାକୁ ଯାଇ ଘର କୁ ବୁଦ୍ଧଦେବ ଫେରି ନ ଥିଲେ । ପରିବାର ଲୋକେ ବୁଦ୍ଧଦେବ ଙ୍କ ସକାଳୁ ଦିପହର ଯାଇ ଘର କୁ ନ ଫେରିବାରୁ ତାଙ୍କ ଶୌଚ କରିବା ଜାଗା ଗୁଡି କୁ ଖୋଜା ଖୋଜି କରିବା ବେଳେ ପୋଖରୀ ଭିତରେ ବୁଦ୍ଧଦେବ ଭାସୁ ଥିବା ଦେଖି ପରିବାର ଲୋକେ ପାଣି ରୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭର୍ତ୍ତି କରିଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ର ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତୁରୁମୁଙ୍ଗା ପୋଲିସ ଥାନା ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗ ଙ୍କୁ ପୋଲିସ ଶବ ହସ୍ତାନ୍ତର କରି ଛି ।

## ଜଳବାୟୁ ପରିବର୍ତ୍ତନ ସଚେତନତା ଉପରେ ବିଦ୍ୟାଳୟ ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା



ପାରାଦୀପ(ମହାଭାରତ): ଜଳବାୟୁ ପରିବର୍ତ୍ତନ ବିଷୟରେ ସଚେତନତା ପାଇଁ ପାରାଦୀପ ଅଞ୍ଚଳର ୧୧ ଟି ବିଦ୍ୟାଳୟ ର ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଜଳବାୟୁ ପରିବର୍ତ୍ତନ ଥିମ୍ କୁ ନେଇ ଆୟୋଜିତ ଏହି ପ୍ରତିଯୋଗିତାରେ ସମୁଦାୟ ୫୩ ଜଣ ପ୍ରତିଭାବାନ ଛାତ୍ରଛାତ୍ରୀ ଏକତ୍ରିତ ହୋଇଥିଲେ। ଯେଉଁମାନେ କଳା ମାଧ୍ୟମରେ ସେମାନଙ୍କର ସୃଜନଶୀଳତା ଏବଂ ପରିବେଶ ପ୍ରତି ନିଜର ଚିନ୍ତାଧାରା ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ପାରାଦୀପ ବନ୍ଦର ମୁଖ୍ୟ ଅର୍ଥ ପରାମର୍ଶଦାତା ଡି.ଏନ.ସୋନ୍ଧି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏଥିସହ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ପ୍ରଧାନ ଆଚାର୍ଯ୍ୟ ତଥା ସମ୍ମାନିତ ସଦସ୍ୟ ସଞ୍ଜୟ କୁମାର ସୂତାର ଏବଂ ରବି ନାୟକ ସେମାନଙ୍କ ଉପସ୍ଥିତି ଏବଂ ଅବଦାନ ସହିତ ଏହି କାର୍ଯ୍ୟକ୍ରମରେ ସମ୍ମାନ ବୃଦ୍ଧି କରିଥିଲେ । ଆହ୍ୱାନ ଫାଉଣ୍ଡେସନ ର ସଭାପତି ସାଗର କୁମାର ବିଶ୍ୱାଳ, ସାଧାରଣ ସମ୍ପାଦକ ପ୍ରଭାସ ଚନ୍ଦ୍ର ସ୍ୱାଇଁ ଓ ସ୍ୱେଚ୍ଛାସେବୀ ମାନଙ୍କ ନେତୃତ୍ୱରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା ।

## ବାଇକ୍ ଦୁର୍ଘଟଣା: ଜଣେ ମୃତ

ବେଗୁନିଆ,(ମହାଭାରତ): ଖୋର୍ଦ୍ଧା - ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥ ଅନ୍ତର୍ଗତ ବେଗୁନିଆ ପେଟ୍ରୋଲ ପମ୍ପ ନିକଟରେ ଶନିବାର ରାତିରେ ସଡକ ଦୁର୍ଘଟଣା ଘଟିଥିଲା। ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଜଣେ ବ୍ୟକ୍ତି ମୃତ୍ୟୁ ବରଣ କରିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଥିବା ଜଣାପଡିଛି। ମୃତକ ଜଣକ ହେଲେ ଜଙ୍କିଆ ଥାନା ଅନ୍ତର୍ଗତ ମାଣିକପୁରପାଟଣା ଗ୍ରାମର କାର୍ତ୍ତିକ ଚରଣ ସାହୁ। ପ୍ରକାଶ ଥାଉକି ଶନିବାର ରାତିରେ କାର୍ତ୍ତିକ ନିଜ ବାଇକ୍ ଯୋଗେ ଖୋର୍ଦ୍ଧାରୁ ବେଗୁନିଆ ଅଭିମୁଖେ ଫେରୁଥିବା ବେଳେ ବିପରିତ ଦିଗରୁ ଆସୁଥିବା ଆଉ ଏକ ବାଇକ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଖବର ପାଇ ବେଗୁନିଆ ପୋଲିସ ପହଞ୍ଚି ଉଭୟଙ୍କୁ ଆହତ ଅବସ୍ଥାରେ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଡାକ୍ତର ସେଠାରେ କାର୍ତ୍ତିକ ଙ୍କୁ ମୃତ ଘୋଷଣା କହିଥିଲେ। ରବିବାର ମୃତ ଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛ।

# ଛାଡି ନାହାଁନ୍ତି ନିଜର କୌଳିକ ବୃତ୍ତି , କଞ୍ଚା ସୁନା ଅନ୍ୱେଷଣରେ ଝରା ପରିବାର

କୋଇଡା (ମହାଭାରତ) : ଚଳନ୍ତା ପାଣି ଓ ବାଲିରୁ ସୁନା ବାହାର କରିବା ଝରା ପରିବାରର କୈଳିକ ବୃତ୍ତି। ପିଢ଼ି ପରେ ପିଢ଼ି ହାତରେ ଫଳା ଓ ରୁ□ୁଣି ଧରି ବାହାରି ଯାଆନ୍ତି ବ୍ରାହ୍ମଣୀ ନଦୀ କୂଳକୁ । ନଦୀ କୂଳରେ ତିଆରି କରି ଥିବା କୁଡ଼ିଆରେ ଛୋଟ ଛୁଆ ମାନଙ୍କୁ ଛାଡି ଦିନ ସାରା ପ୍ରଥମେ ରୁ□ୁଣୀ ସାହାଯ୍ୟରେ ନଦୀ କୂଳର ବାଲି କାଦୁଅ କୁ ଏକତ୍ର କରି ଫଳାରେ ରଖି ଦିଅନ୍ତି। ଏହା ପରେ ଅଳ୍ପ ପାଣି ଭିତରେ ଠିଆ ହୋଇ ଫଳାରେ ରଖାଯାଇଥିବା ବାଲି କାଦୁଅ କୁ ହଲାଇ ହଲାଇ ମାଟି ଓ ବାଲି କାଦୁଅ କୁ ଅଲଗା କରାଇଥାନ୍ତି । ସବୁ ସ୍ୱଚ୍ଛ ହେଲାପରେ ଫଳାରେ ସୁନାକଣିକା ଦେଖାଯାଏ । ପ୍ରତ୍ୟେକ ଦିନ ନଦୀ କୂଳର ବାଲି କାଦୁଅ ରୁ ଏମିତି ଛାଣନ୍ତି ସୁନା କଣିକା । ଅନେକ କଷ୍ଟ କଲାପରେ ଦିନ ଦିନ ଧରି ସଂଗୃହୀତ ସୁନା କଣିକାକୁ ଜାମୁକୋଳି କାଠର ନିଆଁ ରେ ଆଉଟି ରଖିବା ପରେ ବଣିଆ କୁ କି ଯାହା ରୋଜଗାର କରନ୍ତି ସେତିକି ରେ ସେମାନଙ୍କ ପରିବାର ଚଳେ ।ଏତେ କଷ୍ଟ କରି ସୁନା ବାହାର କରୁଥିଲେ ମଧ୍ୟ ସେମାନେ ଏହାର ଉପଯୁକ୍ତ ମୂଲ୍ୟ ପାଉନାହାନ୍ତି । ହେଲେ ବଜାରକୁ ଏବେ ବ୍ରାଣ୍ଡେଡ ସୁନା ଆସିବା ପରେ ଲୋକଙ୍କ ଭରସା ଠାରୁ ଦୂରେଇ ଯାଇଛି ଏହି ଝରା ସୁନା । ଫଳରେ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ସୁନା କୁ ଅଳ୍ପ ଦାମରେ ବଣିଆ ପାଖରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଆଜି ସୁନ୍ଦରଗଡ଼ ଜିଲ୍ଲା ଣାଇଁ ଉପଖଣ୍ଡ ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ରୁଗୁଡା ,ଜାଙ୍ଗଲା,ଶରା ଇତ୍ୟାଦି ଗ୍ରାମର ବ୍ରାହ୍ମଣୀ ନଦୀ କୂଳରେ ବସବାସ କରୁଥିବା ଝରା ପରିବାର ମାନଙ୍କ ପାଖରେ ରହିଛି ସୁନା ବାହାର କରିବାର କୈଶଳ । କିନ୍ତୁ ବର୍ତ୍ତମାନ ଝରା ସୁନା ଚାହିଦା କମିଯିବାରୁ ଏହି ସମ୍ପ୍ରଦାୟର ଲୋକମାନେ ଧିରେ ଧିରେ ଏହି ବେଉସା ବନ୍ଦ କରି ଦେଲେଣି ଅନେକ ଝରା ପରିବାର ଚାଷ ବାସ ଉପରେ ନିର୍ଭର କରି ଚଳୁଥିଲେ ମଧ୍ୟ ବର୍ଷା ଅଭାବରୁ ବେଳେ ବେଳେ ମରୁଡି ପରିସ୍ଥିତି ଦେଖାଯାଉଥିବା ରୁ ବାଧ ହୋଇ ତିନି ଚାରି ମାସ ତାଙ୍କର ଏହି କୌଳିକ ବୃତ୍ତି କୁ ଆପଣାଇ ପରିବାର ର ଗୁଜୁରାଣ ମେଣ୍ଟାଇ ଥାନ୍ତି । ତେଣୁ ଏଭଳି ସଂପ୍ରଦାୟର ଲୋକମାନଙ୍କ ଜୀବନ ଜୀବିକା କୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ଦ୍ୱାରା କୌଣସି ପ୍ରକାର ସାହାଯ୍ୟ ଓ ସହଯୋଗର ହାତ ବଢାଇଲେ ଏମାନଙ୍କ ପରିବାର ଉପକୃତ ହୋଇପାରିବେ ବୋଲି ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ଡୋଲାମାଇଟ୍ ମାଇନ୍ସ ପକ୍ଷରୁ ୨୬ ତମ ଖଣିଜ ସଂରକ୍ଷଣ ସପ୍ତାହ ପାଳିତ



ବଡ଼ବିଲ, (ମହାଭାରତ) କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ବଡ଼ବିଲ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ତରଫରୁ ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ ନେତୃତ୍ୱରେ କାଶିଆ ଆଇରନ ଓ ଡୋଲାମାଇଟ୍ ମାଇନ୍ସ ପକ୍ଷରୁ ୨୬ ତମ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ (ଏମଇଏମଏସ) ସପ୍ତାହ-୨୦୨୪-୨୦୨୫ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜେଏସଡବ୍ଲୁ ଷ୍ଟିଲର ଡିଜିଏମ ଶ୍ରୀ ବୋରା ବିଦ୍ୟାସାଗର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଓଏମସିର ସିନିୟର ମ୍ୟାନେଜର (ଜିଓଲୋଜିଷ୍ଟ) ଶ୍ରୀ ରାଧେଶ୍ୟାମ ସାହୁ ଓ ଶିବା ସିମେ□ର ଡେପୁଟି ମ୍ୟାନେଜର(ମାଇନ୍ସ) ଶ୍ରୀ ଚି□ରଞ୍ଜନ ମହାପାତ୍ର ଯୋଗଦେଇଥିଲେ। କାଶିଆ ମାଇନ୍ସର ୟୁନିଟ ମୁଖ୍ୟ ଶ୍ରୀ ପ୍ରମୋଦ କୁମାର ପାତ୍ର, ଏଚଆର ଆଣ୍ଡ ଇଏସ ମୁଖ୍ୟ ଶ୍ରୀ ଆଶିଷ ରଞ୍ଜନ ମହାନ୍ତି ଓ କାଶିଆ ମାଇନ୍ସ ମ୍ୟାନେଜର ଶ୍ରୀ ରଞ୍ଜିତ ଚୌଧୁରୀ ପ୍ରମୁଖଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କାଶିଆ ମାଇନ୍ସ ଓ ସିଏସଆର ପକ୍ଷରୁ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏହାକୁ ଅତିଥିମାନେ ବହୁତ ପ୍ରଶଂସା କରିଥିଲେୟ ସ୍ଲୋଗାନ ଲିଖନ ଏବଂ ପୋଷ୍ଟର ପ୍ରସ୍ତୁତି ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀମାନେ ନୃତ୍ୟ ଓ ସଂଗୀତ ପରିବେଷଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି, କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ, ସହଭାଗୀ ଏବଂ କର୍ମଚାରୀ ସାମିଲ ହୋଇଥିଲେ।

# ପାଟଣା କଲେଜ ବିଶ୍ୱବିଦ୍ୟାଳୟ ଦୌଡ଼ ପ୍ରତିଯୋଗିତାରେ ଚମ୍ପିୟାନ



ପାଟଣା:-(ମହାଭରତ): ପାଟଣା ବ୍ଲକ ମୁଖ୍ୟାଳୟ ସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସ୍ତରୀୟ ଦୌଡ଼ କୁଦ ପ୍ରତିଯୋଗିତାରେ ଚମ୍ପିୟାନ ହୋଇ ଇତିହାସ ରଚିଛନ୍ତି ।ଏହି ବିଶ୍ୱବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଘଟଣା ପାଟଣା ଆ□ଳିକ ମହାବିଦ୍ୟାଳୟ ପାଇଁ ଶେଷ ଘଟଣା ହୋଇ ରହିବ। କାରଣ ଆସନ୍ତା ବର୍ଷ ପରେ କେନ୍ଦୁଝର ଜିଲ୍ଲାର ଏହି ମହାବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନେ ବାରିପଦା ପରିବର୍ତ୍ତେ କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ଅଧୀନକୁ ଚାଲିଯିବେୟବାରିପଦା ଠାରେ ଅନୁଷ୍ଠିତ ଆନ୍ତଃ ମହାବିଦ୍ୟାଳୟ ଦୌଡ଼ କୁଦ ପ୍ରତିଯୋଗିତା ଡିସେମ୍ବର ୫ ଓ ୬ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା। ଏଥିରେ ୩୫ଟି ମହାବିଦ୍ୟାଳୟ ଅଂଶ ଗ୍ରହଣ କରିଥିଲେୟଏହି ଖେଳରେ ପାଟଣା ମହାବିଦ୍ୟାଳୟ ର ୮ଜଣ ଛାତ୍ରଛାତ୍ରୀ ବିଭିନ୍ନ ଖେଳରେ ଉଚ୍ଚ ମାନର ଖେଳ ପ୍ରଦର୍ଶନ କରି ଚଳିତ ଥର ମିଶାଇ ଦଶମ ଥର ପାଇଁ ଚମ୍ପିୟାନ ହେବାର ଗୌରବ ହାସଲ କରିଛନ୍ତି।ଏହି ପ୍ରତିଯୋଗୀ ମାନଙ୍କୁ ଆଜି ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ବିରେନ୍ଦ୍ର କୁମାର ସାହୁ, କ୍ରୀଡ଼ା ଶିକ୍ଷକ କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁ,ପ୍ରାଧ୍ୟାପକ ଆଶ୍ୱିନୀ କୁମାର ସାହୁ ଓ ରଜତ କୁମାର ଦାଶ ପ୍ରମୁଖ ପୁଷ୍ପ ଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି ।ସୂଚନାଯୋଗ୍ୟ ଯେ ପ୍ରତିଯୋଗିତା କୁ ଯିବା ପୂର୍ବରୁ ଏହି ଛାତ୍ରଛାତ୍ରୀ ମାନଙ୍କୁ କ୍ରୀଡ଼ା ଶିକ୍ଷକ ଧର୍ମେନ୍ଦ୍ର କୁମାର ସାହୁ, ନୂତନ ପ୍ରଶିକ୍ଷକ ତପୋଧନ ଶିଶିର କାନ୍ତ ପଲେଇ ,ସହଯୋଗୀ ସୁଶାନ୍ତ ଚନ୍ଦ୍ର ପାତ୍ର ,ଗୋବିନ୍ଦ ଚନ୍ଦ୍ର ପାତ୍ର ,ବ୍ରଜେନ୍ଦ୍ର କୁମାର ପତି, ଓ ପ୍ରାଧ୍ୟାପକ ହଳଧର ସାହୁ ପ୍ରମୁଖ ଉପଯୁକ୍ତ ପ୍ରଶିକ୍ଷଣ ଦେବା ଦ୍ୱାରା ଏହି ସଂମ୍ମାନ ମହାବିଦ୍ୟାଳୟ କୁ ମିଳିଥିବା ଜଣାପଡିଛି।

# ନେହେରୁ ଯୁବ କେନ୍ଦ୍ର ମାଇ ଭାରତ କଳାହାଣ୍ଡି ପକ୍ଷରୁ ଯୁବ ଉତ୍ସବ ପାଳିତ

କଳାହାଣ୍ଡି (ମହାଭାରତ):ଭବାନୀପାଟଣା :- ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧିନରେ ଥିବା ନେହେରୁ ଯୁବକେନ୍ଦ୍ର କଳାହାଣ୍ଡି ଓ ମାଇ ଭାରତ ତରଫରୁ ଜିଲ୍ଲା ଯୁବ ସଂଯୋଜକ ପ୍ରସନ୍ତ ମେହେରଙ୍କ ଅଧକ୍ଷତାରେ ୦୭ ତାରିଖ ଶନିବାର ଦିନ ମା ମାଣିକେଶ୍ୱରୀ ବିଶ୍ ବିଦ୍ୟାଳୟ ଭବାନିପାଟଣା ସଭାଗୃହ ଠାରେ ଯୁବ ଉତ୍ସବ ପାଳିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥ ଯୋଗଦେଇ ଉପସ୍ଥିତ ଯୁବକ ଯୁବତୀମାନଙ୍କୁ ଯୁବକମାନଙ୍କର ଭୂମିକା ଏବଂ ଦେଶ ପାଇଁ ନିଜର ଯୋଗଦାନ ଉଦ୍ଦେଶ୍ୟରେ ଅଭିଭାଷଣ ରଖିଥିଲେ, ବିଶେଷ ଅତିଥି ଅତିରିକ୍ତ କଳାହାଣ୍ଡି ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ତନ୍ମୟ କୁମାର ଦର୍ତ୍ତାନ ପ□ପ୍ରାଣ ଓ ବିକଶିତ ଭାରତ ରେ ଯୁବକ ଯୁବତୀମାନର ଭୂମିକା କିଭଳୀ ଭାବରେ ରହିବ ସେ ଉପରେ ଆଲୋକ ପା କରିଥଲେ । ଅତିଥି ଭାବରେ ମା ମାଣିକେଶ୍ୱରୀ ବିଶ୍ ବିଦ୍ୟାଳୟର ରେଜିଷ୍ଟାର ଶ୍ରୀ ପିତାମ୍ବର ଭୋଇ, ଏବଂ ବକ୍ତା ଭାବରେ ମେଜର ଡ. ଜୟଦେବ ସାହୁ ଯୋଗଦେଇ ଉପସ୍ଥିତ ଯୁବକ ଯୁବତୀମାନଙ୍କୁ ଯୁବ ଉତ୍ସବ ବିଷୟରେ ଅଭିଭାଷଣ ରଖିଥିଲେ। ଏହି ଉତ୍ସବରେ ୭-ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାର ବିଜେତାମାନେ ରାଜ୍ୟସ୍ତର ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ଓ ରାଜ୍ୟସ୍ତରର ବିଜେତାମାନେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଜିଲ୍ଲା ଯୁବ ଅଧିକାରୀ ଶ୍ରୀ ମେହେର ସମସ୍ତଙ୍କୁ ସୂଚନା ଦେଇଥିଲେ। ବିଭିନ୍ନ ବିଭାଗ ଯଥା ଦଳଗତ ବିଜ୍ଞାନ ମେଳା, ଏକକ ବିଜ୍ଞାନ ମେଳା, ଚିତ୍ରାଙ୍କନ ପ୍ରତିଯୋଗିତା, ମୋବାଇଲ୍ ଫଟୋଗ୍ରାଫି ପ୍ରତିଯୋଗିତା, ବକ୍ତୃତା ପ୍ରତିଯୋଗିତା, ସାଂସ୍କୃତିକ ପ୍ରତିଯୋଗିତା କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ୩ ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ୫ ଶହରୁ ଉର୍ଦ୍ଧ୍ୱ ଯୁବକ ଯୁବତୀ ଏହି ଯୁବ ସମାବେଶରେ ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ସି.ଆର୍.ପି.ଏଫ୍ ୬୪ ବାଟାଲିୟନ କଳାହାଣ୍ଡି କମାଣ୍ଡେ□ ଶ୍ରୀ ପି.କେ ମିଶ୍ର ଯୋଗଦେଇ ସାଂସ୍କୃତିକ ଦଳମାନଙ୍କୁ ଉତ୍ସାହିତ କରିଥିଲେ । ଏବଂ ଅତିଥି ଭାବରେ ଡେପୁଟି କମାଣ୍ଡେ□ ଶ୍ରୀ ସଚିତା ନନ୍ଦ ପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ବିବେକାନନ୍ଦ ମହାପାତ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ରମେଶ ଚନ୍ଦ୍ର ପାଢ଼ି, ଏବଂ ଓ. ଆଇ.ଏସ୍ ଡି.ପି. ଅର୍. ଓ ଶ୍ରୀ ହଳଧର ନିଆଲ୍ ଉପସ୍ଥିତ ରହିଥିଲେ ।ଏବଂ କଳାହାଣ୍ଡିର ଯୁବ ସଫଳତା ପାଇଁ ଚସ୍ମି କୋର, କୁମ୍ଭମ୍ ପ୍ରିୟଦର୍ଶିନୀ ସାହୁ, ମନୀଷ କୁମାର ସାହୁ ଏବଂ ଶମ୍ଭୁ ବିଶି ଙ୍କୁ ଅତିଥି ମାନଙ୍କ ଦ୍ୱାରା ସମବେଦନା କରାଯାଇଥିଲା । ଶେଷରେ ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ଆର୍ଥିକ ପୁରସ୍କାର ସହ ପ୍ରମାଣପତ୍ର ଦେଇ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶ୍ରୀ ବିନୟ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ । ଏବଂ ଏଥିରେ ସହଯୋଗ କରିଥିଲେ ମାଇ ଭାରତର ସ୍ୱେଚ୍ଛାସେବି ଚୂଳମଣୀ ମାଝୀ, ସ୍ୱାବିକା ମାଝୀ, ନବୀନ ସାହୁ, ଅଭିଷେକ ବେହେରା, ସୁଶୀଲ ପଧାନ, ସାଗର ସାହୁ, ମିଳନ ଭୋଇ, ବିଳାସ ନାଏକ, ମମତା ପଧାନ, ଦୁର୍ଦ୍ଦମ୍ୟ ଶବର, ଏବଂ ଗଜପତି ଚଲାନ ପରିଶେଷରେ ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡିର ଲେଖାପାଳ ଶ୍ରୀ ଦୂତିଆ ବନଛୋର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ଶିକ୍ଷକଙ୍କ ସ୍ଥାନାନ୍ତର ବାତିଲ କରିବାକୁ ନେଇ ଧାରଣା ଅବ୍ୟାହତ,ବିଦ୍ୟାଳୟରେ ତାଲା ଓ ମଧ୍ୟାହ୍ନ ଭୋଜନ ବନ୍ଦ

ବେଗୁନିଆ (ମହାଭାରତ):ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଗୋଡ଼ା ଗ୍ରାମସ୍ଥିତ ଲୋକନାଥଦେବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଦେବାଶିଷ ପୃଷ୍ଟିଙ୍କ ସ୍ଥାନାନ୍ତର ବାତିଲକୁ କରିବାକୁ ନେ଼ଇ ଧାରଣା ଦ୍ୱିତୀୟ ଦିନରେ ଅବ୍ୟାହତ ରହିଛି। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଆରତ ପରିଡାଙ୍କ ନେତୃତ୍ୱରେ ଗ୍ରାମବାସୀଙ୍କ ସହ ଛାତ୍ର ଛାତ୍ରୀ ମାନେ ସାମିଲ ହୋଇ ଶନିବାର ଦିନ ପୂର୍ବାହ୍ନରେ ବିଦ୍ୟାଳୟରେ ତାଲା ପକାଇ ଦେଇ ରାସ୍ତା ଉପରେ ଧାରଣାରେ ବସି ବିଭିନ୍ନ ନାରାବାଜି ଦେଇଥିଲେ ।ଶିକ୍ଷକ ଦୁଇଜଣ ବାହାରେ ଠିଆ ହୋଇ ଛୁଟି ହେବା ପର୍ଯ୍ୟନ୍ତ ଅପେକ୍ଷା କରି ଘରକୁ ଫେରି ଯାଇଥିଲେ। ଏପରିକି ସରକାରଙ୍କ ପକ୍ଷରୁ ଛାତ୍ର ଛାତ୍ରୀ ମାନଙ୍କୁ ଦିଆ ଯାଉଥିବା ମଧ୍ୟାହ୍ନ ଭୋଜନ ବନ୍ଦ ରହିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା । ତେବେ ଶିକ୍ଷକଙ୍କ ସ୍ଥାନାନ୍ତର ବାତିଲ ବିବାଦର କୌଣସି ଆପୋଷ ସମାଧାନ ନ ହୋଇପାରିବାରୁ ପାଠ ପଢା ଛାଡି ଛାତ୍ରଛାତ୍ରୀ ମାନେ ରାଜରାସ୍ତାକୁ ଓଲହାଇ ବିଭିନ୍ନ ସ୍ଲୋଗାନ ଦେଇ ଧାରଣା ଦେଇଥିଲେ । ଏଥିରେ କ୍ଲଷ୍ଟରର ସିଆରସିସି ଧାରଣା ସ୍ଥଳରେ ପଂହଁଚି ଲୋକମାନଙ୍କୁ ବୁଝା ସୁଝା କରିଥିବା ବେଳେ ଘଟଣାର କୌଣସି ଆପୋଷ ସମାଧାନ ହୋଇ ପାରି ନଥିଲା ।ଲୋକମାନେ ନିଜ ଜିଦରେ ଅଟଳ ଥିବା ବେଳେ ଅନ୍ୟପଟେ ଶିକ୍ଷକ ଶ୍ରୀ ପୃଷ୍ଟି ଗୋଡ଼ା ଲୋକନାଥ ଦେବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ରିଲିଭ ନହୋଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଟେଲିଫୋନ ବାର୍ତ୍ତା ପାଇ ରାଉତପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଯୋଗ ଦେଇ କାର୍ଯ୍ୟ କରିଛନ୍ତି ।ଆସନ୍ତାକାଲି ରବିବାର ଥିବାବେଳେ ଘଟଣାର ଯଦି ସମାଧାନ ନହୁଏ ତାହେଲେ ସୋମବାର ଠାରୁ ଘଟଣାର ସମାଧାନ ହେବା ପର୍ଯ୍ୟନ୍ତ ବିଦ୍ୟାଳୟରେ ତାଲା ପଡିବ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଆରତ ପରିଡାଙ୍କ ସହ ବିକାଶ ସାମନ୍ତରାୟ ,ଜୟକୃଷ୍ଣ ଚମ୍ପତିରାୟ ,ପ୍ରଦ୍ୟୁମ୍ନ ରଣବିଜୁଳୀ ,ରବୀନ୍ଦ୍ର ସାମନ୍ତରାୟ ଓ କୃପାସିନ୍ଧୁ ସୁନ୍ଦରାୟ ପ୍ରମୁଖ କହିଛନ୍ତି । ଏହି ଘଟଣା ସମ୍ପର୍କରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କାଙ୍କୁ ପଚାରିବାର ନିୟମ ଅନୁସାରେ କାର୍ଯ୍ୟ ହୋଇଛି ବୋଲି କହିଛନ୍ତି।

# ବରୀ ଲୋକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ



ବରୀ,(ମହାଭାରତ); କଳା ସାହିତ୍ୟ ସଂସ୍କୃତି ପରିଷଦ, ବରୀ ଆନୁକୂଲ୍ୟରେ ବରୀ ଲୋକ ମହୋତ୍ସବ ୨୦୨୪ ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି। ଯାହାକୁ ନେଇ ଅନୁଷ୍ଠାନ ପକ୍ଷରୁ ସନ୍ତନ ମହାବିଦ୍ୟାଳୟ ସଭା ଗୃହରେ ଅନୁଷ୍ଠାନର ସଭାପତି ଡଃ ରାଜକିଶୋର ପଣ୍ଡାଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ହୋଇଯାଇଛି । ଉକ୍ତ ପ୍ରସ୍ତୁତି ବୈଠକରେ ବହୁ କବି, ଲେଖକ, ସାମ୍ବାଦିକ, ବୁଦ୍ଧିଜୀବୀ ଓ ସାମାଜିକ ସଂଗଠନର କର୍ମ କର୍ତା ମାନେ ଯୋଗ ଦେଇ ଲୋକ ମହୋତ୍ସବର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ସ୍କୁଲ ଓ କଲେଜର ଛାତ୍ର ଛାତ୍ରୀ , ସାସ୍କୃତିକ ସାମାଜିକ ଓ ସାହିତ୍ୟ ଅନୁଷ୍ଠାନ ମାନଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ କରିବାକୁ ସ୍ଥିର କରାଯାଇଥିଲା। ଉକ୍ତ ମହୋତ୍ସବ ଆସନ୍ତା ଡିସେମ୍ବର ମାସ ୧୦ ତାରିଖରୁ ଆରମ୍ଭ ହୋଇ ୧୫ ତାରିଖ ପର୍ଯ୍ୟନ୍ତ ବରୀ ବ୍ଲକ ଅନ୍ତର୍ଗତ ବିଧାନଚନ୍ଦ୍ର ଏକାଡେମି ବାଲିଆପାଳ ସ୍କୁଲ ଖେଳ ପଡିଆରେ ଛଅ ଦିନ ବ୍ୟାପି ଲୋକ ମହୋତ୍ସବ ଅନୁଷ୍ଠିତ ହେବ। ବରୀ ଅଂଚଳବାସୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ସହିତ ଅନୁଷ୍ଠାନକୁ ସହଯୋଗର ହାତ ବଢାଇବାକୁ ଅନୁଷ୍ଠାର ସଭାପତି ଡଃ ରାଜକିଶୋର ପଣ୍ଡା ଓ ସମ୍ପାଦକ ସତ୍ୟରଞ୍ଜନ କର ଅନୁରୋଧ କରିଛନ୍ତି। ଉକ୍ତ ଲୋକ ମହୋତ୍ସବରେ ପୁସ୍ତକ ମେଳା, ପଲିଶ୍ରୀ ମେଳା ଓ ମିନାବଜାର ସହିତ ପ୍ରତ୍ୟେକ ଦିନ ସାହିତ୍ୟ ସଭା , ସାସ୍କୃତିକ କାର୍ଯ୍ୟକ୍ରମ ଓ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ବରୀ ବ୍ଲକର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୧୨ ଜଣ ବରିଷ୍ଠ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନ ।ଦେବାକୁ ସ୍ଥିର ହୋଇଛି। ପ୍ରତ୍ୟେକ ସଂନ୍ଧ୍ୟାକୁ ଆକର୍ଷଣୀୟ କରିବା ପାଇଁ ଲୋକ ନୃତ୍ୟ,ଲୋକ ସଂଗୀତ, ଲୋକ ସାଙ୍ଗକୁ ବିଭିନ୍ନ ନାଟକ ପରିବେଷଣ କରିବାକୁ ଓଡିଶାର ବିଭିନ୍ନ ଜିଲ୍ଲାରୁ କଳାକାର ମାନଙ୍କୁ ନିମନ୍ତ୍ରଣ କରାଯିବା ସହ ବରୀ ବ୍ଲକର ବିଭିନ୍ନ ଅନୁଷ୍ଠାନ ସହିତ ସବୁ ଲୋକଙ୍କୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଏହାକୁ ଉପଭୋଗ କରିବାକୁ କଳା ସାହିତ୍ୟ ସଂସ୍କୃତି ପରିଷଦ ବରୀ ପକ୍ଷରୁ ନିବେଦନ କରାଯାଇଛି।

# ଗୁରୁ ନୃସିଂହ ଚରଣ ପାଢ଼ୀ ହେଉଛନ୍ତି ଜଣେ ପ୍ରସିଦ୍ଧ ସଙ୍ଗୀତ ସାଧକ ଓ ହାରମିନିୟମ ବାଦକ ଭାବେ ପରିଚିତ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ କବିଚନ୍ଦ୍ର ସାହିରେ ରୁହନ୍ତି ଗୁରୁ ନୃସିଂହ ଚରଣ ପାଢ଼ୀ ଭଗବାନ ସମସ୍ତଙ୍କ ଭାଗ୍ୟ ଲେଖନ୍ତି,କିନ୍ତୁ ଏଠାରେ ଗୁରୁ ନୃସିଂହ ଚରଣ ପାଢ଼ୀ ନିଜେ ନିଜର ଭାଗ୍ୟ ଲେଖିଛନ୍ତି। ସେ ଜନ୍ମରୁ ଦୃଷ୍ଟିହୀନ ହୋଇ ମଧ ସେ ନିଜକୁ କେବେ ହେଲେ ଦୁର୍ବଳ ମନେ କରି ନାହାଁନ୍ତି। ଶ୍ରୀଯୁକ୍ତ ପାଢ଼ୀ ଛୋଟରୁ ସଙ୍ଗୀତରେ ରୁଚି,ଆଗ୍ରହ ଓ ଶ୍ରଦ୍ଧା ରଖିଥିଲେ। ହେଲେ ସଙ୍ଗୀତ ଜଗତରେ ସେ ନିଜର ଜୀବନ ପ୍ରଥମେ ୧୯୮୧ ମସିହାରୁ ଆରମ୍ଭ କଲେ ହାରମୋନିୟମ ଭଗାଲ ଶିକ୍ଷା ପାଇବା ପରେ କର୍ଣ୍ଣାଟକ ସଙ୍ଗୀତ ଶିକ୍ଷା କଲେ। କିଛି ବର୍ଷ ପରେ ସେ ଓଡିଶୀ ସଙ୍ଗୀତ ଶିକ୍ଷା କରି ଅନ୍ୟମାନଙ୍କୁ ସଙ୍ଗୀତ, ହାରମୋନିୟମ ମଧ ଶିକ୍ଷା ଦେଉଛନ୍ତି। ତାଙ୍କର ଗଜପତି କଳା ପରିଷଦ ଅନୁଷ୍ଠାନ ରହିଛି। ବର୍ତ୍ତମାନ ଗଜପତି କଳା ପରିଷଦ ଅନୁଷ୍ଠାନର କିଛି ଛାତ୍ର ଛାତ୍ରୀ ତାଙ୍କ ଠାରୁ ସଙ୍ଗୀତ ଶିକ୍ଷା କରୁଛନ୍ତି। ଜିଲ୍ଲା ଓ ଜିଲ୍ଲା ବାହାରେ ରାଜ୍ୟ ସ୍ତରରେ ମଧ ନିଜର ସଙ୍ଗୀତ ପଦର୍ଶନ କରି କୃତିତ୍ୱ ଲାଭ କରିଛନ୍ତି। ସେ ଜଣେ ଦୃଷ୍ଟିରେ ଅକ୍ଷମ ହୋଇ ମଧ ନିଜେ ସକ୍ଷମ ହୋଇଛନ୍ତି।ସେ ସଙ୍ଗୀତ ଦ୍ୱାରା ନିଜର ପରିଚୟ କରିପାରିଛନ୍ତି। ସେ ସଙ୍ଗୀତ ଦ୍ୱାରା ଦେଖି ପାରୁଛନ୍ତି। ଅନୁଭବ କରି ପାରୁଛନ୍ତି ଓ ଶୁଣି ପାରୁ ଛନ୍ତି। ସେ ନିଜକୁ ଗର୍ବ ଅନୁଭବ କରିଛନ୍ତି ତାଙ୍କର ଶିଷ୍ୟ ଆକାଶ ବାଣୀ ଜୟପୁର ରେଡ଼ିଓ ଷ୍ଟେସନରେ ଯୁବବାଣୀ ଆଜିର କଳାକାରରେ ସଙ୍ଗୀତ ପରିବେଷଣ କରିଛନ୍ତି। ସାର୍ଥକ ଷ୍ଟୁଡ଼ିଓ କଟକରେ ଗୋପାଳ କୃଷ୍ଣ ପଦ୍ୟାବଳୀର ଜଗବନ୍ଧୁ ଦୟାଳୁ ଗୀତ ୭ ଜଣ ଗାୟକଙ୍କ ସହିତ ମିଶି ଗୋଟିଏ ଗୀତ ପରିବେଷଣ କରିଛନ୍ତି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାନପତ୍ର ପାଇଛନ୍ତି। ସେ ବର୍ତ୍ତମାନ ସୁଦ୍ଧା କଳାକାର ପେନସନ ପାଇପାରି ନାହାନ୍ତି। ସରକାରଙ୍କ ତରଫରୁ ଅନୁଷ୍ଠାନକୁ ସହାୟତା ଯୋଗାଇ ଦେଲେ ଅନୁଷ୍ଠାନଟି ଆଗକୁ ଯାଇପାରିବ ଓ ସଙ୍ଗୀତରେ ନୂତନ ପିଢ଼ି ସୃଷ୍ଟି ହୋଇ ପାରିବ।

# ବରୀ ଅଞ୍ଚଳରେ ବଢୁଛି ଚୋର ମାନଙ୍କ ପାଦୁର୍ଭାବ

ବରୀ,(ମହାଭାରତ));ବରୀ ଅଂଚଳରେ କିଛି ଦିନ ହେବ ଚୋର ମାନଙ୍କ ପାଦୁର୍ଭାବ ବଢୁଥିବା ଦେଖିବାକୁ ମିଳିଛି। ପ୍ରକାଶ ଥାଉକି ଗତ କାଲି ବିଳମ୍ବିତ ରାତିରେ ଚୋର ମାନେ ବରୀ ବଜାରର ଗୋଟିଏ ଷ୍ଟେସନାରୀ ଦୋକାନ ଭାଙ୍ଗି ସର୍ବସ୍ୱ ଲୁଟି ନେଇଛନ୍ତି ।ପରେ ଦୋକାନଟିକୁ ସମ୍ପୂର୍ଣ୍ଣ ଜାଳି ଦେବାକୁ ଚେଷ୍ଟା କରିଥିବା ବେଳେ କୌଣସି କାରଣରୁ ବିଫଳ ହୋଇଛନ୍ତି। ସେହିପରି ଅନ୍ୟ ଦୁଇଟି ଦୋକାନରୁ ଚୋରି କରିବା ନିମନ୍ତେ ଚାବିକୁ ପିଟି ପିଟି ଚେପା ହୋଇଥିଲେବି ଚାବି ଖୋଲି ପାରି ନାହାନ୍ତି। ଯାହାକୁ ନେଇ ଯାହାକୁ ନେଇ ବରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି। ବରୀ ବଜାରରୁ ଏଭଳି ଚୋରି ଘଟଣା ବ୍ୟବସାୟୀ ମାନେ ଅସୁରକ୍ଷିତ ମନେ କରିଛନ୍ତି

# ଚଣ୍ଡିଖୋଲ କୋର୍ଟ ର ୧୮ତମ ପ୍ରତିଷ୍ଠା ଦିବସ ଓ ନୂତନ ଗୃହ ଶିଳାନ୍ୟାସ

ବଡଚଣା (ମହାଭାରତ)ଯାଜପୁର ଜିଲ୍ଲାର ଚଣ୍ଡିଖୋଲ କୋଟ ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ।ଓଡିଶାରେ ଆଇଜୀବୀ ଓ ବିଭିନ୍ନ ନ୍ୟାୟାଳୟରେ ରହିଥିବା ବାର ଆସୋସିଏସନ ଗୁଡିକର ସମସ୍ୟା ସମ୍ପର୍କରେ ମୁଁ ଅବଗତ ହେବାର ସୁଯୋଗ ପାଇଲି ବୋଲି ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ଚକ୍ରଧାରି ସରଣ ସିଂ କହିଛନ୍ତି। ଚଣ୍ଡିଖୋଲ କୋର୍ଟର ୧୮ତମ ପ୍ରତିଷ୍ଠା ଦିବସ ଓ କୋର୍ଟ କ୍ୟାଣ୍ଟିନ ତଥା ବାର ଆସୋସିଏସନ ଚ୍ୟାମ୍ବରର ଶିଳାନ୍ୟାସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟ ବିଚାରପତି ଶ୍ରୀ ସରଣ ସିଂ ଏହା କହିବାସହ ମୋର ଏକ ଦୁର୍ବଳତା ଯେ ମୁଁ ଓଡିଶା ହାଇକୋର୍ଟରେ ଆଜିକୁ ଠିକ ୧୦ମାସ ହେବ ଅଧିଷ୍ଠିତ ହୋଇଥିଲେ ମଧ ଏହା



ଭିତରେ କାର୍ଯ୍ୟ ବ୍ୟସ୍ତତା ଯୋଗୁଁବିଭିନ୍ନ ନ୍ୟାୟାଳୟର ଆଇନଜୀବୀ ଓ ବାର ଆସୋସିଏସନ ଗୁଡିକ ସହ ମିଶିବାର ଅବକାଶ ପାଇନଥିଲି। ଯେଉଁଥି ପାଇଁ ସେମାନଙ୍କର ମୌଳିକ ସମସ୍ୟା ସମ୍ପର୍କରେ ମଧ ଅବଗତ ହୋଇ ନଥିଲି। ହେଲେ ଆଜି ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ନିମନ୍ତ୍ରଣରେ ଏଠାକୁ ଆସିବା ପରେ ସମସ୍ତଙ୍କ ସହ ମିଶିବା ଓ ସେମାନଙ୍କର ସମସ୍ୟା ସମ୍ପର୍କରେ ଅବଗତ ହେଲି ବୋଲି ଶ୍ରୀ ସରଣ ସିଂ ନିଜ ବକ୍ତବ୍ୟରେ କହିଥିଲେ। ଏଥିସହ ନ୍ୟାୟିକ ବ୍ୟବସ୍ଥାର ସଠିକ ପରିଚାଳନା ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। କୋର୍ଟ ପରିସରରେ ସେ ନୂତନ ପ୍ରକଳ୍ପର ଶିଳାନ୍ୟାସ କରି ଖୁବଶୀଘ୍ର ଏହି କାର୍ଯ୍ୟ ଆରମ୍ଭ ହେବ ଓ ନିର୍ଦ୍ଧାରିତ ସମୟ ମଧ୍ୟରେ ହାଇକୋର୍ଟଙ୍କ ସ୍ୱତନ୍ତ୍ର ଦେଖାସୁଣାରେ ସଠିକ ସମୟରେ ଶେଷହେବ ବୋଲି ଆଶାବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ହାଇକୋର୍ଟର ଅନ୍ୟତମ ବିଚାରପତି ସଙ୍ଗମକୁମାର ସାହୁ ଯୋଗଦେଇ କୋର୍ଟ ପ୍ରତିଷ୍ଠାର ୧୮ତମ ଉତ୍ସବ ଅବସରରେ ସମସ୍ତ ଆଇନଜୀବୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଓଡିଶା ହାଇକୋର୍ଟରେ ମୁଖ୍ୟ ବିଚାରପତି ଭାବେ ଶ୍ରୀ ସରଣ ସିଂ ଅଧିଷ୍ଠିତ ହେବାପରେ ରାଜ୍ୟରେ ନ୍ୟାୟିକ ବ୍ୟବସ୍ଥା ଚଳଚଞ୍ଚଳ ହେବା ସହିତ ନ୍ୟାୟପାଳିକା ଗୁଡିକର ଭିତିଭୂମିରେ ବ୍ୟାପକ ବିକାଶ ହୋଇଥିବା ସେ କହିଥିଲେ। ୧ କୋଟି ୫୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଚଣ୍ଡିଖୋଲ କୋର୍ଟରେ ଶିଳାନ୍ୟାସ ହୋଇଥିବା ଏହି ପ୍ରକଳ୍ପ ଦୁଇ ମହଲା ବିଶିଷ୍ଟ ହେବ। ତଳମହଲାରେ କୋର୍ଟ କ୍ୟାଣ୍ଟିନ ଓ ଉପର ମହଲାରେ ବାର ଆସୁସିଏସନର ଚ୍ୟାମ୍ବର ରହିବ ବୋଲି ବିଚାରପତି ଶ୍ରୀ ସାହୁ ସୂଚନା ଦେଇଥିଲେ। ଏହି ଉତ୍ସବରେ ଜିଲ୍ଲା ଓ ଦୌରାଜର୍ଜ ଅମୃତରଞ୍ଜନ ନନ୍ଦ,ହାଇକୋର୍ଟ ରେଜିଷ୍ଟାର ଜେନେରାଲ ଅଶାନ୍ତ ଦାସ,ରେଜିଷ୍ଟାର ଭିଜିଲାନ୍ସ, ଚଣ୍ଡିଖୋଲ କୋର୍ଟ ବରିଷ୍ଠ ବିଚାରପତି ବିଶ୍ୱଦୀପକ ସାହୁ, ପରବୀନ ମଣ୍ଡଳ,ହାଇକୋର୍ଟ ବାର ଆସୋସିଏସନ ସଭାପତି ବିଜୟ ଦାସ,ବଡଚଣାର ପୂର୍ବ ତନ ବିଧାୟକ ଅମରପ୍ରସାଦ ଶତପଥୀ,ଯାଜପୁର ଜିଲ୍ଲାପାଳ ପି ଅନେ୍ୱଷା ରେଡ୍ଡୀ,ଏସପି ଏ ଶ୍ରୀମଲ ଉପସ୍ତିତ ରହିଥିଲେ। ବାର ଆସୁସିଏସନ ସମ୍ପାଦକ ପ୍ରକାଶ ଚନ୍ଦ୍ରୟଦାଶ ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ଦେିଇଥିଲା ବେଳେ ସଭାପତି ଦେବରାଜ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଚଣ୍ଡିଖୋଲ ଓ ଯାଜପୁର ଜିଲ୍ଲାର ବହୁ ବରିଷ୍ଠ ଆଇନଜୀବୀ,ବୁଦ୍ଧିଜୀବୀ ଓ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

# ଦିଲ୍ଲୀ ରାଜ୍ୟପାଳଙ୍କୁ ଭେଟିଲେ ମୌଲବୀ

**ନୂଆଦିଲ୍ଲୀ,୮।୧୨(ଏଜେନ୍ସି):** ବାଂଲାଦେଶରେ ଜାରି ରହିଥିବା ହିନ୍ଦୁ ବିରୋଧୀ ହିଂସାକୁ ଭାରତରେ ଜୋରଦାର ବିରୋଧ ହେଉଛି । ଏହି କ୍ରମରେ ବାଂଲାଦେଶ ହିଂସାକୁ ବିରୋଧ କରି ଦିଲ୍ଲୀ ଉପରାଜ୍ୟପାଳଙ୍କୁ ଭେଟିଛନ୍ତି ହଜରତ ନିଜାମୁଦ୍ଦିନ ଦର୍ଗା ଅଞ୍ଚଳର ମୌଲବୀ ଓ ସ୍ଥାନୀୟ ବାସିନ୍ଦା। ଏହି ପ୍ରତିନିଧୀ ଦଳ ଶନିବାର ଦିଲ୍ଲୀ ଉପରାଜ୍ୟପାଳ ବିନୟ କୁମାର ସକ୍ସେନାଙ୍କୁ ଭେଟି ସହରରେ ବେଆଇନ ଭାବେ ବସବାସ କରୁଥିବା ବାଂଲାଦେଶୀ ଲୋକଙ୍କୁ ଚିହ୍ନଟ କରି ତାଙ୍କ ଦେଶକୁ ତଡ଼ିଦେବା ପାଇଁ ଦାବି କରିଛନ୍ତି । ଦିଲ୍ଲୀ ରାଜ ନିବାସ ଜାରି କରିଥିବା ଏକ ବିବୃତ୍ତିରେ କୁହାଯାଇଛି ଯେ ବାଂଲାଦେଶରେ ହିନ୍ଦୁ ଏବଂ ଅନ୍ୟାନ୍ୟ ସଂଖ୍ୟାଲଘୁଙ୍କ ବିରୋଧରେ ହେଉଥିବା ହିଂସାକୁ ନେଇ ହଜରତ ନିଜାମୁଦ୍ଦିନ ଦର୍ଗା ଅଞ୍ଚଳର ପ୍ରତିନିଧୀ ଦଳ ଗଭୀର ଚିନ୍ତା ପ୍ରକଟ କରିଛନ୍ତି । ବାଂଲାଦେଶରେ ହିନ୍ଦୁମାନଙ୍କର ଅବସ୍ଥା ଏବଂ ସେହି ଦେଶର ବର୍ତ୍ତମାନର ସ୍ଥିତି ଚିନ୍ତାଜନକ ବୋଲି ଉପରାଜ୍ୟପାଳଙ୍କୁ ଦେଇଥିବା ଏକ ଦାବିପତ୍ରରେ ସେମାନେ ଲେଖିଛନ୍ତି । ଏହା ସହିତ ଦିଲ୍ଲୀରେ ଅନୁପ୍ରବେଶ କରି ବେଆଇନ ଭାବେ ବସବାସ କରୁଥିବା ବାଂଲାଦେଶୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି । ସେମାନଙ୍କୁ ଭଡା ଘର ବା କୌଣସି ପ୍ରତିଷ୍ଠାନରେ ଚାକିରି ମିଳିବା ଉଚିତ୍ ନୁହେଁ ବୋଲି ସେମାନେ କହିଛନ୍ତି । ଏପରିକି କୌଣସି ଧାର୍ମିକ ସ୍ଥାନ ସେମାନଙ୍କୁ ଆଶ୍ରୟ ନଦେଇ ଘଉଡାଇଦେବା ଉଚିତ୍ ବୋଲି ସେମାନେ କହିଛନ୍ତି । ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଦ୍ୱାରା ଦିଲ୍ଲୀରେ ଜବରଦଖଲ ହୋଇଥିବା ସରକାରୀ ଜମି, ଫୁଟପାଥ, ପାର୍କ ଏବଂ ଅନ୍ୟାନ୍ୟ ସର୍ବସାଧାରଣ ସ୍ଥାନରୁ ଏମାନଙ୍କୁ ହଟାଇବାକୁ ଉପରାଜ୍ୟପାଳଙ୍କୁ ଭେଟିଥିବା ମୌଲବୀ ଓ ମୁସଲିମ ସଂପ୍ରଦାୟର ଅନ୍ୟ ସଦସ୍ୟମାନେ କହିଛନ୍ତି । ଏନେଇ ଦିଲ୍ଲୀ ପୁଲିସ ଏବଂ ମ୍ୟୁନିସିପାଲିଟି କର୍ପୋରେସନ୍ (ଏମସିଡି)କୁ ନିର୍ଦ୍ଦେଶ ଦିଆଯାଉ ବୋଲି ଉପରାଜ୍ୟପାଳଙ୍କୁ ଏମାନେ ଦାବି କରିଛନ୍ତି । ଏଭଳି ବେଆଇନ ଅନୁପ୍ରବେଶକାରୀଙ୍କୁ ଯଦି ଆଧାର କାର୍ଡ, କିମ୍ବା ଭୋଟର ଆଇ-କାର୍ଡ ଭଳି କୌଣସି ସରକାରୀ ପରିଚୟ ପତ୍ର ଦିଆଯାଇଛି, ଏହାକୁ ତୁରନ୍ତ ବାତିଲ କରାଯିବା ଉଚିତ୍ ବୋଲି ଏମାନେ ଦାବିରେ ଦର୍ଶାଇଛନ୍ତି ।



# ବିରୋଧୀ ମେଣ୍ଟରୁ ଓହରି ଗଲା ଅଖିଲେଶ ଯାଦବଙ୍କ ସମାଜବାଦୀ ପାର୍ଟି

**ନୂଆଦିଲ୍ଲୀ,୮।୧୨(ଏଜେନ୍ସି):** ମହାରାଷ୍ଟ୍ରର ବିରୋଧୀ ମେଣ୍ଟ ମହା ବିକାଶ ଅଘାଡ଼ି(ଏମଭିଏ)କୁ ଶକ୍ତ ଝଟକା ଲାଗିଛି । ଏମଭିଏରେ ଥିବା ଅଖିଲେଶ ଯାଦବଙ୍କ ସମାଜବାଦୀ ପାର୍ଟି ଆଜି ମେଣ୍ଟରୁ ଓହରି ଯାଇଛି । ଉଦ୍ଧବ ଠାକରେଙ୍କ ଜଣେ ଘନିଷ୍ଠ ସହଯୋଗୀ ବାବ୍ରୀ ମସଜିଦ ଭଙ୍ଗା ଯିବା ଘଟଣାରେ ବିବାଦୀୟ ବୟାନ ଦେବାକୁ ସପା ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି । ବାବ୍ରୀ ମସଜିଦ ଭଙ୍ଗା ଯିବା ଘଟଣାର ୩୨ ବର୍ଷ ପୂର୍ତ୍ତି ଅବସରରେ ଉଦ୍ଧବ ଠାକରେଙ୍କ ଶିବସେନାର ବରିଷ୍ଠ ନେତା ମିଲିନ୍ଦ ନରଭେକର ସୋସିଆଲ ମିଡିଆରେ ଗୋଟିଏ ପୋଷ୍ଟ କରିଛନ୍ତି । ସେ ପୋଷ୍ଟ କରିଥିବା ଫଟୋରେ ବାବ୍ରୀ ମସଜିଦକୁ ଭଙ୍ଗା ଯାଉଛି । ଏଥିରେ ଶିବସେନାର ପ୍ରତିଷ୍ଠାତା ବାଲାସାହେବ ଠାକରେଙ୍କ ଗୋଟିଏ ଉକ୍ତି ରହିଛି । ବାଲା ସାହେବ ଏଥିରେ କହିଛନ୍ତି, ଏହାକୁ ଯେଉଁମାନେ କରିଛନ୍ତି(ଭାଙ୍ଗିଛନ୍ତି) ସେମାନଙ୍କ ପାଇଁ ମୁଁ ଗର୍ବିତ । ଏହି ଫଟୋରେ ଉଦ୍ଧବ ଠାକରେ, ଆଦିତ୍ୟ ଠାକରେ ଓ ନରଭେକରଙ୍କ ଫଟୋ ମଧ୍ୟ ରହିଛି । ଏପରି ପୋଷ୍ଟକୁ ବିରୋଧ କରି ସପା ଏମଭିଏରୁ ଓହରି ଯାଇଛି । ମହାରାଷ୍ଟ୍ରର ସପାର ୨ ଜଣ ବିଧାୟକ ରହିଛନ୍ତି । ଆଜି ବିଧାନସଭାରେ ଶପଥ ଗ୍ରହଣ କାର୍ଯ୍ୟକ୍ରମକୁ ଏମଭିଏ ଦଳଗୁଡ଼ିକ ଇଭିଏମକୁ ଦୋଷ ଦେଇ ବୟକଟ କରିଥିଲେ । ହେଲେ ସପାର ରାଜ୍ୟ ସଭାପତି ତଥା ବିଧାୟକ ଅବୁ ଅସିମ ଅଜମି ଓ ବିଧାୟକ ରେଇସ ଶେଖ ଏମଭିଏ ନିଷ୍ପତ୍ତିକୁ ଖାତିର ନ କରି ବିଧାୟକ ଭାବେ ଶପଥ ନେଇଛନ୍ତି । ଅଜିମ ଗୋଟିଏ ବିବୃତ୍ତିରେ କହିଛନ୍ତି, ସାଂପ୍ରଦାୟିକ ବିଚାରଧାରା ସହ ସପା କେବେ ହେଲେ ରହିପାରିବ ନାହିଁ । ତେଣୁ ଆମେ ମହା ବିକାଶ ଅଘାଡ଼ିରୁ ନିଜକୁ ପୃଥକ କରୁଛୁ । ଶିବସେନା(ୟୁବିଟି) ପକ୍ଷରୁ ଖବରକାଗଜରେ ବିଜ୍ଞାପନ ଦିଆଯାଇ ବାବ୍ରୀ ମସଜିଦକୁ ଧ୍ୱଂସ କରିଥିବା ଲୋକଙ୍କୁ ଶୁଭେଚ୍ଛା ଜଣାଯାଉଛି । ତାଙ୍କ (ଉଦ୍ଧବ ଠାକରେ) ସହଯୋଗୀ ମଧ୍ୟ ଏକ୍ସରେ ପୋଷ୍ଟ କରି ମସଜିଦ ଭଙ୍ଗା ଘଟଣାକୁ ପ୍ରଶଂସା କରୁଛନ୍ତି। ଆମେ ଏମଭିଏରୁ ଓହରି ଯାଉଛୁ । ମୁଁ ସମାଜବାଦୀ ସଭାପତି ଅଖିଲେଶ ଯାଦବଙ୍କ ସହ କଥା ହୋଇ ସାରିଛି । ଏମଭିଏରେ ଥିବା କେହି ଯଦି ଏମିତି ଭାଷା କହିବେ, ତା'ହେଲେ ବିଜେପି ଓ ସେମାନଙ୍କ ମଧ୍ୟରେ ପାର୍ଥକ୍ୟ କ'ଣ ? କାହିଁକି ଆମେ ସେମାନଙ୍କ ସହ ରହିବୁ। ମହାରାଷ୍ଟ୍ରରେ ଅନୁଷ୍ଠିତ ଲୋକସଭା ଓ ନିକଟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନରେ ସପା ବିରୋଧୀ ମେଣ୍ଟ ଏମଭିଏ ସହ ହାତ ମିଳାଇ ପ୍ରାର୍ଥୀ ଦେଇଥିଲେ । ହେଲେ ଏବେ ମେଣ୍ଟରୁ ଦଳ ଓହରି ଯାଇଛି ।



# ଥରିଲା ହିମାଚଳ ପ୍ରଦେଶ

**ନୂଆଦିଲ୍ଲୀ,୮।୧୨(ଏଜେନ୍ସି):** ଥରିଲା ହିମାଚଳ ପ୍ରଦେଶ । ସକାଳୁ ସକାଳୁ ୩ ଥର ଭୂମିକମ୍ପ ଅନୁଭୂତ ହୋଇଛି । ମାଣ୍ଡି ସହରରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା । ଗୋଟିଏ ପରେ ଗୋଟିଏ ୩ଥର ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା । ଯଦିଓ ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୩.୩ ରହିଥିଲା । ସକାଳ ପ୍ରାୟ ୨.୩୦ ମିଟନ ସମୟରେ ଘଟିଥିଲା । ଲୋକମାନେ ଭୟଭୀତ ହୋଇ ଘରୁ ବାହାରି ଆସିଥିଲେ । ପର୍ଯ୍ୟନ୍ତ କୌଣସି କ୍ଷୟକ୍ଷତି ନେଇ ସୂଚନା ନାହିଁ। ଗତକାଲି ଆମେରିକାର କାଲିଫର୍ନିଆ ସହରରେ ୭ ତିବ୍ରତାର ଏକ ଭୂମିକମ୍ପ ଘଟିଥିଲା । କାଲିଫର୍ନିଆର ଫର୍ଣ୍ଡଲେ ସହରଠାରୁ ପ୍ରାୟ ୧୦୦ କିଲୋମିଟର ଦୂରରେ ଏହି ଭୂକମ୍ପର କେନ୍ଦ୍ରସ୍ଥଳ ଦେଖିବାକୁ ମିଳିଥିଲା । ଭୂମିକମ୍ପ ଏତେ ଶକ୍ତିଶାଳୀ ଥିଲା ଯେ ଘର ଓ ରାସ୍ତାର କାନ୍ଥରେ ଫାଟ ସୃଷ୍ଟି ହୋଇଥିଲା ।

# ଇଣ୍ଡିଆ ମେଣ୍ଟର ନେତୃତ୍ୱ ନେବାର ଦାବି କଲେ ମମତା

**ନୂଆଦିଲ୍ଲୀ,୮।୧୨(ଏଜେନ୍ସି):** ଇଣ୍ଡିଆ ମେଣ୍ଟର ନେତୃତ୍ୱକୁ ନେଇ ବିବାଦ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମେଣ୍ଟର ନେତୃତ୍ୱକୁ ନେଇ ଉଠାଇଛନ୍ତି ପ୍ରଶ୍ନ । ଏହା ସହ କହିଛନ୍ତି ମୁଁ ଗଢିଛି ଇଣ୍ଡିଆ ମେଣ୍ଟ । ଦରକାର ପଡିଲେ ଆଗକୁ ନେବି ନେତୃତ୍ୱ । ମମତାଙ୍କ ଏହି ବୟାନକୁ ନେଇ ବିଜେପି କରିଛି କଟାକ୍ଷ । ବିଜେପି କହିଛି ରାହୁଲ ଗାନ୍ଧୀ ଓ ପ୍ରିୟଙ୍କାଙ୍କ ନେତୃତ୍ୱ ଉପରେ ଏବେ କାହାର ଭରସା ନାହିଁ । ଇଣ୍ଡିଆ ମେଣ୍ଟରେ ଫାଟ । ହରିୟାଣା ଓ ମହାରାଷ୍ଟ୍ର ନିର୍ବାଚନରେ ଶୋଚନୀୟ ପରାଜୟକୁ ନେଇ ସୃଷ୍ଟି ହୋଇଛି ବିବାଦ। ବର୍ତ୍ତମାନର ମେଣ୍ଟ ନେତୃତ୍ୱଙ୍କୁ ଦାୟୀ କରିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ଗାନ୍ଧୀ ପରିବାରକୁ ପରୋକ୍ଷରେ ଟାର୍ଗେଟ୍ କରିଛନ୍ତି ମମତା । ସେ କହିଛନ୍ତି ସେମାନେ ସଠିକ୍ ଭାବେ ଦାୟିତ୍ୱ ନେଇ ପାରୁ ନାହାଁନ୍ତି । ନହେଲେ ହରିୟାଣା ଓ ମହାରାଷ୍ଟ୍ରରେ ଇଣ୍ଡିଆ ମେଣ୍ଟର ଏଭଳି ପରାଜୟ ହୋଇ ନଥାନ୍ତା । ଆବଶ୍ୟକ ପଡିଲେ ଆଗକୁ ମେଣ୍ଟର ନେତୃତ୍ୱ ନେବି । ପଶ୍ଚିମବଙ୍ଗରେ ବସି ମେଣ୍ଟର ଦାୟିତ୍ୱ ତୁଲାଇବି । ଏଠାରେ ମୁଖ୍ୟମନ୍ତ୍ରୀ ରହିବା ସହ ଦୁଇଟି ଦାୟିତ୍ୱ ନେବାକୁ ମୁଁ ସମର୍ଥ । ସବୁ ଆଞ୍ଚଳିକ ଦଳ ନେତାଙ୍କ ସହ ମୋର ଭଲ ସମ୍ପର୍କ। ମୁଁ ନେତୃତ୍ୱ ନେଲେ ମେଣ୍ଟ ସୁଦୃଢ ହେବ ବୋଲି ଦାବି କରିଛନ୍ତି ମମତା । ସେପଟେ ମମତାଙ୍କ ଏହି କଥାକୁ ନେଇ ବିଜେପି ଇଣ୍ଡିଆ ମେଣ୍ଟକୁ ନେଇ କରିଛି କଟାକ୍ଷ । ବିଜେପି ମୁଖପାତ୍ର ପ୍ରଦୀପ ଭଣ୍ଡାରୀ କହିଛନ୍ତି ରାହୁଲ ଓ ପ୍ରିୟଙ୍କାଙ୍କ ନେତୃତ୍ୱ ଉପରେ ଏବେ କାହାର ଭରସା ନାହିଁ । କେବେ ଅଖିଲେଶ କହୁଛନ୍ତି ମୁଁ ନେତା, କେବେ ଷ୍ଟାଲିନ୍ କହୁଛନ୍ତି ମୁଁ ନେତା । ଏବେ ଶେଷରେ ମମତା ବି କହିଲେଣି ସେ ମେଣ୍ଟର ନେତୃତ୍ୱ ନେବେ । ସମସ୍ତେ ଏକ ସ୍ୱରରେ କହୁଛନ୍ତି ରାହୁଲ ନେତା ନୁହେଁ ।'

# ଦୁର୍ନୀତି ମାମଲାରେ ଅଜିତ ପାୱାରଙ୍କୁ କ୍ଲିନଚିଟ୍

**ନୂଆଦିଲ୍ଲୀ,୮।୧୨(ଏଜେନ୍ସି):** ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କୁ ଆଶ୍ୱସ୍ତି । ୨୦୨୧ ରେ ଆୟକର ବିଭାଗ ଅଜିତ ପାୱାରଙ୍କ ନାମରେ ଥିବା ୧ ହଜାର କୋଟି ଟଙ୍କାରୁ ଅଧିକ ବେଆଇନ ସମ୍ପତ୍ତି ଜବତ କରିଥିଲା, ଯାହା ଆଜି ଆୟକର ବିଭାଗ ରିଲିଜ କରିଦେଇଛି । ନ୍ୟାୟାଳୟ ତରଫରୁ ଅଜିତ ପାୱାର ଓ ତାଙ୍କ ପରିବାର ନାମରେ ଥିବା ବେନାମୀ ସମ୍ପତ୍ତି ଠୁଳ ମାମଲାକୁ ଖାରଜ କରିଦେଇଛନ୍ତି । ଏହାକୁ ନେଇ ଏବେ ବିରୋଧୀ ବିଜେପିକୁ ଟାର୍ଗେଟ୍ କରିଛି । ୨୦୨୧ ଅକ୍ଟୋବର ୭ ତାରିଖରେ ଆୟକର ବିଭାଗ ଅଜିତ ପାୱାରଙ୍କ ଅଧିକାରରେ ଥିବା ଅନେକ କମ୍ପାନୀ ଉପରେ ଚଢାଉ କରିଥିଲା । ଏଥିରେ କୋଟି କୋଟି ଟଙ୍କାର ସମ୍ପତ୍ତି ସହ ନଗଦ ଟଙ୍କା ମଧ୍ୟ ଜବତ ହୋଇଥିଲା। ଏହି ମାମଲାର ଶୁଣାଣି କରି କୋର୍ଟ କହିଛନ୍ତି କି, ଏହି ସମ୍ପତ୍ତି ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ନାହିଁ । କୋର୍ଟଙ୍କର ଏଭଳି ରାୟକୁ ବିରୋଧ କରି କଂଗ୍ରେସ ନେତା ବିଜୟ ବେଡେଟିୱାର କହିଛନ୍ତି କି, ବିଜେପିର ଘର ଏମିତି ଏଠାକୁ ଯିବ ଆସିବ ସେ ସଫା ହୋଇ ବାହାରକୁ ଯିବ । ବିଜେପି ସହ ମେଣ୍ଟ କରିବା ପାଇଁ ଅଜିତ୍ ପାୱାର ଚୁକ୍ତି କରିଥିଲେ, ଯାହାର ସୁଫଳ ଆଜି ବିଜେପି ତାଙ୍କୁ ଦେଇଛି ବୋଲି ବିଜୟ କଟାକ୍ଷ କରିଛନ୍ତି । ସେହିଭଳି ଉଦ୍ଧବ ଗୋଷ୍ଠୀର ଶିବସେନା ନେତା ସଂଜୟ ରାଉତ କହିଛନ୍ତି କି, ଅଜିତ ପାୱାର ବିଜେପିର ୱାସିଂ ମେସିନରେ ସଫା ହୋଇଗଲେ ।



# ବାଂଲାଦେଶରେ ଜାମିନ ପ୍ରତ୍ୟେକ ନାଗରିକଙ୍କ ଅଧିକାର

**ଢାକା,୮।୧୨(ଏଜେନ୍ସି):** ବାଂଲାଦେଶର ସଂଖ୍ୟାଲଘୁ ଧାର୍ମିକ ଗୋଷ୍ଠୀର ନେତାମାନେ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସଙ୍କୁ କହିଛନ୍ତି ଯେ, ହିନ୍ଦୁ ସାଧୁ ଚିନ୍ମୟ କୃଷ୍ଣ ଦାସଙ୍କ ଜାମିନ ଆବେଦନକୁ ବିଚାର କରାଯିବା ଉଚିତ୍ ।ବାଂଲାଦେଶରେ ଜାମିନ ପ୍ରତ୍ୟେକ ନାଗରିକଙ୍କ ଅଧିକାର ଦେଶଦ୍ରୋହ ଅଭିଯୋଗର ସମ୍ମୁଖୀନ ହୋଇଥିବା ଚିନ୍ମୟ କୃଷ୍ଣ ଦାସଙ୍କ ଜାମିନ ଶୁଣାଣି ଜାନୁଆରୀ ୨ ଧାର୍ଯ୍ୟ କରାଯାଇଛି । ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ହୋଇଥିବା ଆକ୍ରମଣ ସମ୍ପର୍କିତ ଖବର ମହମ୍ମଦ ୟୁନୁସଙ୍କ ସରକାରଙ୍କ ପର୍ଦ୍ଦାଫାଶ୍ କରିଛି । ମହମ୍ମଦ ୟୁନୁସଙ୍କ ସରକାର ଚାହୁଁ ନାହାନ୍ତି ଯେ, ଏହି ଆକ୍ରମଣର ଖବର ବିଶ୍ୱ ସମ୍ମୁଖକୁ ଆସୁ । ଏହା ବ୍ୟତୀତ ସେ ଅଭିନୟ କରିବାକୁ ଚେଷ୍ଟା କରୁଛନ୍ତି ଯେପରି ଦେଶରେ ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ଆକ୍ରମଣ କରାଯାଉଛି ଏବଂ ସେ ଏହା ସମ୍ପର୍କରେ କିଛି ଜାଣି ନାହାନ୍ତି । ୟୁନୁସ୍ ଦାବି କରିଛନ୍ତି ଯେ ବାସ୍ତବତା ଏବଂ ବିଦେଶୀ ଗଣମାଧ୍ୟମରେ ଆସୁଥିବା ଖବର ମଧ୍ୟରେ ପାର୍ଥକ୍ୟ ଅଛି । ବାଂଲାଦେଶର ସମ୍ବାଦ ଏଜେନ୍ସି ବିଏସ୍ଏସ୍ ଅନୁଯାୟୀ ସେ କହିଛନ୍ତି ଯେ, ଆମେ ସଠିକ୍ ସୂଚନା ଜାଣିବାକୁ ଚାହୁଁ ଏବଂ ଏହାକୁ ପାଇବା ପାଇଁ ଏକ ପ୍ରକ୍ରିୟା ପ୍ରତିଷ୍ଠା କରିବାକୁ ଚାହୁଁ । ନ ପାଇବା ସମସ୍ତଙ୍କର ଅଧିକାର ବୋଲି ସେଣ୍ଟ ମେରି କ୍ୟାଥେଡ୍ରାଲର ଫାଦର ଆଲବର୍ଟ ରୋଜାରିଓ କହିଛନ୍ତି । ଜଣାଶୁଣା ବାଂଲାଦେଶୀ ଲେଖକ ଫରହାଦ୍ ମଜହର ମଧ୍ୟ ଚିନ୍ମୟଙ୍କ ଜାମିନ ଅଧିକାର ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏହି ବୈଠକରେ ବାଂଲାଦେଶ ବୌଦ୍ଧ ସଂଘର ମୁଖ୍ୟ ପରାମର୍ଶଦାତା ସୁକୋମାଲ ବାରୁଆ ଶାନ୍ତି ଏବଂ ଏକତା ପାଇଁ ଏକ ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜନ କରିବାକୁ ପ୍ରସ୍ତାବ ଦେଇଛନ୍ତି । ରାମନା ହରିଚନ୍ଦ ମନ୍ଦିରର ସହକାରୀ ସଚିବ ଅବିନାଶ ମିତ୍ର କହିଛନ୍ତି ଯେ, ହିନ୍ଦୁ ସମ୍ପ୍ରଦାୟ ଏହାର ଅଭିଯୋଗ ଆଣିଛି ଏବଂ ୟୁନୁସ୍ ଧୈର୍ଯ୍ୟର ସହ ସେମାନଙ୍କ କଥା ଶୁଣିଛନ୍ତି ।

# ଆଉ ଏକ ମହାମାରୀ କବଳରେ ବିଶ୍ୱ

**ନୂଆଦିଲ୍ଲୀ,୮।୧୨(ଏଜେନ୍ସି):** କରୋନା କବଳରୁ ବାହାରି ଥିବା ଦୁନିଆ ପାଇଁ ଆଫ୍ରିକାରୁ ଏକ ଖରାପ ଖବର ସାମନାକୁ ଆସିଛି । ଆଫ୍ରିକା ଦେଶର କଙ୍ଗୋରେ ଏକ ଅଜଣା ସଂକ୍ରମଣରେ ୭୯ ଜଣ ଲୋକଙ୍କ ମୃତ୍ୟୁ ହୋଇଛି। ରୋଗ ଓ ଏହାର ଗମ୍ଭୀରତାକୁ ଦେଖି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିଜର ଟିମକୁ ଗ୍ରାଉଣ୍ଡ ଜିରୋକୁ ପଠାଇଛି। କଙ୍ଗୋ ଓ WHOର ଟିମରେ ଲଗାତାର ଏହି ଇନଫେକ୍ସନର କାରଣକୁ ଖୋଜିବାରେ ଲାଗିଛନ୍ତି । ଅକ୍ଟୋବରରୁ ଆରମ୍ଭ ହୋଇ ଥିବା ଏହି ସଂକ୍ରମଣରେ ସଂକ୍ରମିତ ହୋଇଥିବା ଏବେ ୩୭୬ଟି ମାମଲା ଆସି ସାରିଛି । ଏଥିରେ ୫ ବର୍ଷରୁ କମ୍ ବୟସର ୨୦୦ ଶିଶୁ ସାମିଲ ଅଛନ୍ତି। ଆଫ୍ରିକାର ରୋଗ ନିୟନ୍ତ୍ରଣ ଓ ପ୍ରତିରୋଧ କେନ୍ଦ୍ରର ନିର୍ଦ୍ଦେଶକ ଜିନ କାସିଆଙ୍କ ମୁତାବିକ, ଏହି ସଂକ୍ରମଣ( ଇନଫେକ୍ସନ)ରେ ଜ୍ୱର,ମୁଣ୍ଡବ୍ୟଥା, କାଶ ଓ ନିଶ୍ୱାସ ନେବାରେ ମୁସ୍କିଲ ଓ ଆନିମିଆ ଭଳି ଲକ୍ଷଣ ଦେଖା ଦେଇ ଥାଏ। ଏହି ରୋଗର ପ୍ରଥମ କେସ୍ ୨୪ ଅକ୍ଟୋବରରେ କାଙ୍ଗୋର ପାଞ୍ଜି କ୍ଷେତ୍ରରେ ସାମନାକୁ ଆସିଥିଲା । କାସିଆ ଗୁରୁବାର ମିଡ଼ିଆକୁ କହିଛନ୍ତି , ଆମର ପାଖାପାଖି ୫ରୁ ୬ ସପ୍ତାହର ବିଳମ୍ବ ହୋଇଛି । ଯଦି ଆମେ ଏହି ରୋଗର ଯାଞ୍ଚ ପୂର୍ବରୁ ଆରମ୍ଭ କରି ଦେଇଥାନ୍ତୁ ତ, ଏତେ ସମୟରେ ବହୁତ କିଛି ହୋଇ ପାରିଥାନ୍ତା। ହେଲେ ଆମର ପରୀକ୍ଷଣ ଏବେ ଚାଲିଛି । ଆମର ଆଶା କି, ଆମେ ଖୁବ୍ ଶୀଘ୍ର ଏହା ବିଷୟରେ ଆହୁରି ସୂଚନା ସଂଗ୍ରହ କରି ଦେବୁ । ନ୍ୟାସନାଲ ପବ୍ଲିକ୍ ହେଲଥ୍ ଇନଷ୍ଟିଚ୍ୟୁଟର ମହାନିର୍ଦ୍ଦେଶକ ଡାୟଡୋନୋ ମୁମ୍ବାଙ୍କ ଅନୁସାରେ, ଏହି ରୋଗ ଫ୍ଲୁର ବ୍ୟାପିବା ପରେ ସାମନାକୁ ଆସିଛି । ଆମର ମେଡିକାଲ ବିଶେଷଜ୍ଞଙ୍କୁ ସନ୍ଦେହ କି ଏହି ରୋଗ ବାୟୁରେ ବ୍ୟାପି ଥାଏ । ଏବେ ଆମେ ରୋଗୀଙ୍କ ନମୂନାର ଯାଞ୍ଚ କରୁଛୁ । କୋଭିଡ୍-୧୯ ମହାମାରୀ ପରେ ଦେଶର ସୀମା ଗୁଡ଼ିକୁ ବନ୍ଦ ହେବା ସହ ଆର୍ଥିକ ଓ ସାମାଜିକ ପ୍ରସାର ସଂପୂର୍ଣ୍ଣ ରୂପେ ବନ୍ଦ ହୋଇ ଯାଇ ଥିଲା । ଆଫ୍ରିକାରେ ପୁଣି ଥରେ ନୂଆ ଇନଫେକ୍ସନ ବ୍ୟାପିବା ଜଣାଯିବା ପରେ ସାରା ବିଶ୍ୱରେ ଚିନ୍ତା ବଢି ଯାଇଛି। ଚଳିତ ବର୍ଷର ଆରମ୍ଭରେ ମଧ୍ୟ ଆଫ୍ରିକାରେ ଏମପକ୍ସ ଭାଇରସ ନିଜର ପ୍ରକୋପ ଦେଖାଇ ଥିଲା । ଯାହାକୁ ନେଇ ପରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ମଧ୍ୟ ଏମର୍ଜେନ୍ସି ଘୋଷିତ କରିଥିଲା । କିନ୍ତୁ ଆଫ୍ରିକାର ବାହାରେ ଏହି ଭାଇରସର ପ୍ରକୋପକୁ ନିୟନ୍ତ୍ରିତ କରି ନିଆ ଯାଇଛି । ଆଫ୍ରିକାରେ ନୂଆ ସଂକ୍ରମଣକୁ ଦେଖି ହାଙ୍ଗକାଙ୍ଗ ଘୋଷଣା କରିଛି ଯେ ,ସେମାନେ ଜୋହାନ୍ସବର୍ଗ ଓ ଅଦିସ ଅବାବାରୁ ଆସୁଥିବା ଯାତ୍ରୀଙ୍କ ସ୍କ୍ରିନିଂକୁ ଆହୁରି ବଢାଇବେ । ଜାପାନର ବିଦେଶ ମନ୍ତ୍ରଣାଳୟ ମଧ୍ୟ ନିଜର ନାଗରିକଙ୍କୁ ଏହି ଦେଶକୁ ଯାତ୍ରା ନକରିବାକୁ ପରାମର୍ଶ ଦେଇଛ ।

# ୪% ମହଙ୍ଗା ହେବ ମାରୁତି କାର୍

**ନୂଆଦିଲ୍ଲୀ,୮।୧୨(ଏଜେନ୍ସି):** ହ୍ୟୁଣ୍ଡାଇ ମାଟର ଇଣ୍ଡିଆ ପରେ ଏବେ ଦେଶର ପ୍ରମୁଖ କାର୍ କମ୍ପାନୀ ମାରୁତି ସୁଜୁକି ଆସନ୍ତା ମାସରୁ କାର୍ ମୂଲ୍ୟ ବାଢ଼ବା ଲାଗି ଘୋଷଣା କରିଛି । କମ୍ପାନୀ ପ୍ରସ୍ତୁତ କରୁଥିବା ଏହାର ସମ୍ପୂର୍ଣ୍ଣ ଲାଇନ୍ଅପ୍ରେ ମଡେଲ ଗୁଡ଼ିକ ଉପରେ ୪% ଯାଏ ବଢ଼ିବ ଦର ।ବର୍ଦ୍ଧିତ ଦର ଜାନୁଆରୀ ପହିଲାରୁ ଲାଗୁ ହେବ । ଷ୍ଟକ ବଜାର ଫାଇଲିଂରେ କମ୍ପାନୀ ଏ ନେଇ ସୂଚନା ଦେଇଛି । ଗୁରୁବାର ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ ନୂଆ ବର୍ଷରୁ ଏହାର ସବୁ ମଡେଲ ଦର ୨୫ ହଜାର ଟଙ୍କା ଯାଏ ବାଢ଼ବାକୁ ଘୋଷଣା କରିଥିଲା । ଏହାବାଦ ମର୍ସିଡିଜ ବେଞ୍ଜ, ବିଏମ୍ଡବ୍ଲ୍ୟୁ, ଅଡି ଭଳି କାର୍ ଗୁଡ଼ିକ ନୂଆ ବର୍ଷରୁ ମହଙ୍ଗା ହେବ ବୋଲି ଜଣାପଡିଛି ।

# ନୀତିଶଙ୍କୁ ଘେରିଲେ ତେଜସ୍ୱୀ

**ନୂଆଦିଲ୍ଲୀ,୮।୧୨(ଏଜେନ୍ସି):** ବିହାର ବିଧାନସଭାରେ ବିରୋଧି ଦଳ ନେତା ତେଜସ୍ୱୀ ଯାଦବ ପୁଣିଥରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କୁ ନେଇ ବୟାନବାଜି । ସେ କହିଛନ୍ତି, ନୀତିଶ କୁମାର ବିହାରର ସ୍ପେଶାଲ ଷ୍ଟାଟସର ଦେବାର କଥା ସମ୍ପୂର୍ଣ୍ଣ ଭୁଲି ଗଲେ । ତେଜସ୍ୱୀ ଶେଖରପୁରାରେ ଏହି କଥା କହିଛନ୍ତି । ସେ ଏହା ମଧ୍ୟ କହିଛନ୍ତି ଯେ, ନୀତୀଶ କୁମାରଙ୍କ ପାଇଁ ଏହା ସବୁଠାରୁ ଭଲ ସୁଯୋଗ, କାରଣ କେନ୍ଦ୍ର ସରକାର ତାଙ୍କ ଭରସାରେ ଚାଲିଛି । ବର୍ତ୍ତମାନ ତାଙ୍କୁ କେନ୍ଦ୍ର ସରକାରଙ୍କଠାରୁ ନିଜ କଥା ମନେଇନେବା ଦରକାର । ତେଜସ୍ୱୀ ଆଜିକାଲି ବିହାରର ବିଭିନ୍ନ ଜିଲ୍ଲା ଗସ୍ତ କରୁଛନ୍ତି । ଏହି କ୍ରମରେ ଶେଖରପୁରରେ ସାମ୍ବାଦିକଙ୍କ ସହ କଥା ହୋଇ ବିରୋଧି ଦଳ ନେତା ନୀତୀଶ କୁମାରଙ୍କୁ ଘେରିଥିଲେ। ସେ କହିଥିଲେ, ଏବେ କେନ୍ଦ୍ରରେ ଏନ୍ଡିଏର ସରକାର ରହିଛି ଓ ବିହାରରେ ଡବଲ ଇଞ୍ଜିନର ସରକାର ଅଛି । ନୀତିଶ ପୂର୍ବରୁ କହି ଆସୁଛନ୍ତି ଯେ, ବିହାର ପଛୁଆ ଓ ଗରିବଙ୍କ ରାଜ୍ୟ । ଆଗକୁ ବଢିବା ପାଇଁ ରାଜ୍ୟକୁ କେନ୍ଦ୍ରଠାରୁ ସହଯୋଗ ନେବା ଦରକାର। କିନ୍ତୁ ଏବେ ନିଜର ଦାବି କାହିଁକି ରଖୁ ନାହାନ୍ତି । କେନ୍ଦ୍ର ସରକାରରେ ନୀତୀଶ ବସିଛନ୍ତି ଓ ବିହାରରେ ମଧ୍ୟ ତାଙ୍କ ସରକାର ରହିଛି। ସ୍ଥିତି ଏଭଳି ଯେ, କେନ୍ଦ୍ର ସରକାର ତାଙ୍କ ପାର୍ଟି ସମର୍ଥନ ଉପରେ ଆଧାରିତ ରହିଛି । ତେଣୁ ବିଶେଷ ରାଜ୍ୟର ପାହ୍ୟା ଏବେ ନାହିଁ ତ କେବେ ? ସିଏମ୍ଙ୍କ ପାଇଁ ଏହା ସବୁଠାରୁ ଭଲ ସମୟ, ଯେତେବେଳେ ସେ ଭାରତ ସରକାରଙ୍କଠାରୁ ନିଜର କଥା ମନାଇ ପାରିବେ । କିନ୍ତୁ ସେ ଏଭଳି କରୁନାହାନ୍ତି, କାରଣ ତାଙ୍କୁ ବିହାରର ଜନତା ଓ ରାଜ୍ୟର ବିକାଶ ସହ କିଛି ସମ୍ପର୍କ ନାହିଁ ।



# କୃଷକ-ପୁଲିସ ମୁହାଁମୁହିଁ ପରିସ୍ଥିତି; ୪ ଗୁରୁତର

**ନୂଆଦିଲ୍ଲୀ,୮।୧୨(ଏଜେନ୍ସି):** ପୋଲିସ ସହ ପୁଣି ଧସ୍ତାଧସ୍ତି ପରେ କୃଷକମାନେ ରବିବାର ସେମାନଙ୍କ ବିରୋଧ ସ୍ଥଗିତ ରଖିଛନ୍ତି । ଚାଷୀ ନେତା ପାନ୍ଧେର୍ କହିଛନ୍ତି ଯେ, ଆହତ ଚାଷୀଙ୍କ ଅବସ୍ଥା ଦେଖିବା ପରେ ସେ ଆସନ୍ତାକାଲି ବିରୋଧ ଜାରି ରଖିବେ କି ନାହିଁ ତାହା ସ୍ଥିର କରିବେ । ଆଜିର ପରିସ୍ଥିତିର ସମୀକ୍ଷା କରିବେ ବୋଲି ସେ କହିଛନ୍ତି । ଏହାପୂର୍ବରୁ ଦିଲ୍ଲୀ ଯାଉଥିବା ୧୦୧ କୃଷକଙ୍କୁ ପୁଲିସମାନେ ଶମ୍ଭୁ ସୀମାରେ ଅଟକାଇଥିଲେ । ଏହି କୃଷକମାନଙ୍କୁ ଦିଲ୍ଲୀ ଅଭିମୁଖେ ଯିବାକୁ ଦିଆଯାଇନଥିଲା । ତେବେ କୃଷକମାନେ ଦିଲ୍ଲୀ ଯିବାକୁ ଜିଦ୍ ଧରିଥିଲେ ଏବଂ ଏହା ପରେ ସେମାନଙ୍କର ପୋଲିସ ସହ ସଂଘର୍ଷ ହୋଇଥିଲା । ଏହାରି ଭିତରେ ପୋଲିସ ଚାଷୀଙ୍କୁ ମୁକାବିଲା କରିବା ପାଇଁ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲା । ଏଥିରେ ୪ ଜଣ କୃଷକ ଆହତ ହୋଇଛନ୍ତି । କୃଷକ ସଂଗଠନ ଦ୍ୱାରା ଦିଆଯାଇଥିବା ୧୦୧ କୃଷକଙ୍କ ନାଁ ପାଖରେ ଉପଲବ୍ଧ ଅଛି ବୋଲି କହିଛି ପୋଲିସ । ଅବଶ୍ୟ ଯେଉଁ ଚାଷୀମାନଙ୍କ ତାଲିକା ପୁଲିସ ପାଇଛି, ସେଥିରେ ବିକ୍ଷୋଭକାରୀଚାଷୀଙ୍କ ନାଁ ନାହିଁ । ଏହା ପରେ, ଶମ୍ଭୁ ସୀମାରେ ପରିସ୍ଥିତି ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ ହୋଇପଡିଛି । ସର୍ବନିମ୍ନ ସହାୟତା ମୂଲ୍ୟ (ଏମଏସପି) ପାଇଁ ଆଇନଗତ ଗ୍ୟାରେଣ୍ଟି ସମେତ ବିଭିନ୍ନ ଦାବି ଉପରେ କେନ୍ଦ୍ର ଉପରେ ଚାପ ପକାଇବା ପାଇଁ ପଞ୍ଜାବ-ହରିୟାଣା ସୀମାରେ ୧୦୧ କୃଷକଙ୍କ ଏକ ଗୋଷ୍ଠୀ ବିରୋଧ କରିଥିଲେ । ରବିବାର ମଧ୍ୟାହ୍ନ ପରେ କୃଷକମାନେ ଦିଲ୍ଲୀ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ । ପୁଲିସ କିନ୍ତୁ ସେଠାରେ ଚାଷୀମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ସୁଦ୍ଧା ପରିସ୍ଥିତିକୁ ନଜରରେ ରଖି ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲା । ସୂଚନାଥାଉକି, ସେପ୍ଟେମ୍ବର ୨ ରେ ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ଏକ ଆବେଦନର ଶୁଣାଣି ବେଳେ ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ନବାବ ସିଂଙ୍କ ନେତୃତ୍ୱରେ ଏକ ୫ ଜଣିଆ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଗଠନ କରିଥିଲେ । କମିଟିକୁ କୃଷକମାନଙ୍କ ସହିତ ଏମଏସପି ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରିବାକୁ କୁହାଯାଇଥିଲା। ବ୍ୟାରିକେଡ୍ ହଟାଇବାକୁ ନେଇ ଚାଷୀ ସଗଠନର ଆବେଦନକୁ ନେଇ ଚାଷୀଙ୍କ ସହ କଥାବାର୍ତ୍ତା କରିବାକୁ କୋର୍ଟ ମଧ୍ୟ ଏହି କମିଟିକୁ କହିଛନ୍ତି । ସୁପ୍ରିମକୋର୍ଟ ମଧ୍ୟ ଚାଷୀଙ୍କୁ ସେମାନଙ୍କ ଆନ୍ଦୋଳନକୁ ରାଜନୀତିକରଣ ନକରିବାକୁ କହିଥିଲେ।

# ଇଣ୍ଡି ମେଣ୍ଟର ନେତୃତ୍ୱ ନେବାକୁ ଚାହୁଁଛନ୍ତି ମମତା

**ମୁମ୍ବାଇ,୮।୧୨(ଏଜେନ୍ସି):** ଇଣ୍ଡି ମେଣ୍ଟରେ ତୁତୁମେଁମେଁ ଜାରି ରହିଛି । ହରିୟାଣା ଏବଂ ମହାରାଷ୍ଟ୍ରରେ ପରାଜୟ ପରେ କଂଗ୍ରେସକୁ ମୁଖ୍ୟ ପଦରୁ ହଟାଇବାକୁ ଦାବି ଜୋର ଧରିଛି । ତୃଣମୂଳ କଂଗ୍ରେସ (ଟିଏମସି)ର ମୁଖ୍ୟ ମମତା ବାନାର୍ଜୀ ଇଣ୍ଡି ମେଣ୍ଟର ମୁଖ୍ୟ ହେବାକୁ ଖୁବ ଆଗ୍ରହ ପ୍ରକାଶ କରିଛନ୍ତି । ଆଉ ସବୁଠୁ ବଡ଼ କଥା ହେଉଛି, ମମତା ବାନାର୍ଜୀଙ୍କୁ ସାହାଯ୍ୟ କରିବାକୁ ଇଣ୍ଡି ମେଣ୍ଟର ଅନ୍ୟ ଦଳ ଆଗକୁ ଆସିଛନ୍ତି । କିନ୍ତୁ ଏହାକୁ କଂଗ୍ରେସ ନାପସନ୍ଦ କରିଛି ଏବଂ ଏହାକୁ ହାସ୍ୟାସ୍ପଦ ବୋଲି କହିଛି । କଂଗ୍ରେସ ନେତା ଉଦିତ ରାଜ କହିଛନ୍ତି ଯେ, 'ପଶ୍ଚିମବଙ୍ଗରେ ଟିଏମସି ବିଜୟୀ ହେବା ପରେ ଜାତୀୟ ସ୍ତରରେ ନେଟୱର୍କ ବିଛାଇବାକୁ ଚେଷ୍ଟା କରୁଛି । ସେମାନେ ସଂଘର୍ଷ କରୁଥିବା ବେଳେ କିଭଳି ଜାତୀୟ ସ୍ତରରେ ନିଜର କାୟା ବିସ୍ତାର କରିବେ ?' ଏଥିରୁ ଜଣାପଡ଼ୁଛି ଯେ, ଯେଉଁମାନେ ନିଜ ଦଳକୁ ବେଙ୍ଗଲ ବାହାରକୁ ନେଇପାରୁ ନାହାନ୍ତି, ସେମାନେ କିଭଳି ଜାତୀୟ ସ୍ତରକୁ ଆସିପାରିବେ ବୋଲି ଉଦିତ ରାଜ ପ୍ରଶ୍ନ କରିଛନ୍ତି । କଂଗ୍ରେସ ନେତା ରାଜେଶ ଠାକୁର କହିଛନ୍ତି, ସେ (ମମତା ବାନାର୍ଜୀ) କେବଳ ଗଣମାଧ୍ୟମ ପ୍ରଶ୍ନର ଉତ୍ତର ରଖୁଛନ୍ତି । ଏହା ଅର୍ଥ ନୁହେଁ ସେ ଇଣ୍ଡି ମେଣ୍ଟର ନେତୃତ୍ୱ ନେବେ । ଏନସିପି ସାଂସଦ ସୁପ୍ରିୟା ସୁଲେ କହିଛନ୍ତି ଯେ, ମମତା ବାନାର୍ଜୀଙ୍କୁ ଅଧିକ ଦାୟିତ୍ୱ ମିଳିଲେ ଟିଏମସି କର୍ମୀ ଖୁସି ହେବେ । ଗଣତାନ୍ତ୍ରିକ ରାଷ୍ଟ୍ରରେ ବିରୋଧୀଙ୍କ ଭୂମିକା ଖୁବ ଅଧିକ । ଯଦି ମମତା ବାନାର୍ଜୀ ଅଧିକ ଦାୟିତ୍ୱ ନେବାକୁ ଚାହୁଁଛନ୍ତି ତେବେ ତାଙ୍କୁ ଦେବା ଦରକାର । ଶିବସେନା ନେତା ସଂଜୟ ରାଉତଙ୍କ ଅନୁସାରେ, ମମତା ବାନାର୍ଜୀଙ୍କୁ ଇଣ୍ଡି ମେଣ୍ଟରେ ବଡ଼ ଦାୟିତ୍ୱ ମିଳିଲେ ସେ ଖୁସି ହେବେ । ଏପରିକି ସେ କୋଲକାତା ଯାଇ ମମତାଙ୍କ ସହ ଆଲୋଚନା କରିବେ ବୋଲି ସଂଜୟ ରାଉତ କହିଛନ୍ତି । ମମତା ବାନାର୍ଜି ହୁଅନ୍ତୁ କିମ୍ବା ଅରବିନ୍ଦ କେଜ୍ରିୱାଲ ବା ଶିବସେନା ଆମେ ସମସ୍ତେ ଏକାଠି ଅଛୁ ବୋଲି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଶିବସେନା ନେତା ସଂଜୟ ରାଉତ ।

